

ନର୍ସ ଭୂମିକାରେ କଙ୍ଗନା

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-257 ♦MONDAY ♦16 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୫୭ ♦ସୋମବାର ♦୧୬ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**୫ ରାଜ୍ୟରେ ନିର୍ବାଚନ**

## ଦୁଇ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଭୋଟ

■ନୂଆଦିଲ୍ଲୀ, ୧୫।୩ (ଏଜେନ୍ସି): ଏସଆଇଆର୍ ବିସ୍ଫୋରଣ ମଧ୍ୟରେ ନିର୍ବାଚନ କମିସନ ଆଜି ପଶ୍ଚିମ ବଙ୍ଗ ସମେତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଏପ୍ରିଲ ମାସ ୯ ତାରିଖରେ ମତଦାନ ଆରମ୍ଭ ହେବାକୁ ଥିବା ବେଳେ ସେହି ମାସ ୨୯ରେ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ପଶ୍ଚିମ ବଙ୍ଗକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ମତଦାନ କରାଯିବ। ଆସାମ, କେରଳ ଓ ପୁଡୁଚେରିରେ ଏପ୍ରିଲ ୯ ତାରିଖରେ ଭୋଟ ଗ୍ରହଣ କରାଯିବାକୁ ଥିବା ବେଳେ ତାମିଲନାଡୁରେ ମଧ୍ୟ ଗୋଟିଏ ପର୍ଯ୍ୟାୟରେ ୨୩ ତାରିଖରେ ମତଦାନ କରାଯିବ। ତେବେ ପଶ୍ଚିମବଙ୍ଗରେ ୨୩ ଏବଂ ୨୯ ତାରିଖରେ ନିର୍ବାଚନ ହେବ। ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ତାରିଖ ଘୋଷଣା କରି କମିସନ କହିଛନ୍ତି ଯେ ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ୧୫୨ ଏବଂ ଦ୍ୱିତୀୟରେ ୧୪୨ ଆସନରେ ଲୋକେ ନିଜ ମତାଧିକାର ସାବ୍ୟସ୍ତ କରିବେ। ମାତ୍ର ସବୁ ରାଜ୍ୟର ନିର୍ବାଚନୀ ଫଳାଫଳ ଏକାଥରକେ ମେ' ୪ ପ୍ରକାଶ ପାଇବ। ଏଥିସହିତ ନିର୍ବାଚନୀମୁହାଁ ଏହି ରାଜ୍ୟରେ ତତ୍କାଳ ଆଦର୍ଶ ▶ପୃଷ୍ଠା-୭

> ଏପ୍ରିଲ ୯ରୁ ଆରମ୍ଭ, ୨୯ରେ ଶେଷ; ମେ' ୪ରେ ଫଳାଫଳ
>
> ଆସାମ, କେରଳ, ପୁଡୁଚେରୀରେ ୯ରେ ମତଦାନ
>
> ତାମିଲନାଡୁରେ ଏପ୍ରିଲ ୨୩ରେ ଭୋଟ୍
>
> ପଶ୍ଚିମବଙ୍ଗରେ ୨୩ ଓ ୨୯

# ଆଜି ରାଜ୍ୟସଭା ଭୋଟ

## ୧୦ ବିଧାୟକଙ୍କ ଉପରେ ରାଜ୍ୟର ନଜର



ନିର୍ବାଚନ ମଇଦାନରେ ମନମୋହନ, ସୁଜିତ, ସଂତୃପ୍ତ, ଦତ୍ତେଶ୍ୱର ଓ ଦିଲୀପ

■ ଭୁବନେଶ୍ୱର, ୧୫।୩ (ସମିସ): ରାତି ପାହିଲେ ରାଜ୍ୟସଭାର ୪ ଆସନ ପାଇଁ ଭୋଟଗ୍ରହଣ ହେବ। ଘୋଡ଼ା ବେପାର, ରିସର୍ଟ ରାଜନୀତି ଓ କିଛି ବିଧାୟକଙ୍କ ଲୁଚକାଳି ଖେଳକୁ ନେଇ ରାଜ୍ୟ ରାଜନୀତିରେ ସୃଷ୍ଟି କରିଥିବା କମ୍ପନ ଆସନ୍ତାକାଲି ଶେଷ ହେବ। ଚତୁର୍ଥ ଆସନ ହାତେଇବା ପାଇଁ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପାଇଁ ବିଜେଡି ଓ କଂଗ୍ରେସ ନିଜ ନିଜ ରଣନୀତି ଅନୁଯାୟୀ ଆଗକୁ ବଢ଼ୁଛନ୍ତି। ମାତ୍ର ବିଜେଡିର୨ ଏବଂ କଂଗ୍ରେସର ଜଣେ ବିଧାୟକଙ୍କ ଆକସ୍ମିକ ଅନ୍ତର୍ଦ୍ଧାନ ରାଜ୍ୟ ରାଜନୀତିକୁ ରୋଚକ କରିଛି। ଉଭୟ ଦଳ ପକ୍ଷରୁ ନିଜ ନିଜ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ▶ପୃଷ୍ଠା-୭

> ଶେଷରାତିରେ ୩ ଦଳର ଭିନ୍ନଭିନ୍ନ ବୈଠକ
>
> ସନ୍ଦେହଘେରରେ ବିଜେଡିର ୨, ବିଜେପିର ୨, ଦୁଇ ସ୍ୱାଧୀନ ଓ କଂଗ୍ରେସର ଜଣେ ବିଧାୟକ

**ଘୋଡ଼ା ବେପାର ଅଭିଯୋଗ**

## ୪ଜଣଙ୍କୁ ବାନ୍ଧିଲା କର୍ଣ୍ଣାଟକ ପୁଲିସ

■ ଭୁବନେଶ୍ୱର, ୧୫।୩ (ସମିସ): ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ବିଜେପି ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିରୋଧରେ ବଡ଼ ଅଭିଯୋଗ ଆଣିଛି କଂଗ୍ରେସ। ବେଙ୍ଗାଲୁରୁରେ ଏକ ହୋଟେଲରେ କଂଗ୍ରେସର ୮ ବିଧାୟକ ଥିବାବେଳେ ସେମାନଙ୍କୁ ଦିଲ୍ଲୀପ ରାୟଙ୍କ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଲୋଭନ ଦେଖାଯାଇଛି। ଦିଲ୍ଲୀପଙ୍କ ସପକ୍ଷରେ ଭୋଟ ୫ କୋଟି ଟଙ୍କା ଯଚାଯାଇଥିବା ଓ ବ୍ୟାଙ୍କ ଚେକ୍ ପ୍ରଦାନ ପାଇଁ ଉଦ୍ୟମ ହୋଇଥିବା ଅଭିଯୋଗ କରିଛନ୍ତି କଂଗ୍ରେସର କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ଏ ସମ୍ପର୍କରେ ଅଭିଯୋଗ ପରେ କର୍ଣ୍ଣାଟକ ପୁଲିସ ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଅଜିତ ସାହୁ, ରାଉରକେଲାର ବୀରେନ୍ଦ୍ର ପ୍ରସାଦ, ▶ପୃଷ୍ଠା-୭

> କଂଗ୍ରେସ ବିଧାୟକଙ୍କୁ କିଣିବା ଉଦ୍ୟମ!
>
> ଜଣକା ୫ କୋଟି ଟଙ୍କା ଅଫର: କଂଗ୍ରେସ


**ଭିତର ପୃଷ୍ଠାରେ...**

- କରଞ୍ଜିଆରେ କାଳବୈଶାଖୀ ତାଣ୍ଡବ; ୨ ଗାଁ ଛାରଖାର୍; ୨ ମୃତ
- କଳିଙ୍ଗାରେ କଶ୍ମୀରର ଭ୍ରମ: କୁଆପଥରରେ ଢାଙ୍କି ହୋଇଗଲା ରାସ୍ତା
- ନେତନ୍ୟାହୁ ମୃତ ! ଇସ୍ରାଏଲ କହିଲା ଗୁଜବ



SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KISS

Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 Tribal children



KISS HUMANITARIAN AWARD 2025

16th March 2026



Smt. Nita M. Ambani, Founder and Chairperson, Reliance Foundation receiving the prestigious KISS Humanitarian Award 2025

PAST RECIPIENTS
- **Mr. Bill Gates** Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**
- **Her Excellency Mama Rachel Ruto, EGH** First Lady of the Republic of **Kenya (2022)**
- **Mr. Ratan Naval Tata,** Chairman Emeritus, Tata Sons **(2021)**
- **Dr. Ary S Graça** President-International Volleyball Federation (FIVB) **(2020)**
- **Dr. Dansa KOUROUMA** President, National Transition Council of Guinea, **Guinea (2019)**
- **Professor Muhammad Yunus** (Nobel Laureate) Founder, Grameen Bank, **Bangladesh (2018)**
- **His Holiness The 14th Dalai Lama** Nobel Laureate, 2005 and Spiritual Leader **(2017)**
- **Ms. Ashley Judd,** Hollywood Actor, Activist & Global Goodwill Ambassador, **UNFPA (2016)**
- **His Excellency Dr Alejandro Toledo,** Former President of **Peru (2015)**
- **Ms. Anne F. Stenhammer** Former Regional Programme Director, UN Women, **South Asia Regional Office (2014)**
- **Madam Albina Du Boisrouvray** Founder, Association François-Xavier Bagnoud (FXB International), **Switzerland (2013)**
- **His Excellency Lyonchhen Jigmi Y. Thinley** Hon'ble Prime Minister, The Royal Government of **Bhutan (2012)**
- **Rt Hon. Lord Nicholas Addison Phillips** President (Chief Justice) of the Supreme Court of the **United Kingdom (2011)**
- **Rt. Hon. Sir Anerood Jugnauth** Eminent Social Worker & His Excellency the President of **Mauritius (2010)**
- **Dr. Ham Kee-Sun** Eminent Educationist & Physician and Hon'ble President & Founder, Hanseo University, **South Korea (2009)**
- **Ms. Edna Bomo Molewa** Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

AWARDEES ARE FROM: 5 Continents | 13 Countries | 2 Nobel Laureates among the awardees

Chief Guest: **Prof. Mohan Munasinghe**, Nobel Laureate from Sri Lanka

• KISS Humanitarian Award Founded by Dr. Achyuta Samanta, Founder, KIIT-KISS-KIMS

• Watch Live on Kalinga TV from 5.00 p.m. onwards

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta



ସକାଳ THE SAKALA
www.sakalaepaper.com

## ହାଇଦରାବାଦ୍ ଡ୍ରଗ୍ସ ପାର୍ଟି; ଟିଡିପି ସାଂସଦ ଅଟକ

**ହାଇଦରାବାଦ,୧୫ ।୩(ଏଜେନ୍ସି):** ହାଇଦରାବାଦ୍‌ର ମୋଇନାବାଦ୍ ଅଞ୍ଚଳରେ ଥିବା ଏକ ଫାର୍ମ ହାଉସ୍‌ରେ ଶନିବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରି ଏକ ଡ୍ରଗ୍ସ ପାର୍ଟିର ପର୍ଦ୍ଦାଫାଶ କରିଛି। ଏହି ପାର୍ଟିରୁ ୧୧ଜଣଙ୍କୁ ଅଟକ ରଖାଯାଇଛି। ଏମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ଟିଡିପି ସାଂସଦ ପୁଟ୍ଟା ମହେଶ କୁମାର ଯାଦବ,ବିଆରଏସ୍ ନେତା ପାଇଲଟ ରୋହିତ ରେଡ୍ଡୀ ଓ ରାଜସ୍ଥାନର ଜଣେ ପୂର୍ବତନ ବିଧାୟକ ସାମିଲ ଅଛନ୍ତି। ଚଢ଼ାଉ ବେଳେ ପୁଲିସ ଫାର୍ମହାଉସ୍‌ରୁ ପ୍ରାୟ ଦୁଇ ଗ୍ରାମ କୋକେନ ଜବତ କରିଛି। ଡ୍ରଗ୍ସ ଟେଷ୍ଟରେ ଅଟକ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବିଆରଏସ୍ ନେତା ରୋହିତ ରେଡ୍ଡୀ ଓ ରାଜସ୍ଥାନର ପୂର୍ବତନ ବିଧାୟକ କୋକେନ ପରୀକ୍ଷା ରିପୋର୍ଟରେ ପଜିଟିଭ ଆସିଛନ୍ତି। ତେବେ ଟିଡିପି ସାଂସଦ ପୁଟ୍ଟା ମହେଶ କୁମାର ଯାଦବଙ୍କ ରିପୋର୍ଟ ନେଗେଟିଭ ଆସିଥିବା ସୂଚନା ମିଳିଛି। ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି ଓ ଅଟକ ଥିବା ବ୍ୟକ୍ତିଙ୍କୁ ପଚାରଉଚାର କରୁଛି।

## ନେପାଳରେ ଭାରତୀୟ ତୀର୍ଥଯାତ୍ରୀଙ୍କ ବସ ଓଲଟି ୭ ମୃତ

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ନେପାଳର ଗୋର୍ଖା ଜିଲ୍ଲାରେ ଶନିବାର ରାତିରେ ଏକ ଭାରତୀୟ ତୀର୍ଥଯାତ୍ରୀଙ୍କ ବସ୍ (ମାଇକ୍ରୋବସ୍) ୨୦୦ ଫୁଟ ଗଭୀର ଖାଇ ଖସିପଡ଼ିବା ସହ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ ଜଣ ଭାରତୀୟ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୭ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଯାତ୍ରୀମାନେ ପ୍ରସିଦ୍ଧ ମନକାମନା ମନ୍ଦିର ଦର୍ଶନ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଓ ୨ ଜଣ ମହିଳା ଅଛନ୍ତି। ଆହତମାନଙ୍କୁ ଚିତୱନ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି। ବସ୍‌ର ଡ୍ରାଇଭର ସୁରକ୍ଷିତ ଥିବା ବେଳେ ତାଙ୍କ ସହକାରୀ ଆହତ ହୋଇଛନ୍ତି। ଉଲ୍ଲେଖଥାଉ କି, ୱାର୍ଲ୍ଡ ବ୍ୟାଙ୍କର ଏକ ଅଧ୍ୟୟନ ଅନୁସାରେ ୨୦୦୭ ପରେ ନେପାଳରେ ସଡ଼କ ଦୁର୍ଘଟଣାରୁ ହେଉଥିବା ଅର୍ଥନୈତିକ କ୍ଷତି ୩ଗୁଣା ବଢ଼ିଛି। ନେପାଳରେ ଦୁର୍ଘଟଣା ହେବାର ମୁଖ୍ୟ କାରଣଗୁଡ଼ିକ ହେଲା ପାହାଡ଼ିଆ ରାସ୍ତା ଓ ଗଭୀର ଖାଇ, ସଂକୀର୍ଣ୍ଣ ଓ ଖରାପ ରାସ୍ତା, ଭାରି ବର୍ଷା ଓ ଭୂସ୍ଖଳନ, ଭୂକମ୍ପ ଓ ଭୂଗର୍ଭ ଅସ୍ଥିରତା, ପୁରୁଣା ଗାଡ଼ି ଓ ଅନଭିଜ୍ଞ ଡ୍ରାଇଭର। ଏହା ପୂର୍ବରୁ ଗତ ଫେବୃଆରୀରେ ମଧ୍ୟ ଏକ ବଡ଼ ଦୁର୍ଘଟଣା ଘଟିଥିଲା ଓ ଏଥିରେ ୧୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୫ ଜଣ ଆହତ ହୋଇଥିଲେ।

## କେଜ୍ରିୱାଲଙ୍କ ଅନୁରୋଧକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟ୍‌କା ମିଳିଛି। କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ ଯେ, ତାଙ୍କ ବିରୋଧରେ ଚାଲିଥିବା ଅବକାରୀ ନୀତି ମାମଲାକୁ ଜଷ୍ଟିସ୍ ସ୍ୱର୍ଣ୍ଣ କାନ୍ତ ଶର୍ମାଙ୍କ ଖଣ୍ଡପୀଠରୁ ଅନ୍ୟ କୌଣସି ପୀଠକୁ ସ୍ଥାନାନ୍ତର କରାଯାଉ। କିନ୍ତୁ ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନ ରୋଷ୍ଟର ଅନୁଯାୟୀ, ଏହି ମାମଲା ଜଷ୍ଟିସ ଶର୍ମାଙ୍କୁ ହିଁ ଦିଆଯାଇଛି। କୋର୍ଟ କହିଛନ୍ତି ଯେ, କୌଣସି ବିଚାରପତିଙ୍କୁ ମାମଲାରୁ ହଟାଇବା ପାଇଁ ହେଉଥିବା ଆବେଦନ ପ୍ରଥମେ ସମ୍ପୃକ୍ତ ବିଚାରପତିଙ୍କ ନିକଟରେ ଉପସ୍ଥାପନ କରାଯିବା ଉଚିତ। ଏଥିସହ ପ୍ରଶାସନିକ ସ୍ତରରେ ମାମଲା ସ୍ଥାନାନ୍ତର କରିବାର କୌଣସି ଯୁକ୍ତିଯୁକ୍ତ କାରଣ ନଥିବା କୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ନିଷ୍ପତ୍ତି ପରେ, ଅବକାରୀ ନୀତି ମାମଲାର ଶୁଣାଣି ଜଷ୍ଟିସ ସ୍ୱର୍ଣ୍ଣ କାନ୍ତ ଶର୍ମାଙ୍କ ପୀଠରେ ଜାରି ରହିବ। କେଜ୍ରିୱାଲ ଯୁକ୍ତି ବାଢ଼ିଥିଲେ ଯେ, ଜଷ୍ଟିସ ଶର୍ମାଙ୍କ ପାଖରେ ମାମଲା ରହିଲେ ନିରପେକ୍ଷ ଭାବେ ବିଚାର ହେବ କି ନା ତାହା ସନ୍ଦେହ ରହିଛି। ସେ ଅଭିଯୋଗ କରିଥିଲେ ଯେ, ବିଚାରପତି ପୂର୍ବରୁ ଏହି ମାମଲା ସହ ଜଡ଼ିତ ସମାନ ତଥ୍ୟ ଉପରେ ମତ ଦେଇଛନ୍ତି, ଯାହା ସୁପ୍ରିମକୋର୍ଟଙ୍କ ଦ୍ୱାରା ଖାରଜ ହୋଇଥିଲା। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୭ରେ ଏକ ଟ୍ରାଏଲ କୋର୍ଟ କେଜ୍ରିୱାଲ ଓ ଅନ୍ୟ ୨୨ ଜଣ ଅଭିଯୁକ୍ତଙ୍କୁ ଏହି ମାମଲାରୁ ମୁକ୍ତ କରିଥିଲେ। ସିବିଆଇ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଏହା ଶୁଣାଣି ଜଷ୍ଟିସ ଶର୍ମା କରୁଛନ୍ତି। ମାର୍ଚ୍ଚ ୯ରେ ହାଇକୋର୍ଟ ଟ୍ରାଏଲ କୋର୍ଟର ସେହି ଆଦେଶ ଉପରେ ରୋକ ଲଗାଇଥିଲେ।

## ଏନ୍‌କାଉଣ୍ଟରରେ ଯବାନ ସହିଦ; ଆତଙ୍କବାଦୀ ନିହତ

**ଶ୍ରୀନଗର,୧୫ ।୩(ଏଜେନ୍ସି):** ଜମ୍ମୁ-କଶ୍ମୀର ସୀମାରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ପ୍ରୟାସକୁ ପଣ୍ଡ କରିଛି। ଏହି ସମୟରେ ହୋଇଥିବା ଏକ ଏନକାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଅନ୍ୟ ଏକ ସ୍ଥାନରେ ଭାରତୀୟ ସେନାର ଜଣେ ଯବାନ ସହିଦ ହୋଇଛନ୍ତି। ବାରାମୁଲ୍ଲା ଜିଲ୍ଲାର ଉରି ସେକ୍ଟରରେ ସୀମା ନିକଟରେ ସନ୍ଦିଗ୍ଧ ଗତିବିଧି ଦେଖି ସେନା ଓ ଜମ୍ମୁ-କଶ୍ମୀର ପୁଲିସ ମିଳିତ ଅପରେସନ ଆରମ୍ଭ କରିଥିଲେ।

ମାର୍ଚ୍ଚ ୧୪-୧୫ରେ ହୋଇଥିବା ଗୁଳି ବିନିମୟରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ତା ନିକଟରୁ ଏକେ ୪୭ ରାଇଫଲ, ପିସ୍ତଲ, ଗୁଳି ଓ ବାରୁଦ ଜବତ ହୋଇଛି। ସେହିପରି ସୁରାନକୋଟ ଅଞ୍ଚଳରେ ଚାଲିଥିବା ଅପରେସନ୍ ସମୟରେ ସୁବେଦାର ସନ୍ଦୀପ କୁମାର ଡାକା ସହିଦ ହୋଇଛନ୍ତି। ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ପାଦ ଖସିଯିବାରୁ ସେ ଗଭୀର ଖାଇକୁ ଖସିପଡ଼ିଥିଲେ। ଯାହା ଫଳରେ ଗୁରୁତର ଆହତ ହୋଇ ସେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଗତ ଗୋଟିଏ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ଅନୁପ୍ରବେଶ ପ୍ରୟାସକୁ ପଣ୍ଡ କରାଯାଇଛି। ପୂର୍ବରୁ ମାର୍ଚ୍ଚ ୧୦ରେ ନୌଶେରା ସେକ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲା।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଷଡ଼ଯନ୍ତ୍ର କରୁଛି ଏପ୍‌ଷ୍ଟିନ ଗ୍ୟାଙ୍ଗ!

**ତେହରାନ, ୧୫।୩ (ଏଜେନ୍ସି):** ଇରାନ ଯୁଦ୍ଧ ଆମେରିକା-ଇସ୍ରାଏଲ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଯୁଦ୍ଧକୁ ୧୬ ଦିନ ବିତିଯାଇଛି। ମାତ୍ର ଯେଉଁ ଲକ୍ଷ୍ୟ ରଖି ଦୁଇ ଦେଶ ମିଳିତ ଆକ୍ରମଣ କରିଥିଲେ ତାହା ଦିନକୁ ଦିନ ଘୁଞ୍ଚିବାରେ ଲାଗିଛି। ଏ ପର୍ଯ୍ୟନ୍ତ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଛନ୍ତି। କ୍ୱିନପିକ୍ ୟୁନିଭର୍ସିଟିର ପକ୍ଷରୁ ହୋଇଥିବା ସର୍ଭେରେ ଆମେରିକାର ୫୩ ପ୍ରତିଶତ ଲୋକ ଯୁଦ୍ଧକୁ ବିରୋଧ କରୁଛନ୍ତି। ଇରାନରେ ସ୍ଥଳ ଅଭିଯାନ ବିରୋଧରେ ସର୍ଭେରେ ସାମିଲ ତିନି ତୃତୀୟାଂଶ ଲୋକ ମତ ଦେଇଛନ୍ତି। ସାରା ବିଶ୍ୱରେ ମଧ୍ୟ ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି। ଏପରି ସ୍ଥଳେ ଜନତାଙ୍କ ଆକ୍ରୋଶରୁ ବର୍ତ୍ତିବା ଲାଗି ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଫୁଟାଣି ମାରି ଚାଲିଛନ୍ତି। ଇରାନ କ୍ଷେପଣାସ୍ତ୍ର, ଡ୍ରୋନ ଭଣ୍ଡାର, ନୌସେନା ଆଦିକୁ ଧ୍ୱଂସ କରିବା ନେଇ ଟ୍ରମ୍ପଙ୍କ ଦାବି ବୃଥା ଆସ୍ଫାଳନ ସାବ୍ୟସ୍ତ ହୋଇଛି। ଆମେରିକା ପାଇଁ ଉପସାଗରୀୟ ଦେଶଗୁଡ଼ିକର ସୁରକ୍ଷା ଘେର ଭାଙ୍ଗି ଯାଇଛି। ଇରାନର ଜୋରଦାର ଆକ୍ରମଣରେ ସାଉଦି ଆରବ, ୟୁଏଇ, ବାହାରିନ, କୁଏତ, କାତାର ଆଦି ଦେଶରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ ହେଉଛି। ଏଥିପାଇଁ ଅର୍ଥନୀତି ପ୍ରାୟ ଠପ୍ ହୋଇଯାଇଛି। ତେଣୁ ସମସ୍ତେ ଆମେରିକାକୁ ଯୁଦ୍ଧ ରୋକିବାକୁ ଚାପ ପକାଉଛନ୍ତି। ଏପରି ସ୍ଥିତିରେ ଟ୍ରମ୍ପ ପ୍ରଶାସନ ଗଣମାଧ୍ୟମକୁ ଚେତାବନୀ ଦେଇଛି। ଇରାନ ଯୁଦ୍ଧକୁ ନେଇ ସମାଲୋଚନା ମୂଳକ ଖବର ପ୍ରସାର ଏବଂ ତଥ୍ୟକୁ ମୋଡ଼ି ମକଚି ପ୍ରସ୍ତୁତ କରିବାକୁ ନେଇ ନାଲି ଆଖି ଦେଖାଇଛନ୍ତି। ଏପରି ଜାରି ରଖିଲେ ଲାଇସେନ୍ସ ବାତିଲ କରିଦିଆଯିବ ବୋଲି କହିଛନ୍ତି।

- ଆକ୍ରମଣ କରି ଇରାନ ଉପରେ ଦୋଷ ବୋଳିବେ
- ଠୋସ୍ ଗ୍ୟାରେଣ୍ଟି ମିଳିଲେ ଅସ୍ତ୍ରବିରତି: ଇରାନ
- ପଡ଼ୋଶୀ ଦେଶ ଉପରେ ଇରାନର ପ୍ରଚଣ୍ଡ ପ୍ରହାର
- ଆକ୍ରମଣ ବନ୍ଦ ପାଇଁ ଦାବି କଲେ ମୁସଲିମ ଦେଶ
- ଗଣମାଧ୍ୟମକୁ ଧମକ ଦେଲା ଟ୍ରମ୍ପ ପ୍ରଶାସନ

ଇରାନର ଇସଫାହନ ସହରରେ ବଡ଼ି ଭୋରରେ ଇସ୍ରାଏଲ ଆକ୍ରମଣ କରିଛି। ଏଥିରେ ୧୫ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଏହାର ଜବାବରେ ମଧ୍ୟ-ଇସ୍ରାଏଲରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ଭୟ ସୃଷ୍ଟି କରିଛି। ଫଳରେ ଶହେରୁ ଅଧିକ ଲୋକ ଆହତ ହୋଇଛନ୍ତି। ମାତ୍ର ଇରାନ ଆଜି ନରମ ଆଭିମୁଖ୍ୟ ପୋଷଣ କରି ଯୁଦ୍ଧ ବନ୍ଦ ହେଉଥିବା ପଦକ୍ଷେପକୁ ସ୍ୱାଗତ କରିବୁ ବୋଲି କହିଥିବାବେଳେ ଆମେରିକା ରାଷ୍ଟ୍ରପତି ନିଜ ମନ୍ତବ୍ୟରୁ ପୁଣି ଓହରି ଯାଇଛି। ଏବେ ଇରାନ ସହ କୌଣସି ଡିଲ୍ ହେବନି ବୋଲି କହିଛନ୍ତି। ଏହା ମଧ୍ୟରେ ଇରାନ ବରିଷ୍ଠ ଅଧିକାରୀ ଅଲି ଲରିଜାନି ବଡ଼ ଦାବି କରିଛନ୍ତି। ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ ସହ ଜଡ଼ିତ କିଛି ଲୋକ ୨୦୦୧ର ୯/୧୧ ଭଳି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିବା କହିଛନ୍ତି। ମାତ୍ର ଏହାର ଦୋଷ ସେମାନେ ଇରାନ ଉପରେ ଲଦିବାକୁ ଚାହୁଁଛନ୍ତି। ଇରାନ ଏଭଳି କୌଣସି ଆତଙ୍କବାଦୀ ଆକ୍ରମଣକୁ ସମର୍ଥନ କରୁନାହିଁ। ଆମେରିକା ଜନତାଙ୍କ ସହ ମଧ୍ୟ ଇରାନ ଯୁଦ୍ଧ ଲଢୁନାହିଁ। ସେହିପରି ଦେଶର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଇରାନ ସ୍ପଷ୍ଟ କରିଛି। ଏହା ପୂର୍ବରୁ ମୋଜତବା ଆହତ ଥିବା ନେଇ ଆମେରିକା ରାଷ୍ଟ୍ରପତି ଦାବି କରିଥିଲେ। ଇରାନ ବିଦେଶମନ୍ତ୍ରୀ ଅବାସ ଅରାଘଚୀ କହିଛନ୍ତି ଯେ ଯଦି ଯୁଦ୍ଧ ବନ୍ଦ ପାଇଁ ଠୋସ୍ ଗ୍ୟାରେଣ୍ଟି ମିଳିଲେ ଆମେରିକା-ଇସ୍ରାଏଲ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ। ଏଭଳି ଉତ୍ତେଜନାମୂଳକ ସ୍ଥିତିରେ ନିଜ ଅଞ୍ଚଳରେ ଆକ୍ରମଣ ବନ୍ଦ କରିବା ପାଇଁ ଇରାନ ନିକଟରେ ଉପସାଗରୀୟ ଦେଶଗୁଡ଼ିକ ଦାବି କରିଛନ୍ତି। ଆଜି ରିଆଧର ମେଟ୍ରୋପଲିଟାନ ଅଞ୍ଚଳରେ ଇରାନ ଡ୍ରୋନ ଆକ୍ରମଣ କରିଛି। ଏଥିରେ ୨ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ସେହିପରି ୟୁଏଇରେ ଥିବା ଆମେରିକାର ଅଲ-ଦଫ୍ରା ଏୟାରବେସରେ ୧୦ କ୍ଷେପଣାସ୍ତ୍ର ଏବଂ ଅନେକ ଡ୍ରୋନ ମାଡ଼ କରାଯାଇଛି। ଖାର୍ଗ ଦ୍ୱୀପରେ ଆମେରିକା କରିଥିବା ଆକ୍ରମଣକୁ ଜବାବ ଦେବା ପାଇଁ ଏପରି କରାଯାଇଛି। କାରଣ ୟୁଏଇରୁ ଇରାନର ଖାର୍ଗ ଦ୍ୱୀପ ଉପରେ ଆକ୍ରମଣ ହୋଇଥିବା ଇରାନ ଅଭିଯୋଗ କରିଛି। କୁଏତର ଅହମ୍ମଦ-ଅଲ-ଜାବେର ଏୟାରବେସରେ ଇରାନ ୨ଟି କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ତିନି ଜଣ ସୈନିକ ଆହତ ହୋଇଛନ୍ତି। କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ରାଡାର ସିଷ୍ଟମ କ୍ଷତିଗ୍ରସ୍ତ ହୋଇଛି। କାତାର ଉପରେ ୪ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରଣ ହୋଇଛି।

ଏ ପର୍ଯ୍ୟନ୍ତ ଯୁଦ୍ଧରେ ଇରାନର ୧୦ ହଜାର ବାସଗୃହ କ୍ଷତିଗ୍ରସ୍ତ କିମ୍ବା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲାଣି। ୧୪୦୦ରୁ ଅଧିକ ଇରାନ ନାଗରିକଙ୍କ ଜୀବନ ଗଲାଣି। ସେହିପରି ଆମେରିକା ବୈଦେଶିକ ମନ୍ତ୍ରୀ ପେଟେ ହେଗ୍‌ସେଥ କହିଛନ୍ତି ଯେ ଶତ୍ରୁର ୧୫ ହଜାର ଠିକଣାକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି। ଦିନକୁ ପ୍ରାୟ ହଜାର ଠିକଣାକୁ ନିଶାଣ କରାଯାଉଛି। ଏହା ମଧ୍ୟରେ ଟ୍ରମ୍ପ କହିଛନ୍ତି ଯେ ହର୍ମୁଜ ଷ୍ଟ୍ରିଟ ଦେଇ ତୈଳ କାରବାର ପାଇଁ ମିତ୍ର ରାଷ୍ଟ୍ରଙ୍କ ସହ ମିଶି ଏକ ଯୋଜନା ପ୍ରସ୍ତୁତ କରାଯାଉଛି। ଉପସାଗରୀୟ ଦେଶର ତୈଳ ଉପରେ ନିର୍ଭରଶୀଳ ଚୀନ୍ ସମେତ ଅନ୍ୟ ରାଷ୍ଟ୍ରଙ୍କୁ ହର୍ମୁଜକୁ ଯୁଦ୍ଧ ଜାହାଜ ପଠାଇବା ପାଇଁ ଟ୍ରମ୍ପ ଆହ୍ୱାନ ଦେଇଛନ୍ତି। ମାତ୍ର କୌଣସି ଦେଶ ଏଥିରେ ରାଜି ନାହାନ୍ତି।




ଯୁଦ୍ଧ ବିରୋଧରେ ଆମେରିକାରେ ବିକ୍ଷୋଭ

## ଲେବାନନ୍‌ରେ ୨ ଲକ୍ଷ ଶିଶୁ ବାସହରା

**ବେରୁଟ୍,୧୫ ।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଅଞ୍ଚଳରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଇସ୍ରାଏଲର ଆକ୍ରମଣ ଯୋଗୁ ଲେବାନନ୍‌ରେ ଲକ୍ଷ ଲକ୍ଷ ଲୋକ ଘରଛାଡ଼ି ପଳାଇଛନ୍ତି। ଜଣାଶୁଣା ନ୍ୟୁଜ ଏଜେନ୍ସି 'ଅଲ୍ ଜଜିରା' ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ପ୍ରାୟ ୮ ଲକ୍ଷ ଲୋକ ସ୍ଥାନାନ୍ତରିତ ହୋଇଛନ୍ତି। ସେଥିମଧ୍ୟରୁ ୨ ଲକ୍ଷରୁ ଅଧିକ ଶିଶୁ ରହିଛନ୍ତି। ଏହି ଶିଶୁମାନେ ଏବେ ଆଶ୍ରୟସ୍ଥଳୀରେ ରହିବାକୁ ବାଧ ହେଉଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ଲେବାନନ୍‌ରେ ୪୦,୦୦୦ ଅଧିକ ଘର ଭାଙ୍ଗି ମାଟିରେ ମିଶିଯାଇଛି। ସେହିପରି ଦୁବାଇରେ ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ଦୁବାଇର ପ୍ରସିଦ୍ଧ ଅଲ୍ ସିଫ୍ ମାର୍କେଟ, ବୁର୍ଜ ଅଲ ଆରବ ବେଳାଭୂମି ଓ ଦୁବାଇ ମଲରେ ପର୍ଯ୍ୟଟକଙ୍କ ସଂଖ୍ୟା ଗତ କିଛି ଦିନ ହେବ ବହୁତ କମିଯାଇଛି। ଯୁଦ୍ଧ ପରିସ୍ଥିତି ଯୋଗୁଁ ଲୋକେ ଦୁବାଇକୁ ଏକ ସୁରକ୍ଷିତ ପର୍ଯ୍ୟଟନ ସ୍ଥଳ ଭାବେ ଗ୍ରହଣ କରିବାକୁ ଭୟ କରୁଛନ୍ତି। ଦୁବାଇରୁ ପଳାଇଯାଉଥିବା ବ୍ରିଟିଶ ନାଗରିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନେ ଲଣ୍ଡରେ ଘର ଖୋଜୁଥିବାରୁ ସେଠାରେ ଭଡ଼ା ମଧ୍ୟ ଅହେତୁକ ବୃଦ୍ଧି ପାଇଛି।

- ଦୁବାଇରେ ପର୍ଯ୍ୟଟନ ଶିଳ୍ପ ଧରାଶାୟୀ
- ପାକିସ୍ତାନରେ ସରକାରୀ କର୍ମଚାରୀଙ୍କ ୩୦% ଦରମାରେ କାଟ୍

**ଇସଲାମାବାଦ୍:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ଇନ୍ଧନ ସଙ୍କଟ ସମାଧାନ ପାଇଁ ପାକିସ୍ତାନର ସରକାର ଦେଶରେ କଠୋରା କଟକଣା ଲାଗୁ କରିଛନ୍ତି। ପାକିସ୍ତାନ ଅର୍ଥନୀତିରେ ଏବେ ଏକ ବଡ଼ ସଙ୍କଟ ଦେଇ ଗତି କରୁଛି। ଇନ୍ଧନ ଓ ଅର୍ଥାଭାବରୁ ବଞ୍ଚିବା ପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ସରକାରୀ କର୍ମଚାରୀଙ୍କ ପାଇଁ କଠୋର ପଦକ୍ଷେପ ଘୋଷଣା କରିଛନ୍ତି। ସରକାରୀ ପ୍ରତିଷ୍ଠାନ ଓ ବିଭାଗଗୁଡ଼ିକରେ କର୍ଯ୍ୟରତ କର୍ମଚାରୀଙ୍କ ଦରମାରେ ୩୦ ପ୍ରତିଶତ ପର୍ଯ୍ୟନ୍ତ କାଟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ସରକାରୀ ରାଜକୋଷ ଉପରେ ପଡୁଥିବା ଚାପକୁ କିଛିମାତ୍ରାରେ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ସରକାରୀ ବିଭାଗଗୁଡ଼ିକ ପାଇଁ ନୂତନ ଗାଡ଼ି କ୍ରୟ କରିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ପୁରୁଣା ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣା ଖର୍ଚ୍ଚ ମଧ୍ୟ କମାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦେଶରେ ଇନ୍ଧନର ଅତ୍ୟଧିକ ଅଭାବ ଦେଖା ଦେଇଥିବାରୁ, ସରକାରୀ ଗାଡ଼ିର ମଧ୍ୟ ବ୍ୟବହାରକୁ ସୀମିତ ରଖାଯାଇଛି। ପାକିସ୍ତାନରେ ଅର୍ଥନୈତିକ ଦେବାଳିଆ ସ୍ଥିତି ଉପୁଜିଛି ଓ ବିଦେଶୀ ମୁଦ୍ରା ଭଣ୍ଡାର ବହୁତ କମି ଯାଇଛି। ଆଇଏମ୍‌ଏଫ୍‌ର ଚାପ ଓ ମୁଦ୍ରାସ୍ଫୀତି ପରିସ୍ଥିତିକୁ ଆହୁରି ଜଟିଳ କରିଛି।

## ନେତନ୍ୟାହୁଙ୍କ ମୃତ୍ୟୁ ଖବରକୁ ଖଣ୍ଡନ କଲା ଇସ୍ରାଏଲ



**ଦୁବାଇ/ତେହରାନ, ୧୫ ।୩ (ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମୃତ୍ୟୁ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଖବର ତଥା ଗୁଜବକୁ ତାଙ୍କ କାର୍ଯ୍ୟାଳୟ ତରଫରୁ ଖଣ୍ଡନ କରାଯାଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କହିଛି ଯେ ଏହି ସମସ୍ତ ଖବର ଭୁଲ, ମିଥ୍ୟା ଓ ଅମୂଳକ ବୋଲି କୁହାଯାଇଛି। ନେତନ୍ୟାହୁଙ୍କ ମୃତ୍ୟୁ ଖବର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା। ନେତନ୍ୟାହୁଙ୍କ ଏକ୍ସ ଆକାଉଣ୍ଟରେ ସେୟାର ହୋଇଥିବା ଏକ ଭିଡ଼ିଓକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। କିଛି ୟୁଜର୍ସ ଦାବି କରିଥିଲେ ଯେ ନେତନ୍ୟାହୁଙ୍କୁ ଡାହାଣ ହାତରେ ୬ଟି ଆଙ୍ଗୁଠି ଦେଖାଯାଉଛି, ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜେନେରେଟେଡ୍ ଭିଡ଼ିଓର ଏକ ସାଧାରଣ ତ୍ରୁଟି। ପୁଣି ଭିଡ଼ିଓ ପଛରେ ଥିବା ପରଦା ଓ ପତାକାର ଅସ୍ୱାଭାବିକ ଗତି ଦେଖି ଅନେକ ଏହାକୁ ଏଡିଟେଡ ଭିଡ଼ିଓ ବୋଲି କହିଥିଲେ। ଆମେରିକୀୟ ସମାଲୋଚକ କାଣ୍ଡାସ ଓଭେନ୍ସ ଏହି ଭିଡ଼ିଓର ସତତ୍ୟା ଉପରେ ପ୍ରଶ୍ନ ଉଠାଇଥିଲେ, ଯାହା ଫଳରେ ଗୁଜବ ଆହୁରି ତୀବ୍ର ହୋଇଥିଲା। ଏହି ଗୁଜବ ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଆମେରିକ-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଓ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇ ମୃତ୍ୟୁ ବରଣ କରିବା ପରେ ଯୁଦ୍ଧି ସ୍ଥିତି ଆହୁରି ଭୟଙ୍କର ହୋଇଛି। ଇରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେଇଛି। ଯାହା ଫଳରେ ତୈଳ ଓ ଗ୍ରାସ ଯୋଗାଣ ବାଧାପ୍ରାପ୍ତ ହୋଇଛି।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆରଜିସି) ଏକ ବିବୃତ୍ତି ଜାରି କରି ଇସ୍ରାଏଲକୁ କଡ଼ା ଚେତାବନୀ ଦେଇଛି। ଏହି ବିବୃତିରେ କୁହାଯାଇଛି ଯେ, ଯଦି ନେତନ୍ୟାହୁ ଜୀବିତ ଅଛନ୍ତି, ତେବେ ତାଙ୍କୁ ଖୋଜି ବାହାର କରାଯିବ ଓ ହତ୍ୟା କରାଯିବ। ଇରାନ କହିଛି ଯେ, ଏହି ଶିଶୁ ହତ୍ୟାକରୀ ଅପରାଧୀ ଅର୍ଥାତ ନେତନ୍ୟାହୁ ଯଦି ଜୀବିତ ଅଛନ୍ତି, ତେବେ ଇରାନ ତାଙ୍କୁ ସମ୍ପୂର୍ଣ୍ଣ ଶକ୍ତି ସହ ପିଛା କରିବ ଓ ତାଙ୍କୁ ମୃତ୍ୟୁ ଦଣ୍ଡ ଦେବ। ଉଲ୍ଲେଖଥାଉ କି, ନେତନ୍ୟାହୁ ଗତ କିଛି ଦିନ ହେବ ସର୍ବସାଧାରଣରେ ଦେଖାଯାଇ ନାହାନ୍ତି। ତାଙ୍କର ମାର୍ଚ୍ଚ ୧୨ର ଏକ ଭିଡ଼ିଓକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି, ଯେଉଁଥିରେ ତାଙ୍କ ହାତରେ ୬ଟି ଆଙ୍ଗୁଠି ଥିବା ଭଳି ଜଣାପଡୁଛି। କେବଳ ନେତନ୍ୟାହୁ ନୁହନ୍ତି, ତାଙ୍କ ପୁଅ ୟାଇର ନେତନ୍ୟାହୁ ମଧ୍ୟ ମାର୍ଚ୍ଚ ୯ ତାରିଖ ପରଠାରୁ ସାମାଜିକ ଗଣମାଧ୍ୟମରୁ ଗାୟବ ଅଛନ୍ତି।

**ବଞ୍ଚିଥିଲେ ବି ଖୋଜି ଖୋଜି ମାରିବୁ: ଇରାନ**

## ଦୁବାଇରେ ଶକ୍ତିଶାଳୀ ବିସ୍ଫୋରଣ

**ଦୁବାଇ,୧୫ ।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ରବିବାର ୧୬ତମ ଦିବସରେ ପହଞ୍ଚିଛି। ଇସ୍ରାଏଲ- ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଆହୁରି ଅଧିକ ଭୟଙ୍କର ରୂପ ନେଇଛି। ରବିବାର ଇରାନ ପକ୍ଷରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ପ୍ରମୁଖ ସହର ଦୁବାଇ ଓ କୁଏତ ଉପରେ ଶତାଧିକ ମିସାଇଲ ଓ ଡ୍ରୋନ୍ ମାଡ଼ କରାଯାଇଛି। ଦୁବାଇର ମରିନା ଓ ଅଲ ସୁଫୋ ଅଞ୍ଚଳରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଫୁଜୈରା ତୈଳ ଟର୍ମିନାଲରେ ନିଆଁ ଲାଗିଯିବା ଫଳରେ ସେଠାରେ କାର୍ଯ୍ୟ ବନ୍ଦ ରହିଛି। ଜଣେ ଜୋର୍ଡାନ ନାଗରିକ ଏଥିରେ ଆହତ ହୋଇଛନ୍ତି। ସେହିପରି କୁଏତ୍ ଅନ୍ତର୍ଜାତୀୟ ବିମାନ ବନ୍ଦର ଉପରେ ମଧ୍ୟ ଇରାନର ଡ୍ରୋନ ମାଡ଼ ହୋଇଛି। ତେବେ ଏଥିରେ କୌଣସି ଲୋକ ମୃତ୍ୟୁବରଣ କରିଥିବାର ଖବର ମିଳିନାହିଁ। ଯୁଦ୍ଧ ଆରମ୍ଭରୁ ଇରାନ ବର୍ତ୍ତମାନ ସୁଦ୍ଧା ୟୁଏଇ ଉପରେ ୧,୮୦୦ରୁ ଅଧିକ ମିସାଇଲ ଓ ଡ୍ରୋନ ପ୍ରୟୋଗ କରିସାରିଲାଣି। କେବଳ ଶନିବାର ଦିନ ୯ଟି ବାଲିଷ୍ଟିକ ମିସାଇଲ ଓ ୩୩ଟି ଡ୍ରୋନ ମାଡ଼ କରାଯାଇଥିଲା। ବାହାରିନ, ଓମାନ ଓ ସାଉଦି ଆରବର ଶକ୍ତି କେନ୍ଦ୍ରଗୁଡ଼ିକୁ ମଧ୍ୟ ଇରାନ ଟାର୍ଗେଟ କରି ଆକ୍ରମଣ କରୁଛି। ଏହି କାରଣରୁ ଏପ୍ରିଲ ମାସରେ ହେବାକୁ ଥିବା ବାହାରିନ ଓ ସାଉଦି ଆରବ ଫର୍ମୁଲା-୧ ରେସିଂ ପ୍ରତିଯୋଗିତାକୁ ମଧ୍ୟ ବାତିଲ କରାଯାଇଛି। ଆମେରିକା ପକ୍ଷରୁ ଇରାନର ପ୍ରମୁଖ ତୈଳ କେନ୍ଦ୍ର 'ଖାର୍ଗ ଦ୍ୱୀପ' ଉପରେ ଆକ୍ରମଣ କରାଯାଇଥିଲା। ଏହାର ଜବାବରେ ଇରାନ ପଡୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛି।

**କୁଏତ୍ ବିମାନ ବନ୍ଦର ଓ ତୈଳ ଡିପୋ ଉପରେ ଇରାନର ଭୟଙ୍କର ଆକ୍ରମଣ**

## ତାମିଲନାଡୁରେ ତେଜିଲା ନିର୍ବାଚନ ରାଜନୀତି

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ଅଭିନେତା ତଥା ରାଜନେତା ବିଜୟ ଥାଲାପତିଙ୍କ ନୂଆ ଦଳ ତାମିଲିଗା ଭେଟ୍ରି କାଜାଗମ (ଟିଭିକେ) ଓ ବିଜେପି ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ସୂତ୍ର ଅନୁସାରେ, ବିଜେପି ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ଓ ୮୦ଟି ଆସନ ପ୍ରସ୍ତାବ ଦେଇଛି। ମେଣ୍ଟ ପାଇଁ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚୁକ୍ତି ଅନ୍ତିମ ରୂପ ନେଲେ ଓ ଯଦି ରାଜ୍ୟରେ ଏନ୍‌ଡିଏ ସରକାର ଗଠନ ହୁଏ, ତେବେ ବିଜେପି ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ଦେବା ସହ ୮୦ଟି ଆସନରେ ଲଢ଼ିବା ପାଇଁ ସୁଯୋଗ ଦେବ। ପ୍ରସ୍ତାବିତ ଆସନ ବଣ୍ଟନ ଅନୁସାରେ ବିଜେପି ପକ୍ଷରୁ ଟିଭିକେକୁ ପ୍ରାୟ ୮୦ଟି ଆସନ ଦେବାକୁ କଥା ହୋଇଛି। ନିର୍ବାଚନ ପୂର୍ବରୁ ଦୁଇ ପକ୍ଷର ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମେଣ୍ଟ ଗଠନ ସଫଳ ହେଲେ ରାଜ୍ୟର ନିର୍ବାଚନୀ ସମୀକରଣ ବଦଳିପାରେ, କାରଣ ତାମିଲନାଡୁରେ ଅନେକ ନିର୍ବାଚନ ମଣ୍ଡଳୀରେ ଅତି ଅଳ୍ପ ଭୋଟ ବ୍ୟବଧାନରେ ହାର- ଜିତ ନିର୍ଣ୍ଣୟ ହୋଇଥାଏ। ରିପୋର୍ଟ ଅନୁଯାୟୀ ବିଜୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଗ୍ରହୀ ଅଛନ୍ତି। ବିଜେପି ଦୀର୍ଘଦିନ ଧରି ବିଜୟ ଓ ତାଙ୍କ ଦଳକୁ ଏନ୍‌ଡିଏ ମେଣ୍ଟରେ ସାମିଲ କରିବାକୁ ଚେଷ୍ଟା କରୁଛି। ବିଜୟଙ୍କ ଦଳ ରାଜନୀତିରେ ପ୍ରବେଶ କରିବା ପରେ ଦ୍ରୁତ ଭାବେ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି। ତାମିଲନାଡୁରେ ବିଜୟଙ୍କ ଏକ ବିଶାଳ ପ୍ରଶଂସକ ଗୋଷ୍ଠୀ ଅର୍ଥାତ ଭୋଟ ବ୍ୟାଙ୍କ ରହିଛି ଓ ଖାସ୍ ଏଥିପାଇଁ ବିଜେପି ବିଜୟଙ୍କ ସହ ମେଣ୍ଟ କରିବାକୁ ଚାହୁଁଛି। ରାଜ୍ୟର ସଂଘର୍ଷପୂର୍ଣ୍ଣ ନିର୍ବାଚନରେ ମାତ୍ର କିଛି ପ୍ରତିଶତ ଭୋଟ ମଧ୍ୟ ଫଳାଫଳ ବଦଳାଇ ଦେଇପାରେ ବୋଲି ବିଜେପି ଅନୁଭବ କରୁଛି। ସେପଟେ ଏକ ସ୍ୱତନ୍ତ୍ର ପରିଚୟ ନେଇ ରାଜନୀତିରେ ପାଦ ଦେଇଥିବା ବିଜୟ, ଏତେ ଶୀଘ୍ର ଏକ ଜାତୀୟ ମେଣ୍ଟରେ ସାମିଲ ହେଲେ ତାଙ୍କ ନିରପେକ୍ଷ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇପାରେ ବୋଲି ତାଙ୍କର କିଛି ଅନୁଗାମୀ ଆଶଙ୍କା ପ୍ରକାଶ କରିଛନ୍ତି।

ଟିଭିକେ ପକ୍ଷରୁ ଏହି ଖବରକୁ ଅସ୍ୱୀକାର କରାଯାଇଛି। ଦଳ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଦଳ ରାଜ୍ୟର ସବୁ ୨୩୪ଟି ଆସନରେ ଏକାକୀ ନିର୍ବାଚନ ଲଢ଼ିବ। ବିଜୟ ନିଜ ଦଳର ଆଭିମୁଖ୍ୟ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ବିଜେପିକୁ ଏକ ଆଦର୍ଶଗତ ଶତ୍ରୁ ଓ ଡିଏମ୍‌କେକୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖନ୍ତି।

**ବିଜେପିର ଥୋପ: ବିଜୟଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ, ୮୦ ଆସନ**



## ସୁରକ୍ଷିତ ଭାବେ ଯୁଦ୍ଧକ୍ଷେତ୍ରରୁ ବାହାରିଲା ଭାରତୀୟ ତୈଳ ଟ୍ୟାଙ୍କର 'ଜଗ୍ ଲଡକୀ'

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହୋଇଥିବା ବେଳେ 'ଜଗ୍ ଲଡ଼କୀ' ନାମକ ଏକ ଭାରତୀୟ ତୈଳବାହୀ ଟ୍ୟାଙ୍କର ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛି। ଏହି ଟ୍ୟାଙ୍କରରେ ୮୦,୮୦୦ ଟନ୍ ମୁର୍ବାନ ଅଶୋଧିତ ତୈଳ ରହିଥିଲା ଓ ଏହା ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଫୁଜୈରା ବନ୍ଦରରୁ ବାହାରି ଆସିଛି। ଏହି ଟ୍ୟାଙ୍କର ରବିବାର ସକାଳ ୧୦.୩୦ରେ ଏହି ବନ୍ଦରରୁ ଯାତ୍ରା ଆରମ୍ଭ କରିଥିଲା ଓ ଏହା ଏବେ ଭାରତୀୟ ବନ୍ଦର ଅଭିମୁଖେ ଯାତ୍ରା କରୁଛି। ଏହି ଜାହାଜରେ ଥିବା ସମସ୍ତ କର୍ମଚାରୀ ସୁରୀକ୍ଷିତ ଅଛନ୍ତି। ଭାରତୀୟ ସାମୁଦ୍ରିକ ପ୍ରାଧୀକରଣ ଦ୍ୱାରା ଜାହାଜଟିରେ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ଏଥିସହ ଚତୁର୍ଥ ଭାରତୀୟ ପତାକାଧାରୀ ଜାହାଜ, ଯାହା ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ସୁରକ୍ଷିତ ଭାବେ ବାହାରି ଆସିଛି। ବର୍ତ୍ତମାନ ମଧ୍ୟ ୨୦ରୁ ଅଧିକ ଭାରତୀୟ ଜାହାଜ ହର୍ମୁଜ ପ୍ରଣାଳୀର ପଶ୍ଚିମ ଦିଗରେ ରହିଛି।

## ସବୁ ଦଳକୁ ଲୋକସଭା ବାଚସ୍ପତିଙ୍କ ଚିଠି

**ନୂଆଦିଲ୍ଲୀ,୧୫ ।୩(ଏଜେନ୍ସି):** ଲୋକସଭାର ବାଚସ୍ପତି ଓମ୍ ବିର୍ଲା ସଂସଦରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଚିଠି ଲେଖି ସଂସଦର ଗରିମା ଓ ପରମ୍ପରା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। ଚିଠିରେ କୁହାଯାଇଛି ଯେ ଭାରତୀୟ ସଂସଦ ୧୪୦ କୋଟି ଲୋକଙ୍କ ଆଶା, ଆକାଂକ୍ଷା ଓ ଅପେକ୍ଷାର ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ଲୋକତାନ୍ତ୍ରିକ ସଂସ୍ଥା। ସଂସଦ ଭବନ ପରିସର ସମସ୍ତଙ୍କ ପାଇଁ ଏକ ପବିତ୍ର ସ୍ଥାନ, ଯେଉଁଠାରେ ଚର୍ଚ୍ଚା ସମ୍ବାଦ ଓ ବିଭିନ୍ନ ମତାମତର ଆଦାନ ପ୍ରଦାନ ହୋଇଥାଏ। କିଛି ସାଂସଦଙ୍କ ଆଚରଣ ଦ୍ୱାରା ସଂସଦର ଗରିମାରେ ଆଞ୍ଚ ଆସୁଛି। ସଂସଦ ପରିସରରେ ବ୍ୟାନର, ପ୍ଲା କାର୍ଡ ଓ ମର୍ଯ୍ୟାଦାହୀନ ଭାଷାର ପ୍ରୟୋଗ ଚିନ୍ତା ସୃଷ୍ଟି କରିଛି। ଗୃହର ସଦସ୍ୟମାନଙ୍କ ଆଚରଣକୁ ସାରା ଦେଶ ଦେଖୁଛି। ଦଳଗୁଡ଼ିକ ମଧ୍ୟରେ ଅନୁଶାସନ ଓ ନୈତିକ ଆଚରଣ ବଜାୟ ରଖିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ। ବାଚସ୍ପତି ଆଶା ବ୍ୟକ୍ତ କରିଛନ୍ତି ଯେ ସମସ୍ତ ଦଳର ନେତାମାନେ ଏହି ମହାନ ଅନୁଷ୍ଠାନର ଗୌରବଶାଳୀ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସହଯୋଗ କରିବେ, ଯାହା ଫଳରେ ସଂସଦୀୟ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆହୁରି ଦୃଢ଼ ହେବ। ସେ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି ଯେ ତାଙ୍କ ଦଳର ସାଂସଦମାନଙ୍କୁ ଶିଷ୍ଟାଚାର, ଉଚ୍ଚ ନୈତିକ ଆଚରଣ ଓ ଶୃଙ୍ଖଳା ପାଳନ କରିବାକୁ ପ୍ରେରିତ କରନ୍ତୁ। ସେ କହିଛନ୍ତି ଯେ, ଯଦି ସମସ୍ତେ ମିଳିମିଶି ଏହି ଦିଗରେ ପ୍ରୟସା କରିବେ, ତେବେ ଦେଶବାସୀଙ୍କର ସଂସଦୀୟ ଲୋକତନ୍ତ୍ର ପ୍ରତି ଆସ୍ଥା ଆହୁରି ମଜବୁତ ହେବ ଓ ସଂସଦର ମର୍ଯ୍ୟାଦା ଓ ପ୍ରତିଷ୍ଠା ବୃଦ୍ଧି ପାଇବ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-257 MONDAY 16 MARCH 2026 PAGE-12 ₹ 7.00

ବର୍ଷ-୪୩ ସଂଖ୍ୟା-୨୫୭ ସୋମବାର ୧୬ ମାର୍ଚ୍ଚ ୨୦୨୬ ପୃଷ୍ଠା-୧୨ ଟ.୭.୦୦




# ଚଇତି ତାଣ୍ଡବ



## ଉତ୍ତରରେ ଘୂର୍ଣ୍ଣିଝଡ଼ - ଦକ୍ଷିଣରେ କରକା ମାଡ଼

### କରଞ୍ଜିଆରେ କାଳବୈଶାଖୀ

## ୨ ଗାଁ ଛାରଖାର୍; ୨ ମୃତ

- ୭୦ ଘର ଛପର ଉଡ଼ିଲା, ବିଦ୍ୟୁତ୍ ଖୁଣ୍ଟ ଉପାଡ଼ିଲା
- ରାଜପଥରୁ ଉଡ଼ାଇନେଇ ପୋଖରୀରେ ଫିଙ୍ଗିଦେଲା ବାଇକ୍, ଅଟୋ
- ୮ ଗୁରୁତରଙ୍କୁ କେନ୍ଦୁଝରେ ସ୍ଥାନାନ୍ତର
- ଉଦ୍ଧାର କାର୍ଯ୍ୟ ଜାରି



■ ବାରିପଦା/କରଞ୍ଜିଆ, ୧୫।୩ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ରେ ଆଜି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବ୍ଲକ୍ ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଥିବା କଙ୍କଡ଼ା ଓ କିଆପାଣିପୋଷି ଗ୍ରାମ ଛାରଖାର ହୋଇଯାଇଛି। ୭୦ରୁ ଊର୍ଦ୍ଧ୍ୱ ଘରର ଛପର ଉଡ଼ି ଯାଇଥିବା ବେଳେ ପକ୍କାଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି। ସେହିପରି, ରାଜପଥରେ ଯାଉଥିବା ଏକ ଅଟୋକୁ ପବନ ଉଡ଼ାଇ ନେଇ ପାଖରେ ଥିବା ଏକ ପୋଖରୀରେ ଫିଙ୍ଗିଦେବାରୁ ଚାଳକ ସମେତ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ଅଟୋ ଚାଳକ ହଳଦୀପଟାର ପୁଲିସ ନାଏକ(୪୫) ଓ ସେଥିରେ ବସିଥିବା ତାଟୋ ଅଞ୍ଚଳର ମହିଳା ମାଳତୀ ମହାନ୍ତ(୫୫)। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଛି। ସେହିପରି ୨/୩ଟି ବାଇକ୍‌କୁ ମଧ୍ୟ ପବନ ଉଡ଼ାଇ ନେଇଛି। ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ପ୍ରକୃତିର ଏହି ରୌଦ୍ରରୂପ ଦେଖିବାକୁ ମିଳିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ରୁ ଊର୍ଦ୍ଧ୍ୱ ଗୁରୁତରଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ରଞ୍ଜନ ବିଶ୍ୱାଳ (୩୨), ଟିକିନା ହେମ୍ବ୍ରମ (୧୮), ସୁଶ୍ରୀ ମୁଣ୍ଡା (୧୮), କୁନ୍ତଳା ବିଶ୍ୱାଳ (୧୮), ସରକାର ମୁର୍ମୁ (୪୫), ରାଜେନ୍ଦ୍ର ବିଶ୍ୱାଳ (୨୮)। ବାକି ଆହତମାନେ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଭୀଷଣ ପବନରେ ବହୁ ସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଶେଷ ଖବର ଲେଖା ହେବା ବେଳକୁ ଅଗ୍ନିଶମ ବାହିନୀ ଓ ପ୍ରଶାସନ ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୪ଟା ବେଳେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଜୋର୍‌ରେ ପବନ ବହିଥିଲା। ଚାହୁଁଚାହୁଁ ଆକାଶ ଉଚ୍ଚର ଘୂର୍ଣ୍ଣିଝଡ଼ ପୂରା ଅଞ୍ଚଳକୁ ଆଚ୍ଛାଦିତ କରି ଦେଇଥିଲା। କେହି କିଛି ବୁଝିବା ପୂର୍ବରୁ ଆକାଶରୁ ଖଣ୍ଡଖଣ୍ଡ କୁଆପଥର ଗଳିଥିଲା। ଏହି ଘୂର୍ଣ୍ଣିଝଡ଼ ଏତେ ଶକ୍ତିଶାଳୀ ଥିଲା ଯେ ବଡ଼ବଡ଼ ଗଛଗୁଡ଼ିକୁ ରାସ୍ତାରେ ଶୁଆଇ ପକାଇଥିଲା। ଗାଁରେ ଥିବା ଖପର ଘର, ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଧରାଶାୟୀ ହୋଇଯାଇଥିଲା। ଗାଁରେ ଥିବା ପକ୍କାଘରଗୁଡ଼ିକର କବାଟ ଝରକାରେ ଲାଗିଥିବା କାଚଗୁଡ଼ିକ ଗୁଣ୍ଡ ହୋଇ ତଳେ ଖସି ପଡ଼ିଥିଲା। ଏହି ସମୟରେ ଜାତୀୟ ରାଜପଥ ୪୯ ଦେଇ ଯାଉଥିବା ଗାଡ଼ିଗୁଡ଼ିକ ଅଟକି ଯାଇଥିଲେ ହେଁ ଗୋଟିଏ ଅଟୋ ଓ ୨ରୁ ୩ଟି ବାଇକ୍ ଘୂର୍ଣ୍ଣିଝଡ଼ର ଠିକ୍ କେନ୍ଦ୍ରରେ ପଡ଼ି ଯାଇଥିଲା। ଭୀଷଣ ପବନ ଅଟୋଟିକୁ ଉଡ଼ାଇ ନେଇ ରାସ୍ତାକଡ଼ରେ ଥିବା ଏକ ପୋଖରୀରେ ଫିଙ୍ଗି ଦେଇଥିଲା। ଏଥିରେ ଅଟୋ ଚାଳକଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବାଇକ୍‌ଆରୋହୀମାନେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀ ସଂଧ୍ୟା ସୁଦ୍ଧା ୨୦ରୁ ଊର୍ଦ୍ଧ୍ୱ ଆହତଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ପାଖାପାଖି ୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### କଳିଙ୍ଗାରେ କଶ୍ମୀରର ଭ୍ରମ

## ବରଫ ଚାଦରରେ ଢାଙ୍କି ହୋଇଗଲା ରାସ୍ତାଘାଟ



■ ଜି.ଉଦୟଗିରି, ୧୫।୩ (ସମିସ): କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ଅଞ୍ଚଳରେ ଆଜି କୁଆପଥର (କରକା) ମାଡ଼ ହୋଇଛି। ଘଡ଼ଘଡ଼ି ସହ ପ୍ରବଳ କୁଆପଥର ବର୍ଷା ହେବାରୁ ପୂରା ଅଞ୍ଚଳରେ କାଶ୍ମୀରର ଭ୍ରମ ସୃଷ୍ଟି ହୋଇଛି। ରାସ୍ତାଘାଟଠାରୁ ଆରମ୍ଭ କରି କ୍ଷେତରେ ପାଦେ ଉଚ୍ଚର କୁଆପଥର ଜମା ହୋଇଯିବା ସହ ପୂରା ପରିବେଶ ଥଣ୍ଡା ପଡ଼ି ଯାଇଛି। ବିଶେଷକରି କଳିଙ୍ଗାରେ କୁଆପଥର ବର୍ଷା ରେକର୍ଡ କରିଛି।

ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ କଳିଙ୍ଗାରେ କଳାହାଣ୍ଡିଆ ମେଘ ମାଡ଼ି ଆସି ବର୍ଷିବା ସହ ପବନ ଓ ପ୍ରବଳ କୁଆପଥର ପଡ଼ିଥିଲା। ପାଖାପାଖି ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କୁଆପଥର ବର୍ଷା ହେବା ଫଳରେ ଆମ୍ବ, ଲିଚୁ, ବଉଳ ଝଡ଼ିବା ସହ ଅନେକ ଗଛର ଡାଳ ଭାଙ୍ଗି ପଡ଼ିଥିଲା। ଏଥିଯୋଗୁଁ ଅପରାହ୍ଣ ୩ଟାରୁ ପୂରା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବା ସହ ବିଏସ୍‌ଏନ୍‌ଏଲ୍ ନେଟୱାର୍କ ସେବା ବାଧାପ୍ରାପ୍ତ ହୋଇଛି। ଅଞ୍ଚଳର ବୟସ୍କ ଲୋକମାନେ ଆଗରୁ ଏମିତି କୁଆପଥର ବର୍ଷା କେବେ ଦେଖି ନଥିବା କହିଛନ୍ତି। କିଛି ସମୟ ପାଇଁ ବରଫର ଚାଦରରେ ପୂରା ରାସ୍ତାଘାଟ ଢାଙ୍କି ହୋଇଯାଇଥିବା ବେଳେ ପିଲାମାନେ ବରଫରେ ବଲ୍ ତିଆରି କରି ଖେଳର ମଜା ନେଇଥିଲେ।

### ■ ବିଜେଡି ବୈଠକରେ ଦୁଇ ବିଧାୟକ ଅନୁପସ୍ଥିତ

## ନବ, ଚକ୍ରମଣିଙ୍କୁ କାରଣଦର୍ଶାଅ ନୋଟିସ

■ ଭୁବନେଶ୍ୱର,୧୫।୩(ସମିସ): ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ବିଜେଡି। ରାଜ୍ୟସଭା ନିର୍ବାଚନ ନେଇ ଗତ ୩ ଦିନ ଧରି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ବୈଠକ ଅନୁଷ୍ଠିତ ହେଉଛି। ମାତ୍ର ଦଳର ଏହି ଦୁଇ ବିଧାୟକ କ୍ରମାଗତ ୩ ଦିନ ଧରି ବୈଠକରେ ଅନୁପସ୍ଥିତ ଅଛନ୍ତି। ତେଣୁ ବିଧାନସଭାରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଧାୟକଦ୍ୱୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ରବିବାର ରାତି ୯ଟା ସୁଦ୍ଧା ନବୀନ ନିବାସରେ ହାଜର ହେବାକୁ ବିଧାୟକଦ୍ୱୟଙ୍କୁ କୁହାଯାଇଥିଲେ ବି ସେମାନେ ଅନୁପସ୍ଥିତ ଥିବା ସୂଚନା ମିଳିଛି ଅପରପକ୍ଷେ ବିଧାୟକଦ୍ୱୟ ବୈଠକରେ ଅନୁପସ୍ଥିତ ରହିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଦଳର ଅନ୍ୟତମ ବିଧାୟକ ଡ. ଅରୁଣ କୁମାର ସାହୁ। ଦଳର ଦୁଇଜଣ ବିଧାୟକଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ନିଜ ବାସଭବନରେ ବିଧାୟକଦ୍ୱୟଙ୍କୁ ଲୁଚେଇ ରଖିଥିବା ଶୁଣାଯାଉଛି ବୋଲି ଅରୁଣ କହିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାର ଏପରି ଅନୈତିକ ପନ୍ଥା ଗ୍ରହଣ ନ କରନ୍ତୁ। ସ୍ୱଚ୍ଛ ଏବଂ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ ହେବାକୁ ଦିଆଯାଉ। ଦଳୀୟ ହୁଇପ ସତ୍ତ୍ୱେ ଦଳର ୨ ବିଧାୟକ ଏହାକୁ ମାନି ନାହାନ୍ତି। ଦଳ ବିରୋଧରେ କାର୍ଯ୍ୟ କଲେ ସଭ୍ୟ ପଦ ରଦ୍ଦ ହେବ ବୋଲି ଉଭୟ ବିଧାୟକ ଜାଣି ରଖିବା ଉଚିତ୍ ବୋଲି ଅରୁଣ କହିଛନ୍ତି।

### ସନ୍ଦେହ ଉଜାଡ଼ିଲା ସଂସାର

## ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

■ ବାଲେଶ୍ୱର/ବାହାନଗା, ୧୫।୩(ସମିସ): 'ସନ୍ଦେହ' ପୁଣି ଏକ ହସଖୁସିର ସଂସାର ଉଜାଡ଼ି ଦେଇଛି। ସ୍ତ୍ରୀକୁ ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ ଗଛରେ ଫାଶୀ ଦେଇ ଆତ୍ମହତ୍ୟା କରିଛି। ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ବରିପଦା ପଞ୍ଚାୟତ ମହାରୁଦ୍ରପୁର ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି। ମୃତ ଦମ୍ପତି ହେଲେ, ଗାଁର ପରେଶ ମାଝୀ (୨୮) ଓ ତାଙ୍କ ପତ୍ନୀ ରଶ୍ମିରେଖା ମାଝୀ (୨୨)। ଦୁହିଁଙ୍କ ମୃତ୍ୟୁ ପରେ ସେମାନଙ୍କ ୨ବର୍ଷର ଶିଶୁକନ୍ୟା ଏବେ ବାପା-ମା' ଛେଉଣ୍ଡ ହୋଇଯାଇଛି।



### ୨ବର୍ଷର ଶିଶୁକନ୍ୟା ବାପା-ମା' ଛେଉଣ୍ଡ

ମହାରୁଦ୍ରପୁର ଗ୍ରାମର ଦିବାକର ମାଝୀଙ୍କ ପୁଅ ପରେଶ ୪ ବର୍ଷ ତଳେ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ନୂଆଗାଁର ଗୟାଧର ପରିଡ଼ାଙ୍କ ଝିଅ ରଶ୍ମିରେଖାଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ କନ୍ୟା ସନ୍ତାନ ମଧ୍ୟ ଅଛି। ଗତ କିଛି ଦିନ ▶ପୃଷ୍ଠା-୭






### ବର୍ଷିଲେ ପିସିସି ସଭାପତି, ଏଆଇସିସି ପ୍ରଭାରୀ

## ଭ୍ରଷ୍ଟ ଦଳ ବୋଲି ପୁଣି ପ୍ରମାଣିତ ହେଲା ବିଜେପି

- ଅଦାଲତ ଦଣ୍ଡିତ ଦିଲ୍ଲୀପ ପ୍ରାର୍ଥୀ କଲା କାହିଁକି: ଲଲ୍ଲୁ
- ବିଜେପି ରାଜ୍ୟ ରାଜନୀତିକୁ କଳୁଷିତ କରୁଛି: ଭକ୍ତ

■ ଭୁବନେଶ୍ୱର,୧୫।୩(ସମିସ): ବିଜେପି ଏକ ଭ୍ରଷ୍ଟ ଦଳ ବୋଲି ନିଜକୁ ପ୍ରମାଣିତ କରିଦେଇଛି। ପାଖରେ ସଂଖ୍ୟା ନଥାଇ ବିଜେପି ନିଜ ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଇଦାନକୁ ଛାଡ଼ିଛି ଓ ଘୋଡ଼ା ବେପାରକୁ ଆମନ୍ତ୍ରଣ କରିଛି ବୋଲି କହିଛନ୍ତି ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ। କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲଲ୍ଲୁ କହିଛନ୍ତି ଯେ ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ବିଜେପି ଦୁଇଜଣ ରାଜ୍ୟସଭା ପାଇଁ ପ୍ରାର୍ଥୀ ଦେଇଥିଲା ଏବଂ ବିଜେଡି ମଧ୍ୟ ନିଜ ବିଧାୟକ ସଂଖ୍ୟା ଦୃଷ୍ଟିରୁ ଜଣଙ୍କୁ ପ୍ରାର୍ଥୀ ଦେଇଥିଲା। ଅନ୍ୟପକ୍ଷରେ କଂଗ୍ରେସର ୧୪ ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି। ତେଣୁ ଏକ ଅଣରାଜନୈତିକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସ୍ୱାର୍ଥ ପାଇଁ ପ୍ରାର୍ଥୀ କରିବାକୁ ସମଭାବାପନ୍ନ ଦଳ ବିଜେଡିକୁ କଂଗ୍ରେସ ଆହ୍ୱାନ କରିଥିଲା। ଯାହାଫଳରେ ବିଜେଡି ଓ କଂଗ୍ରେସ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଚତୁର୍ଥ ପ୍ରାର୍ଥୀ ଘୋଷଣା କରିଥିଲେ। ସଂଖ୍ୟା ଦୃଷ୍ଟିରୁ ଡାକ୍ତର ଦତ୍ତେଶ୍ୱର ହୋତା ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇପାରିଥାନ୍ତେ; ମାତ୍ର ବିଜେପି ନିଜର ସଂଖ୍ୟା ନଥାଇ ମଧ୍ୟ ୫ମ ପ୍ରାର୍ଥୀଙ୍କ ନାମାଙ୍କନ କଲା। ଏହା ଘୋଡା ବେପାର ନୁହେଁ କି? କେନ୍ଦ୍ରମନ୍ତ୍ରୀ ଥିବାବେଳେ ଝାଡ଼ଖଣ୍ଡ କୋଇଲା ଆବଣ୍ଟନ ମାମଲାରେ ଦୁର୍ନୀତି ଯୋଗୁଁ ଦୋଷୀ ସାବସ୍ତ୍ୟ ହୋଇ ଦିଲ୍ଲୀପ ରାୟ ୩ବର୍ଷ କାରାଦଣ୍ଡାଦେଶ ପାଇଥିଲେ। ଯଦିଓ ସେ ଉଚ୍ଚତମ ନ୍ୟାୟାଳୟରୁ ଜାମିନ ପାଇଛନ୍ତି, ସିବିଆଇ କାହିଁକି ▶ପୃଷ୍ଠା-୭

### ଧରାଛୁଆଁ ଦେଉନାହାନ୍ତି ଦାଶରଥି

## ଲୁଚିଛନ୍ତି ନା ଅପହରଣ!

**ସଭ୍ୟପଦ ସହ ବିଧାୟକ ପଦ ରଦ୍ଦ ପାଇଁ ନିଆଯିବ ପଦକ୍ଷେପ: ଭକ୍ତ**

■ ଭୁବନେଶ୍ୱର,୧୫।୩(ସମିସ): ରାତି ପାହିଲେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ୍; ମାତ୍ର ଏଯାଏଁ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗୋଙ୍କର ଖୋଜ ଖବର ମିଳୁନାହିଁ। ଏପରିକି ଦଳ ପକ୍ଷରୁ ତାଙ୍କୁ ନୋଟିସ୍ ଜାରି କରାଯାଇ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ବ୍ୟକ୍ତିଗତ ଭାବେ ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସତ୍ତ୍ୱେ ଶ୍ରୀ ଗମାଙ୍ଗୋ ଦଳର ନିର୍ଦ୍ଦେଶକୁ ଭ୍ରୂପେକ୍ଷ କରିନାହାନ୍ତି। ସେ ଲୁଚିଛନ୍ତି ନା ତାଙ୍କୁ ଅପହରଣ କରାଯାଇଛି ତାହା ସ୍ପଷ୍ଟ ହୋଇପାରୁ ନାହିଁ। ମାତ୍ର ଦଳୀୟ ▶ପୃଷ୍ଠା-୭

# ମାଛ ଉତ୍ପାଦନରେ ଅଗ୍ରଣୀ ବାଲେଶ୍ୱର; ବଜାର ନାହିଁ

ବାଲେଶ୍ୱର, ୧୫।୩ (ରୁଚିକ ରଞ୍ଜନ ମହାପାତ୍ର)

ମାଛ ଉତ୍ପାଦନରେ ରାଜ୍ୟର ଅଗ୍ରଣୀ ଜିଲ୍ଲା ହେଉଛି ବାଲେଶ୍ୱର। କିନ୍ତୁ ବିଡମ୍ବନା ହେଉଛି, ଏତେ ଅଧିକ ପରିମାଣରେ ମାଛ ଉତ୍ପାଦନ ହେଉଥିବା ସତ୍ତ୍ୱେ ଜିଲ୍ଲାରେ ସରକାରୀ ସ୍ତରରେ ନାହିଁ କୌଣସି ମାଛ ମାର୍କେଟ, ମଣ୍ଡି କିମ୍ବା ସଂରକ୍ଷଣ ଗୋଦାମ। ଏହାର ପରିଣାମରେ ହଜାର ହଜାର ମାଛ ଚାଷୀ ଓ ମତ୍ସ୍ୟଜୀବୀ ବେସରକାରୀ ମଣ୍ଡି ଓ ଖୋଲା ବଜାର ଉପରେ ନିର୍ଭର କରି ଅଭାବି ବିକ୍ରି କରିବାକୁ ବାଧ ହେଉଛନ୍ତି। ସରକାର ମାଛ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଘୋଷଣା କରୁଥିବା ବେଳେ ତୃଣମୂଳ ସ୍ତରରେ ସେଗୁଡ଼ିକ ବାସ୍ତବ ପ୍ରତିଫଳିତ ଦେଖିବାକୁ ମିଳୁନଥିବାରୁ ମାଛ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ସରକାରୀ ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ୭୨ ହଜାର ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଛି। ସେଥିରୁ ୭୭ ହଜାର ମ୍ୟାଟ୍ରିକ ଟନ ମଧୁର ଜଳର ମାଛ, ୪୨ ହଜାର ମେଟ୍ରିକ ଟନ କ୍ଷାରୀ ଜଳ ଚିଙ୍ଗୁଡ଼ି ଏବଂ ୫୩ ରୁ ୫୪ ହଜାର ମେଟ୍ରିକ ଟନ ସମୁଦ୍ରି ମାଛ ଉତ୍ପାଦନ ହେଉଛି। ଏତେ ବଡ଼ ଉତ୍ପାଦନ ସତ୍ତ୍ୱେ ଜିଲ୍ଲାରେ ସରକାରୀ ମାଛ ମାର୍କେଟ ନଥିବାରୁ ଚାଷୀମାନେ ଉଚିତ ଦର ପାଉନାହାନ୍ତି। ବର୍ତ୍ତମାନ ବେସରକାରୀ ମଣ୍ଡିରେ ମାଛ ବିକ୍ରି କରିବା ବେଳେ ପ୍ରତି କ୍ୱିଣ୍ଟାଲରେ ୧୦ ପ୍ରତିଶତ କଟନୀ ଛଟଣୀ ସହ ୫ ପ୍ରତିଶତ କମିଶନ କଟାଯାଉଛି। ଅର୍ଥାତ ଏକ କ୍ୱିଣ୍ଟାଲ ମାଛ ଉପରେ ଚାଷୀଙ୍କର ୧୫ ପ୍ରତିଶତ କଟାଯାଉଛି। ଫଳରେ ଚାଷୀମାନେ ନିଜ ପରିଶ୍ରମ ଓ ଖର୍ଚ୍ଚ ଅନୁଯାୟୀ ଲାଭ ପାଉନାହାନ୍ତି। ବେସରକାରୀ ଗୋଦାମ ମାଲିକମାନେ କମ ଦାମରେ ମାଛ କିଣି ଅନ୍ୟ ରାଜ୍ୟକୁ ପଠାଇ ଅଧିକ ଲାଭ କମାଉଥିବା ବେଳେ ଓଡ଼ିଶାର ଚାଷୀମାନେ କ୍ଷତି ସହୁଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବରୁ ବିଜେଡ଼ି ସରକାର ବାଲେଶ୍ୱର ଜିଲ୍ଲାରେ ଅତ୍ୟାଧୁନିକ ହାଇଜେନିକ ମାଛ ମାର୍କେଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୩/୨୪ ମସିହାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ରେମୁଣା ଓ ପରେ ବସ୍ତା ଦୁଇଟି ସ୍ଥାନରେ ମାଛ ମାର୍କେଟ ପାଇଁ କୋଟି କୋଟି ଟଙ୍କା ଅନୁମୋଦନ ହୋଇଥିଲା। ବସ୍ତା ବ୍ଲକର ବାହାର୍ଦା ଅଞ୍ଚଳରେ ପ୍ରାୟ ୨୦ ଏକର ଜମି ଉପରେ ଏହି ବଡ଼ ମାଛ ମାର୍କେଟ ନିର୍ମାଣ ପାଇଁ ୭୮ କୋଟି ୨୫ ଲକ୍ଷ ଟଙ୍କା ଓ ରେମୁଣାରେ ୫ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ମଧ ହୋଇଥିଲା। ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟ ଚାଷ ଓ ମାଛ ବ୍ୟବସାୟକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଅତ୍ୟାଧୁନିକ ଓ ହାଇଜିନିକ ମାଛ ହୋଲସେଲ ମାର୍କେଟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ସମାପ୍ତ ହୋଇନି। ବସ୍ତାରେ ମାର୍କେଟ ନିର୍ମାଣ କାମ ପ୍ରାୟ ୪୦ ପ୍ରତିଶତ ସରିଥିବା ବେଳେ ଚଳିତ ବର୍ଷ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ କରିଛି ବିଭାଗ। ହେଲେ ରେମୁଣାରେ ନିର୍ମାଣ ହେଉଥିବା ମାଛ ମାର୍କେଟ ୨୦୨୫ ମଧ୍ୟରେ ସରିବାକୁ ଥିବା ବେଳେ ତାହା ସରିନପାରି ଅଧାପାନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏହାକୁ ନେଇ ମତ୍ସ୍ୟ ବିଭାଗର ଅବହେଳା ଓ ପ୍ରଶାସନର ଅନାଗ୍ରହ ନେଇ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାରେ ସରକାରୀ ତଥ୍ୟ ଅନୁଯାୟୀ ୨୪ ହଜାରରୁ ଅଧିକ ମାଛ ଚାଷୀ ଅଛନ୍ତି। ହେଲେ ସରକାରୀ ତଥ୍ୟ ତୁଳନାରେ ଜିଲ୍ଲାରେ ମତ୍ସ୍ୟ ଚାଷୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ଅଭାବି ବିକ୍ରି ଓ ଲାଭ ନ ମିଳିବାରୁ ଦିନକୁ ଦିନ ଅନେକ ଚାଷୀ ମାଛ ଚାଷ ପ୍ରତି ବିମୁଖ ହେଉଛନ୍ତି। ଏହାକୁ ନେଇ ଜିଲ୍ଲା ମାଛ ଚାଷୀ ସଂଘ (ଡ଼ି.ଏ.ଏଫ.ଏଫ) ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇ ତୁରନ୍ତ ମାଛ ମାର୍କେଟ ନିର୍ମାଣ ସମାପ୍ତ କରିବା, ଜିଲ୍ଲାରେ ସରକାରୀ ମାଛ ମଣ୍ଡି ଓ ଗୋଦାମ ବ୍ୟବସ୍ଥା କରିବା ସହ ମାଛ ଚାଷୀଙ୍କୁ ନ୍ୟାୟସଙ୍ଗତ ଦର ମିଳିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛି। ଯଦି ତୁରନ୍ତ ପଦକ୍ଷେପ ନ ନିଆଯାଏ, ତେବେ ଆଗାମୀ ଦିନରେ ଜିଲ୍ଲାରେ ମାଛ ଚାଷକରି ଜୀବିକା ନିର୍ବାହ କରୁଥିବା ହଜାର ହଜାର ମତ୍ସ୍ୟଜୀବିଙ୍କ ଜୀବିକା ସଙ୍କଟରେ ପଡ଼ିପାରନ୍ତି। ତୁରନ୍ତ ଦାବି ପୂରଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଚେତାବନୀ ଦେବା ସହ ମତ୍ସ୍ୟ ଚାଷୀ ସଂଗଠନ ସରକାରଙ୍କୁ ସତର୍କ କରାଇଛି ବୋଲି ଜିଲ୍ଲା ମତ୍ସ୍ୟ ଚାଷୀ ସଂଘ ସେକ୍ରେଟାରୀ ନିରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶ୍ମାରାଣୀ ସିଂ କୁହନ୍ତି ଜିଲ୍ଲାରେ ୨ଟି ସ୍ଥାନରେ ହାଇଜେନିକ ମାଛ ମାର୍କେଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବସ୍ତାରେ ଚଳିତ ବର୍ଷ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ନେଇ ଧାର୍ଯ୍ୟ ହୋଇଛି। ରେମୁଣାରେ ୨୦୨୫ ମସିହାରେ କାର୍ଯ୍ୟ ସରିବା ପାଇଁ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା କିଛି କାମ ସରି ପାରିନାହିଁ, ଆସନ୍ତା ୨ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବା ନେଇ ଆଶା ରଖା ଯାଇଛି। ବର୍ତ୍ତମାନ ଜିଲ୍ଲାରେ ସରକାରୀ ସ୍ତରରେ ଚାଷୀଙ୍କ ମାଛ ବିକ୍ରି ପାଇଁ ସୁବିଧା ନ ଥିବାରୁ ସେମାନେ ବେସରକାରୀ ସ୍ଥାନରେ ବିକ୍ରିକରି କ୍ଷତି ସହୁଥିବାର ଅଭିଯୋଗ କରୁଛନ୍ତି, କିନ୍ତୁ ସରକାର ଦର ନିର୍ଦ୍ଧାରଣ କରିନଥିବାରୁ ବେସରକାରୀ ମାଛ ଗୋଦାମ ଉପରେ ଅଙ୍କୁଶ ଲଗାଇପାରୁନାହୁଁ। ସରକାରୀ ମାଛ ମାର୍କେଟ ନିର୍ମାଣ କାର୍ଯ୍ୟ ସରିଲେ ଚାଷୀ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀ ନିଜର ମାଛ ବିକ୍ରି କରିପାରିବେ।

- ଜିଲ୍ଲାରେ ମାଛ ଉତ୍ପାଦନ ବାର୍ଷିକ ୧.୭୨ ଲକ୍ଷ ମେଟ୍ରିକ ଟନ
- ଆରମ୍ଭ ହେଉନି ବିଭିନ୍ନ ପ୍ରକଳ୍ପ କାମ

## ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ



ବାଲେଶ୍ୱର,୧୫।୩ (ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଗେଙ୍ଗୁଟି ଗ୍ରାମର ପଶ୍ଚିମପାଖ ଜନଜାତି ବସ୍ତିରେ ଅଞ୍ଚଳର ବ୍ରଜେନ୍ଦ୍ର କୁମାର ପରିଡା ଫାଉଣ୍ଡେସନ, ବାଲେଶ୍ୱର ଓ ସ୍ଥାନୀୟ ସଂଗଠନ ସୃଷ୍ଟି ମିଳିତ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳନ ଅବସରରେ ଏକ ସଚେତନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରର ମାନବଧିକାର କର୍ମୀ ସୁଧାକର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନଧର୍ମୀ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ ଯୋଗଦେଇ ନିଜର ମନର କଥା କହିବା ସହ ବସ୍ତିର ସାମୁହିକ ବିକାଶ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର କୁମାର ପରିଡା ଫାଉଣ୍ଡେସନ ମୁଖ୍ୟ ବାସନ୍ତିମଣି ଦାସ ଯୋଗ ଦେଇ ଥିଲେ। ସ୍ଥାନୀୟ ଶିକ୍ଷାବିତ ସାବିତ୍ରୀ ତ୍ରିପାଠୀ, ସାମାଜିକ କର୍ମୀ ସତ୍ୟବ୍ରତ ସ, ସୃଷ୍ଟିର ମୁଖ୍ୟ ସନତ କୁମାର ପରିଡା ପ୍ରମୁଖ ଉପସ୍ଥିତ ରହି କଥା ରଖିଥିଲେ। ସ୍ଥାନୀୟ ପ୍ରତିଭାବାନ କ୍ରୀଡ଼ାବିତ ତପସ୍ୱିନୀ ସିଂ ମଞ୍ଚ ଆହ୍ୱାନ କରିଥିବା ବେଳେ ସଂଗୀତା ସିଂ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ବ୍ଲାକମେଲିଂ, ବଙ୍ଗୀୟ ଯୁବକ ଗିରଫ

ଚନ୍ଦନେଶ୍ୱର, ୧୫।୩ (ସମିସ) : ଭୋଗରାଇ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ମୋବାଇଲରେ କଥା ହେବା ପରେ ସେହି ବାର୍ତ୍ତାଳାପର ଅଡିଓକୁ ଭାଇରାଲ କରିବାର ଧମକ ଦେଇ ମହିଳାଙ୍କଠୁ ଟଙ୍କା ମାଗିବା ଅଭିଯୋଗରେ ଜନୈକ ପଶ୍ଚିମବଙ୍ଗ ଅଞ୍ଚଳର ଯୁବକକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ପଡ଼ୋଶୀ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଅଞ୍ଚଳର ବୁଦ୍ଧଦେବ ଦଳାଇ ନାମକ ଜଣେ ଯୁବକ ଭୋଗରାଇ ଅଞ୍ଚଳର ଜଣେ ମହିଳାଙ୍କ ସହ ଫୋନ ଯୋଗେ ପ୍ରେମ ବାର୍ତ୍ତାଳାପ କରି ତାହାର ଅଡିଓ କୁ ରେକର୍ଡିଂ କରି ମହିଳାଙ୍କଠାରୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଏ ନେଇ ମହିଳା ଜଣକ ଟଙ୍କା ନଦେବାରୁ ବୁଦ୍ଧଦେବ ରେକର୍ଡିଂ କରିଥିବା ଅଡିଓକୁ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲେ। ତେବେ ମହିଳା ଜଣକ ବାଧ ହୋଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହିତ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ୪ ଟ୍ରାକ୍ଟର ଓ ଜେସିବି ଜବତ, ୩ ଅଟକ

- ବେଆଇନ ବାଲି ଉତ୍ତୋଳନ ବେଳ ପୁଲିସ ଓ ଖଣି ବିଭାଗର ଚଢ଼ଉ

ବାଲିଆପାଳ,୧୫।୩(ସମିସ): ବେଆଇନ ବାଲି ଚାଲାଣ ରୋକିବା ପାଇଁ ଆକ୍ସନ ମୁଡ୍ ରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ। ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀପଠାର ବାଲିଆପାଳ ତହସିଲର ଗୁହାଳପାଳ ଓ ଜଳେଶ୍ୱର ତହସିଲର କଣ୍ଟାପାଳ ମୌଜାରେ ଗଢି ଉଠିଥିବା ଚୋରା ବାଲି ଆଡ୍ଡା ଉପରେ ଚଢ଼ଉ କରି ଚଢଉ କରି ୪ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ଜବଦ କରିଛନ୍ତି, ଏହି ଠାରେ ବେଆଇନ ଭାବରେ ବାଲି ଗଚ୍ଛିତ କରି ଚୋରା ଚାଲାଣ ହେଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଚାନକ ଚଢଉ କରା ଯାଇ ଥିଲା, ବାଲେଶ୍ୱର ଅତିରିକ୍ତ ଏସପିଙ୍କ ତତ୍ତ୍ୱାବଧାନରେ ବସ୍ତା ଏସଡିପିଓ ମାନସ ଦେ, ଏବଂ ଡ଼ିଆଇଜିଙ୍କ ନେତୃତ୍ୱରେ ଦଶ ଜଣିଆ ଟିମ ପୁଲିସ ଫୋର୍ସ ଚଢ଼ଉରେ ସାମିଲ ହୋଇଥିଲେ। ତେବେ ଏହି ବେଆଇନ ବାଲି ସୌମ୍ୟଦୀପ ଚକ୍ରବର୍ତୀଙ୍କର ବୋଲି ଜଣାଯାଇଛି। ଏଠାରେ ୧୦,୦୦୦୦ ସିଏମରୁ ଉର୍ଦ୍ଧ ବାଲି ମହଜୁଦ ରହିଛି ବୋଲି ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା କହିଛନ୍ତି।

## ପିଲା ଚୋର ସନ୍ଦେହରେ ୩ ଅଟକ

ବାଲିଆପାଳ, ୧୫।୩ (ସମିସ): ବାଲିଆପାଳ ଥାନା ବଡାସ ପଞ୍ଚାୟତର ସାରପଞ୍ଜା ଗ୍ରାମରେ ପିଲା ଚୋର ସନ୍ଦେହରେ ୩ ଜଣକୁ ଅଟକ ରଖି ଜାମକୁଣ୍ଡା ଫାଣ୍ଡିରେ ଜିମା ଦେଲେ ଗ୍ରାମବାସୀ। କାର୍ଯ୍ୟାନୁଷ୍ଠାନ ଶୂନକୁ ନେଇ ଫାଣ୍ଡି ପରିସରରେ ଉତ୍ତେଜନା ଜାରି। ଆଜି ସାରପଞ୍ଜା ଗ୍ରାମରେ ପାଖାପାଖି ୧୨ଟା ସମୟରେ କିଛି ପିଲା ନିଜ ବାଡିରେ ଖେଳୁଥିବା ସମୟରେ ତିନି ଜଣ ଜୈନିକ ବ୍ୟକ୍ତି ଚାଦର ଘୋଡାଇ ହୋଇ ଗାଁ ରାସ୍ତା ରେ ବୁଲାବୁଲି କରୁଥିଲେ ଏବଂ ଖେଳୁଥିବା ପିଲାଙ୍କୁ ହାତ ଠାରି ଡାକୁଥିବା ସମୟରେ ପିଲାଙ୍କ ମା'ଙ୍କୁ ସନ୍ଦେହ ହୋଇଥିଲା। ପିଲାଙ୍କ ମା ସାଇପଡିଶାଙ୍କୁ ଡାକିଥିଲେ, ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସନ୍ଦେହ ଜୋର ହୋଇଥଲା। ଜୈନିକ ବ୍ୟକ୍ତିଙ୍କ ପ୍ୟାକେଟ୍ ରୁ ୩୦ ହଜାରରୁ ଅଧିକ ଟଙ୍କା ସମେତ ଦୁଇ ଦୁଇ ଟା ଆଧାର କାର୍ଡ ଛୋଟ ବୋତଲରେ କିଛି ପାଣି ଔଷଧ, ବିଭିନ୍ନ ପ୍ରକାର ସିମ ଏବଂ କଲଗେଟ ସହିତ ତିନି ଜଣ ବ୍ୟକ୍ତିଙ୍କୁ ଜାମ କୁଣ୍ଡା ଫାଣ୍ଡିରେ ଜିମା ଦେଇଥିଲେ। ବାଲିଆପାଳ ର ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ ଏବଂ ତାଙ୍କ ପହଞ୍ଚି ବ୍ୟକ୍ତି ମାନଙ୍କୁ ବାଲିଆପାଳ ଥାନା କୁ ଆଣି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ୭ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ଜଳେଶ୍ୱର, ୧୫।୩ (ସମିସ) : ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ବ୍ଲକ ଅଧୀନ ବିଭିନ୍ନ ସ୍ଥାନରୁ ବାଲି ବେଆଇନ୍ ଉତ୍ତୋଳନ ଓ ପରିବହନ ହୋଇ ଆସୁଛି। ଚୋରାବାଲି ପରିବହନକୁ ରୋକିବାଲାଗି ମାଇନିଂ ବିଭାଗର ଏକ କାର୍ଯ୍ୟାଳୟ ମଧ ଖୋଲାଯାଇଛି। ପୁଲିସ୍ ଓ ରାଜସ୍ୱ ବିଭାଗ ବାଲି ଚୋରିକୁ ରୋକିବାଲାଗି କାର୍ଯ୍ୟ କରୁଥିଲେ ମଧ ମାଫିଆମାନେ ଏହାକୁ ଫୁ କରି ଦିନ ରାତି ହଜାର ହଜାର ଟ୍ରିପ୍ ବାଲି ପଶ୍ଚିମବଂଗକୁ ଚୋରା ଚାଲାଣ ହେଉଛି। ଫଳରେ ସରକାରଙ୍କ ଶହ ଶହ କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଛି। ରାଜ୍ୟ ରାଜପଥ ୫୭ରେ ରାତି ତମାମ ଶହ ଶହ ଟ୍ରାକ୍ଟର ଓ ଡମ୍ଫର ବାଲି ପରିବହନ କରୁଥିବା ବେଳେ ଆଜି ଭୋର ସମୟରେ ପୁଲିସ୍ ପକ୍ଷରୁ ଚଢ଼ଉ କରାଯାଇ ୭ଟି ଟ୍ରାକ୍ଟରକୁ ଜବତ୍ କରାଯାଇଥିଲା। ସେ ଗୁଡିକୁ ଡମ୍ପି ୱାର୍ଡରେ ରଖାଯାଇଥିବା ବେଳେ ୩ଟି ଟ୍ରାକ୍ଟର ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିବା ଏସ୍ଆଇ ଚିରଞ୍ଜିବି ରାଉତ କହିଛନ୍ତି।

## ଜଳେଶ୍ୱରରେ ଇଫ୍ତାର ପାର୍ଟି

ଜଳେଶ୍ୱର, ୧୫।୩ (ସମିସ) : ଜଳେଶ୍ୱର ଏକ ଭାଇଚାରାର ସହର। ଉଭୟ ସଂପ୍ରଦାୟର ହିନ୍ଦୁ ଓ ସଂଖ୍ୟାଲଘୁମାନେ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସହଭାଗିତାରେ ପାଳନ କରିଥାନ୍ତି। ପବିତ୍ର ରମଜାନ ମାସ ଚାଲିଥିବାରୁ ମୁସଲିମ ଭାଇମାନଙ୍କ ଲାଗି ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଥିଲା। ସମାଜସେବୀ ଗୌରହରି ସାହୁଙ୍କ ନେତୃତ୍ୱରେ ରମଜାନ ମାସର ୨୫ତମ ଦିବସରେ ଜଳେଶ୍ୱର ପୌରପାଳିକାର ୩ଟି ମସଜିଦ୍‌ରେ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହ ଶହ ସଂଖ୍ୟାରେ ହିନ୍ଦୁ ଓ ମୁସଲମାନ ଭାଇମାନେ ସାଥିରେ ବସି ଭୋଜନ କରିବାର ନିଆରା ପରମ୍ପରା ଅନୁଷ୍ଠିତ ହୋଇ ଯାଇଛି।



## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ




ବାଲେଶ୍ୱର,୧୫।୩(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଜୀବବିଜ୍ଞାନ ଓ ଜୀବ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ 'ସୁସ୍ଥାୟୀ ଭବିଷ୍ୟତ ପାଇଁ ଜୀବ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ନବୀନତା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମୁଖ୍ୟ ପୃଷ୍ଠପୋଷକତା ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସହ-ପୃଷ୍ଠପୋଷକତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଆଇ.ସି.ଏ.ଆର୍ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକର ଡ଼କ୍ଟର ସଂଘମିତ୍ରା ସାମନ୍ତରାୟ ,ସୁସ୍ଥାୟୀ କୃଷି ଓ ପରିବେଶୀୟ ସ୍ଥିରତା ସୁନିଶ୍ଚିତ କରିବାରେ ଜୀବ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଆଲୋକପାତ କରିଥିଲେ।ବିଭାଗର ସହଯୋଗୀ ପ୍ରଫେସର ଓ ବିଭାଗାଧକ୍ଷ ଡ଼କ୍ଟର ଭରତ ଭୂଷଣ ପଟ୍ଟନାୟକ ସମ୍ମିଳନୀର ସମ୍ମିଳନାଧକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ସହାୟକ ପ୍ରଫେସର ଡ. ପୁନମ କୁମାରୀ ଆୟୋଜକ ସଚିବ ଭାବେ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ଡ଼କ୍ଟର ଏଲସା ପଣ୍ଡିତ ସହ-ସମ୍ମିଳନାଧକ୍ଷ ଓ ଡ଼କ୍ଟର ସୁଭାଶ୍ରୀ ମହାଲିକ ସଂଯୁକ୍ତ ଆୟୋଜକ ସଚିବ ଭାବେ ସହଯୋଗ କରିଥିଲେ। ଏହି ସମ୍ମିଳନୀ ମାଧ୍ୟମରେ ବୈଜ୍ଞାନିକ, ଗବେଷକ ଓ ଶିକ୍ଷାବିତ୍ ମାନେ ବିଭିନ୍ନ ପ୍ରକାରର ପ୍ରଦୂଷଣ, ପ୍ରାକୃତିକ ସମ୍ପଦ ହ୍ରାସ, ଜଳବାୟୁ ପରିବର୍ତ୍ତନ, ଅବଶିଷ୍ଟ ପଦାର୍ଥ ପରିଚାଳନା, ପରିସ୍ଥିତିତନ୍ତ୍ର ପୁନରୁଦ୍ଧାର ଓ ସର୍କୁଲାର ବାୟୋଇକୋନୋମି ପରି ବିଶ୍ୱବ୍ୟାପୀ ସମସ୍ୟାବଳୀ ପାଇଁ ନବୀନ ଜୀବ ପ୍ରଯୁକ୍ତିଭିତ୍ତିକ ସମାଧାନ ଉପରେ ଚର୍ଚ୍ଚା କରିଥିଲେ। ସମ୍ମିଳନୀରେ ମେରାଇନ ବାୟୋଟେକ୍ନୋଲୋଜି ବିଷୟରେ ଏକ ବିଶେଷ ପ୍ରାୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା। ଏହାଛଡ଼ା ପରିବେଶ ଜୀବ ପ୍ରଯୁକ୍ତିବିଦ୍ୟା, ଔଷଧ ଜୀବ ପ୍ରଯୁକ୍ତିବିଦ୍ୟା, ବାୟୋଏନର୍ଜି ଓ କାର୍ବନ୍-ନିରପେକ୍ଷ ପ୍ରଯୁକ୍ତି, କୃଷି ଜୀବ ପ୍ରଯୁକ୍ତିବିଦ୍ୟା, ସିନ୍ଥେଟିକ୍ ବାୟୋଲଜି ଓ ସସ୍ଥାୟୀ ଉନ୍ନୟନ ଲକ୍ଷ୍ୟସମୂହ ସମ୍ବନ୍ଧୀୟ ବିଭିନ୍ନ ବିଷୟକ୍ଷେତ୍ର ଉପରେ ମଧ ଆଲୋଚନା ହୋଇଥିଲା।

## ଆନ୍ତର୍ଜାତିକ ମହିଳା ଦିବସ



ବାଲିଆପାଳ, ୧୫।୩ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜନନୀ ପରିବାର ମହିଳା ସଂଗଠନ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସଂଗଠନର ସଭାପତି ଆଇନଜୀବୀ ଜ୍ୟୋତ୍ସ୍ନା ରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବସ୍ତା ଏସଡିପିଓ ମାନସ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତା ଭାବେ ସତ୍ୟକାମ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାଲିଆପାଳ ଥାନାରେ ସବ୍‌ଇନ୍ସପେକ୍ଟର ଶୁଭସ୍ମିତା ପାଲ୍, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସନ୍ୟାସୀ ବେହେରା, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ରାହୁଓ ସଂଗଠନର ମୁଖ୍ୟ ଆରତୀ ପାତ୍ର, ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, ବରିଷ୍ଠ ସଦସ୍ୟା ବିଷ୍ଣୁପ୍ରୀୟା ମହାପାତ୍ର ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ମହିଳା ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ ସଂଗଠନର ସକ୍ରିୟ ସଦସ୍ୟା ସ୍ନେହଲତା ବେହେରା କରିଥିବା ବେଳେ ସଦସ୍ୟା ସୁଭଦ୍ରା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଂଗଠନର ସଦସ୍ୟା ଲକ୍ଷ୍ମୀ ପ୍ରୀୟା ବେହେରା, କବିତା ବଡ଼େଇ, ମଞ୍ଜୁଲତା ବାରିକ, ସୁମନ୍ତି ଘଡେଇ, ଲକ୍ଷ୍ମୀ ପ୍ରୀୟା ଦଳାଇ, ସୁମନ୍ତି ଦଳାଇ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାଲେଶ୍ୱର ପ୍ରିମିୟର ଲିଗ୍: ଓଡିୱାନ ଫାଇଟର ବିଜୟୀ



ବାଲେଶ୍ୱର,୧୫।୩ (ସମିସ): ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ୧୩ ତମ ବାଲେଶ୍ୱର ପ୍ରିମିୟର ଲିଗର ଅଷ୍ଟମ ଦିନରେ ଖେଳାଯାଇଥିବା ଏଲିମିନେଟର ମ୍ୟାଚରେ ଓଡିୱାନ ଫାଇଟର ଏବଂ ଡେକାନ ୱାରିୟର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଓଡିୱାନ ଫାଇଟର ଟସରେ ବିଜୟ ଲାଭ କରି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ଡେକାନ ୱାରିୟର୍ସକୁ ବୋଲିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଓଡିୱାନ ଫାଇଟରର ଅଧିନାୟକ ପ୍ରକାଶ ବାରିକ ୩୩ ବଲରୁ ୬୬ ରନର ଏକ ଅଧିନାୟକ ପାରି ଖେଳି ଥିଲେ। ଦଳର ଅନ୍ୟତମ ବ୍ୟାଟର ରାମଚନ୍ଦ୍ର ବେହେରା ୩୧ ବଲରୁ ୬୩ ରନ କରି ଦଳକୁ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟରେ ୧୯୨ ରନରେ ପହଞ୍ଚାଇଥିଲେ। ଦ୍ୱିତୀୟ ଇନିଂସରେ ଡେକାନ ୱାରିୟର୍ସ ୧୯୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡିୱାନ ଫାଇଟରର ଶକ୍ତିଶାଳୀ ବୋଲିଂକୁ ସାମ୍ନା କରି ନ ପାରି ୧୭.୩ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ କରିବାକୁ ସକ୍ଷମ ହୋଇଥିଲା। ସେକ ଅସଲମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ରାଜେଶ ମହାପାତ୍ର, ଅଶ୍ୱିନୀ ସାମଲ, ଅମିତ ଅମିତାଭ ମହାକୁଡ଼, ଶାନ୍ତନୁ ଦାସ, ଦେବବ୍ରତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ




ବାଲେଶ୍ୱର,୧୫।୩(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା, ମେ ଆଇ ହେଲ୍ପ ୟୁ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବିତ କୁମାର ଦାଶ, ସହକାରୀ ଓଜନ ମାପ ଓ ବୈଧ ନିୟନ୍ତ୍ରକ ସମ୍ବିତ କୁମାର ଦାସ ଯୋଗ ଦେଇ ଉପଭୋକ୍ତା ଜିନିଷ କିଣିବା ବେଳେ ଏହାର ମାନ ଓଜନ ଏବଂ ଗୁଣବତ୍ତା ସଂପର୍କରେ ସଚେତନ ହେବା ଆବଶ୍ୟକ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ଶଶିରେଖା ମହାନ୍ତି, ପୂର୍ବତନ ଅଧିକାରୀ ଶୁଭେନ୍ଦୁ ଲେଙ୍କା, ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଉପଭୋକ୍ତା ମାନଙ୍କୁ ସଚେତନ କରାଇଥିଲେ। ଭରସା ସମ୍ପାଦକ ଜାଦବେଶ ମିଶ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ଉବାଚକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅମଳ ସମୟରେ ବିହନ ବିତରଣ କରୁଛି କୃଷି ବିଭାଗ

ଚନ୍ଦନେଶ୍ୱର, ୧୫।୩ (ସମିସ)



ରାଜ୍ୟ ସରକାର ଚାଷୀ ଓ ଚାଷକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସଶକ୍ତ କରିବାକୁ ଯୋଜନା ପରେ ଯୋଜନା କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଚାଷୀ ତାର ସୁଫଳ ପାଇ ପାରୁନାହାନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇର ୫୦ ପଞ୍ଚାୟତ ମଧ୍ୟରୁ ଚିନାବାଦାମ ଚାଷ ପାଇଁ ଉପଯୁକ୍ତ ପାଖାପାଖି ୧୭ଟି ପଞ୍ଚାୟତରେ ୧୮୦୦ ହେକ୍ଟର ଜମିରେ ଚାଷ ହୁଏ। ସେଥି ମଧ୍ୟରୁ ବ୍ଲକ କୃଷି ବିଭାଗର ସୂଚନା ଅନୁସାରେ ନାରାୟଣ ମହାନ୍ତି ପଡିଆ, କାନ୍ଠଥଉଁରୀ, ଶ୍ରଦ୍ଧାପୁର, ଶଙ୍ଖାରୀ, ହୁଗୁଳି ପଞ୍ଚାୟତରେ ପାଖାପାଖି ୧୨ ଶହ ହେକ୍ଟର ଜମିରେ ବାଦାମ ଚାଷ ହୋଇଛି। ଏବେ ଚିନାବାଦାମ ଗଛରେ ଫୁଲ ଆସିଥିବା ସହ ଖୁବ୍‌ଶୀଘ୍ର ଅମଳ ହେବାକୁ ଯାଉଛି। ସେଥି ମଧ୍ୟରୁ ଶ୍ରଦ୍ଧାପୁର ପଞ୍ଚାୟତରେ ୪୦୦ ହେକ୍ଟର , ନାରାୟଣ ମହାନ୍ତି ପଡିଆ ପଞ୍ଚାୟତରେ ୪୦୦ ହେକ୍ଟର କାନ୍ଥଭଉଁରୀ ପଞ୍ଚାୟତରେ ୨୫୦ ହେକ୍ଟର ଜମିରେ ବାଦାମ ଚାଷ ହୋଇଛି। ଏଥିପାଇଁ ସରକାରଙ୍କ କୃଷି ବିଭାଗ ତରଫରୁ ବିହନ ଯୋଗାଇଦେବାର ବ୍ୟବସ୍ଥା ରହିଛି। ଚଳିତ ବର୍ଷ ସଠିକ ସମୟରେ ବିହନ ନ ପାଇ ଚାଷୀ ବଜାରରୁ ବିହନ କିଣି ଚାଷ କରିଥିବାବେଳେ ଅମଳ ସମୟରେ ଏବେ କାନ୍ଠଥଉଁରୀ ପଞ୍ଚାୟତରେ ବାଦାମ ଚାଷୀମାନଙ୍କୁ ବିହନ ବିତରଣ କରୁଥିବା ଦେଖିବାକୁ ମିଳିଛି। ଉପଯୁକ୍ତ ସମୟରେ ବିହନ ନ ଦେଇ ଅମଳ ସମୟରେ ଚିନାବାଦାମ ଯୋଗାଣକୁ କୃଷି ବିଭାଗର ପ୍ରହସନ ପାଲଟିଛି। ପୁଣି ଧାନ ଭଳି ସରକାର ଅମଳ ବାଦାମ କ୍ରୟ କରୁନଥିବା ବେଳେ ଚାଷୀ ବଜାରରେ ଉଚିତ ମୂଲ୍ୟରେ ବିକ୍ରି କରିପାରୁନାହାନ୍ତି ?ଗୋଲି ସରକାର ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀ ସତ୍ୟ କୁମାର ସାମଲ, ଅଭିଳାଷ ଦାସ, ବିଜୟ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ, ଶରତ କୁମାର ଖିଲାର, ସବିତା ନାୟକ, ପ୍ରମୁଖ ଦାବୀ ରଖିଛନ୍ତି।

**ଚିନାବାଦାମ ବିହନ ଯୋଗାଣ କୃଷି ବିଭାଗର ପ୍ରହସନ**




# ବିପଦସଂକୁଳ ଅବସ୍ଥାରେ ଖୋଲା ଟ୍ରାନ୍ସଫର୍ମର

**ବିଞ୍ଝାରପୁର, ୧୫।୩(ସମିସ)**



ଯାଜପୁର ଜିଲ୍ଲା ବିଞ୍ଝାରପୁର ବିଦ୍ୟୁତ୍ ସବଡିଭିଜନ ଅଧୀନରେ ଥିବା ଅନେକ ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫରମର ଖୋଲା ଅବସ୍ଥାରେ ପଡ଼ି ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ନିୟମ ଅନୁଯାୟୀ ଟ୍ରାନ୍ସଫର୍ମର ଚାରିପଟେ ବ୍ୟାରିକେଟ ଲଗାଯିବା ଆବଶ୍ୟକ ଥିଲେ ମଧ୍ୟ ଟାଟା ପାୱାରର ଅବହେଳା ଯୋଗୁଁ ଅନେକ ସ୍ଥାନରେ ଏହା ହୋଇପାରିନାହିଁ। ଏହି କାରଣରୁ ପୂର୍ବରୁ ଅନେକ ଜୀବଜନ୍ତୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି।

ଗତ କିଛି ଦିନ ପୂର୍ବେ ଆଉଁରୀ ପଞ୍ଚାୟତରେ ଏକ ବଛୁରୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। କେବଳ ଆଉଁରୀ ପଞ୍ଚାୟତ ନୁହେଁ, ବିଞ୍ଝାରପୁର ଓ ଦଶରଥପୁର ସବଡିଭିଜନ ଅଧୀନରେ ଥିବା ବହୁ ସ୍ଥାନରେ ଏଭଳି ଅବସ୍ଥା ଦେଖାଯାଉଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଓ ଯନ୍ତ୍ରାଂଶ ହାତପାଆନ୍ତାରେ ଥିବା ମଧ୍ୟ ଦେଖାଯାଇଛି। ବିଞ୍ଝାରପୁରର ସୟଦପୁର ପଞ୍ଚାୟତର ଆଖିନ୍ଦ ମହଲ୍ଲା, ଟିଭିଏସ୍ ସୋରୁମ ନିକଟ, ଗୁହାଳୀ ପଞ୍ଚାୟତର ପଣ୍ଡା ସାହି, ଜେନା ସାହି, ଧଳ ସାହି, ବିଞ୍ଝାରପୁର ପଞ୍ଚାୟତର ତଳସାହି ଇଂଲିଶ ମିଡିୟମ୍ ସ୍କୁଲ ନିକଟ, ଅରେଇ ପଞ୍ଚାୟତ ବରୁଣେଶ୍ୱର କ୍ଷେତ୍ର, ଚିକଣା ପଞ୍ଚାୟତ ପରଲଖ ଗାଁ ସହ ଦଶରଥପୁର ଅଧୀନରେ ଥିବା ଉତ୍ତରଙ୍ଗରା ଅଞ୍ଚଳରେ ମଧ୍ୟ ଏଭଳି ଖୋଲା ଟ୍ରାନ୍ସଫର୍ମର ଥିବା ଦେଖାଯାଉଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ବିପଦସଂକୁଳ ଅବସ୍ଥାରେ ରହିଛି। ଏନେଇ ଅଞ୍ଚଳବାସୀମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯଥାପ୍ରକାର ପଦକ୍ଷେପ ଗ୍ରହଣ ହେଉନାହିଁ ବୋଲି ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଞ୍ଝାରପୁର ବିଦ୍ୟୁତ୍ ବିଭାଗର ଅଧିକାରୀ ରବି ନାରାୟଣ ଦାସ କହିଛନ୍ତି ଯେ, ତଦନ୍ତ କରାଯାଇ ଖୋଲା ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଗୁଡ଼ିକ ଚାରିପଟେ ଖୁବଶୀଘ୍ର ବ୍ୟାରିକେଟ୍ ବ୍ୟବସ୍ଥା କରାଯିବ।

# ପ୍ରାଧ୍ୟାପକ ପବିତ୍ର ମାହାଲାଙ୍କୁ ଗୁରୁ ଗୌରବ ସମ୍ମାନ

**ବଡ଼ଚଣା, ୧୫।୩(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ମାହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ସ୍ଥିତ କାମେଶ୍ୱର ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ଉତ୍ସବ ଅବସରରେ ପ୍ରାଧ୍ୟାପକ ମାହାଲାଙ୍କୁ ଶିକ୍ଷା ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପରିବେଶବିତ୍ ତଥା କାମେଶ୍ୱର ସାହିତ୍ୟ ସଂସଦର ସଭାପତି ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ତଥା ତାମିଲନାଡୁ ତିରୁବନ୍ନାମଲାଇର ବୈଦିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର କାନୁନଗୋ, ମୁଖ୍ୟଅତିଥି ଭାବେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର କାର୍ଯ୍ୟାଳୟ ତଥା ହିନ୍ଦୀ ଅଧିକାରୀ ଡ. ନାରାୟଣ ମୁଦୁଲି, ମୁଖ୍ୟବକ୍ତା



ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ବିଜୟଲକ୍ଷ୍ମୀ ଦାଶ, ବିଶିଷ୍ଟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଡ. ବିଜୟା ବିଜେତା ନାୟକ, ବରେଣ୍ୟ ବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହ ପ୍ରଫେସର୍ ଡ. ସାରଦା ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ବୈକୁଣ୍ଠ ନାଥ ଦାସ, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ଓଡ଼ିଶା ରାଜ୍ୟ ଅର୍ଥ ନିଗମ ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀ କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉତ୍ସବକୁ କାମେଶ୍ୱର ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସାହିତ୍ୟିକ କୁଳମଣୀ ସାହୁ ସଂଯୋଜନା କରିଥିଲେ।

# ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ସମ୍ମିଳନୀ

**ପ୍ରିତିପୁର, ୧୫।୩(ସମିସ):** ବିଞ୍ଝାରପୁର ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୭ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କର ସମ୍ମିଳନୀ ସ୍ଥାନୀୟ ସହକାରୀ ଆବାସ ପ୍ରଦ୍ୟୋଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବ କାର୍ଯ୍ୟକ୍ରମ ପୁରାତନ ଛାତ୍ର କମଳାକାନ୍ତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟଅତିଥି ଭାବରେ ସହକାରୀ ଆବାସ ପ୍ରଦ୍ୟୋଗର ମାର୍ଗଦର୍ଶକ ଇଂ. ସୁଶାନ୍ତ କୁମାର ମିଶ୍ର, ଅଧ୍ୟକ୍ଷ ପ୍ରତୀକ ମିଶ୍ର, ସମ୍ପାଦିକା ସେହ୍ନଲତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଦିବଂଗତ ସାଥୀ ପ୍ରଶାନ୍ତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ବାସନ୍ତୀ ମିଶ୍ର, କିଶୋର ସାହୁ, ହରିଶ୍ଚନ୍ଦ୍ର ସାହୁ, ଅଶୋକ ସାହୁ, ଶରତ ଚନ୍ଦ୍ର ରଣା, ବିକ୍ରମ ଦାସ, ଦୁର୍ଗାପ୍ରସାଦ ସାହୁ, ଶ୍ରୀଧର ଦାସ, କୈଳାସ ଜେନା, ରବୀନ୍ଦ୍ର ବିଶ୍ୱାଳ, ସୀତାକାନ୍ତ ପତି, ମନୋଜ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ପାଣିକୋଇଲି, ୧୫।୩(ସମିସ):** ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ଠାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଏସ୍‌ବିଆଇ ଶାଖା ପରିଚାଳକ ମାନସ ରଞ୍ଜନ ବେହେରା ଯୋଗଦେଇ ବାଳିକା ମାନଙ୍କର ଆତ୍ମ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ ଅଧକ୍ଷା ବସନ୍ତମଞ୍ଜରୀ ସାହୁ, ପ୍ରାକ୍ତନ ଅଧ୍ୟାପକ ଗୌରହରି ସାହୁ, ଅଧ୍ୟାପକ ସମରେନ୍ଦ୍ର ଦାଶ, ଅଧ୍ୟାପକ ମଦନମୋହନ ପାତ୍ର, ସଂଯୋଜିକା ସୁଶ୍ରୀ ସଙ୍ଗୀତା ନନ୍ଦ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସଭାରେ ଶକ୍ତିମୟୀ ଜେନା, ରଶ୍ମିତା ଧଳ, ସାଗରିକା ରଥ, ସୁବାସିନୀ ପୃଷ୍ଟି, ସତ୍ୟବ୍ରତ ଦାସ, ସତ୍ୟ ମହାନ୍ତି, ସୀମା ତରେଇ, ଅଭିମନ୍ୟୁ ପଣ୍ଡା, କାଦମ୍ବିନୀ ରାଉଳ, ଅଲେଖ ପ୍ରସାଦ ସାହୁ, ରମେଶ ମହାକୁଡ, ପ୍ରମୋଦ ମିଶ୍ର, ବିପିନ ବିହାରୀ ଦାସ ସହଯୋଗ କରିଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ସସ୍ମିତାରାଣୀ ପଣ୍ଡା ବାଳିକା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ରଶ୍ମୀରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଚୁଲି ଓ ଇଣ୍ଡକସନ ମୁହାଁ ଲୋକେ

**ଧର୍ମଶାଳା, ୧୫।୩(ସମିସ):** ବଜାରରେ ଏହା ଆବଶ୍ୟକ ପରିମାଣର ମିଳୁନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାଫଳରେ ଲୋକେ ଏବେ ଗ୍ୟାସ୍ ସିଲିଣ୍ଡର ଉପରୁ ମୋହ ତୁଟାଇ କାଠ ଓ ଇଣ୍ଡକ୍ସନ ଚୁଲି ମୁହାଁ ହେଲେଣି। ଅନ୍ୟପଟେ ଅଧିକ ମୁନାଫା ଆଶାରେ ଏଜେନ୍ସି ଓ ଦୋକାନୀ ମାନେ ଗ୍ୟାସ୍ ମହଜୁଦ ରଖି କଳାବଜାରୀ ଆରମ୍ଭ କରିଦେଇଥିବା



ଅଭିଯୋଗ ମଧ୍ୟ ବିଭିନ୍ନ ସ୍ଥାନରୁ ଆସିବାରେ ଲାଗିଛି। ଏହି କ୍ରମରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ରନ୍ଧନ ଗ୍ୟାସ୍ ଉପଭୋକ୍ତାଙ୍କ ସମସ୍ୟା ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଯୁଦ୍ଧର ଭୟାବହତା ଭିତରେ ଉପଭୋକ୍ତାମନଙ୍କର ଗ୍ୟାସ ସିଲିଣ୍ଡର ପାଇବାର ଆଶା ମଉଳିଯାଉଛି। ଯାହାଫଳରେ ଉପଭୋକ୍ତାମାନେ ଏବେ ସିଲିଣ୍ଡର ପାଇବାର ଆଶା ଛାଡି କାଠ ଓ ଇଣ୍ଡକସନ ଚୁଲା ଉପରେ ନିର୍ଭର ହେବାକୁ ବାଧ୍ୟ ହେଉଛନ୍ତି। ଧର୍ମଶାଳା ବ୍ଲକର ବିଭିନ୍ନ ବଜାରରେ ସବଡିଲରମାନେ ନିଯୁକ୍ତି ପାଇ ଉପଭୋକ୍ତାମାନଙ୍କୁ ଗ୍ୟାସ୍ ଯୋଗାଇ ଆସୁଥିବା ବେଳେ ଏବେ ସେମାନଙ୍କ ନିକଟକୁ ଗ୍ୟାସ୍ ଆସୁନାହିଁ ବୋଲି ସିଧାସଳଖ ଉପଭୋକ୍ତାମାନଙ୍କୁ କହିଦେଇ ନିଜର କାମ ସାରିଦେଉଛନ୍ତି। ଗ୍ୟାସ ଅଭାବ ଯୋଗୁଁ ଅନେକ ସ୍ଥାନରେ ହୋଟେଲ ଓ କାରଖାନାମାନ ବନ୍ଦ ହେବାକୁ ବସିଲାଣି। ଏଥିପ୍ରତି ସରକାର ଓ ପ୍ରଶାସନ ନଜର ଦେବାକୁ ସାଧାରଣରେ ଦାବି ହୋଇଛି।

# କନିକାପଡ଼ା ପଞ୍ଚାୟତ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ମଙ୍ଗଳପୁର, ୧୫।୩(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତର ପିଇଓ ରବିନାରାୟଣ ସାମଲ କନିକାପଡ଼ା ପଞ୍ଚାୟତର କେତେକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ ମାନେ ଆଦୌ ଘର କରିନଥିବା ବେଳେ ସେମାନଙ୍କର ବିଲ କରେଇ ଦେବା ନାଁରେ ଅର୍ଥ ଆତ୍ମସାତ କରୁଥିବା ନେଇ ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ କିଛିଦିନ ପୂର୍ବେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ଇତି ମଧ୍ୟରେ ପ୍ରାୟ ୩ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଘଟଣାର କୌଣସି ତଦନ୍ତ ହୋଇ ନଥିବାରୁ ପଞ୍ଚାୟତର ଜନସାଧାରଣ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶଯେ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ ମାନଙ୍କର ଅନ୍ୟ ଲୋକଙ୍କ ଘର ଆଗରେ ହିତାଧିକାରୀ ମାନଙ୍କୁ ଠିଆ କରି ଫଟୋ ଉଠାଇ ଚତୁରତାର ସହ ବିଲ କରିବାରେ ପିଇଓ ସଫଳ ହେଉଥିବା ବେଳେ ସରକାର ଯେଉଁ ଉଦେଶ୍ୟରେ ଗରିବ ଲୋକ ମାନଙ୍କୁ ଘର ଯୋଗେଇ ଦେଉଛନ୍ତି ସରକାରଙ୍କର ଯୋଜନା ସଫଳ ହେଉନଥିବା ନେଇ ପଞ୍ଚାୟତ ବାସି ଅଭିଯୋଗ କରିଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ଦୁର୍ନୀତି କମିଛି ବୋଲି ସରକାର ବାହା ବାହା ନେଉଥିବା ବେଳେ ବାସ୍ତବ କ୍ଷେତ୍ରରେ ପୂର୍ବ ସରକାର ଅପେକ୍ଷା ଏହି ସରକାର ସମୟରେ ଦୁର୍ନୀତି ବଢ଼ିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ତେବେ ଦେଖିବା ପାଇଁ ବାକି ରହିଲା କେବେ ହେଉଛି ତଦନ୍ତ ଆଉ କେବେ ହେବ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାହା ଦେଖିବା ପାଇଁ ପଞ୍ଚାୟତ ବାସୀ ଚାତକ ପରି ଚାହିଁ ବସିଛନ୍ତି।

# ପାକଶାଳା ଉଦ୍ୟାନ ପ୍ରଶିକ୍ଷଣ ଶିବିର



**ବରୀ, ୧୫।୪(ସମସ):** ବରୀ ବ୍ଲକ ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ରବିବାର ଓଡ଼ିଶା ସରକାରଙ୍କ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ପାକଶାଳା ଉଦ୍ୟାନ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ଅଧକ୍ଷ ନିରୋଦ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱନାହାକାଣି ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ସଚ୍ଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଷ୍ଟାର ରାଜ୍ୟ ସମ୍ପାଦକ ନିର୍ମଳ ଚନ୍ଦ୍ର ଜେନା ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀ ଭରତଚନ୍ଦ୍ର ଜେନା ପ୍ରତିକୂଳ ପରିସ୍ଥିତିରେ ପାକଶାଳା ବଗିଚାର ଆବଶ୍ୟକତା ଓ ତାହା ଦ୍ୱାରା କିପରି ଆତ୍ମନିଯୁକ୍ତି ଓ ଉନ୍ନତ ସ୍ୱାସ୍ଥ୍ୟପ୍ରଦ ପରିବା ଫଳାଇପାରିବା ସେ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଚାଷୀ, ସମାଜସେବୀ, ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ସାର୍ଟିଫିକେଟ ଓ ଚାରା ମଞ୍ଜି ପ୍ରଦାନ କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା ଜେନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ମନ୍ଦାକିନୀ ସାମନ୍ତରାୟ, ଶୃତି ପଟ୍ଟନାୟକ, ଅଧ୍ୟାପକ ପ୍ରଦିପ କୁମାର ମୁଦୁଲି, ଅଭିଷେକ ଶତପଥୀ, ରୁନୁଲତା ପ୍ରଧାନ, ସରୋଜ କୁମାର ଜେନା, ଶିକ୍ଷାବିତ କର୍ଣ୍ଣ ଚନ୍ଦ୍ର ଘଡାଇ, ନଟବର ଜେନା କୁଞ୍ଜ ବିହାରି ରାୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର କର୍ମଚାରୀ ପଦ୍ମନ କୁମାର ଜେନା, ସୁକାନ୍ତ ଜେନା, ରମେଶ ଜେନା, ସୁରେଶ ରଥ, ନବିନ ଚନ୍ଦ୍ର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଏଲ୍‌ପିଜି ଗ୍ୟାସ୍ ପାଇଁ କବାଟବନ୍ଧରେ ଭିଡ଼

**କବାଟବନ୍ଧ, ୧୫।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ପଞ୍ଚାୟତରେ ରୋଷେଇ ଗ୍ୟାସ (ଏଲ୍‌ପିଜି) ସିଲିଣ୍ଡର ଅଭାବ ଦେଖିବାକୁ ମିଳିଛି। ମର୍ଜିତାପୁର, ଜେନାପୁର, ବୃନ୍ଦାଦେଇପୁର, ମଧୁସୂଦନପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଚକ୍ରଧରପୁର, ଏଣ୍ଡଲବା, ଆଦି ପଞ୍ଚାୟତର ହଜାର ହଜାର ପରିବାର ତଥା ଗୃହିଣୀମାନେ ରୋଷେଇ ପାଇଁ ଗ୍ୟାସ୍ ସିଲିଣ୍ଡର ମିଳିବ ନାହିଁ ଆଶଙ୍କା କରି ଚିନ୍ତାରେ ରହିଛନ୍ତି। ରୋଷେଇ ଗ୍ୟାସ୍ ସିଲିଣ୍ଡର ଗାଡ଼ି ଆସିଲେ ଲୋକମାନେ ସିଲିଣ୍ଡର ନେବା ପାଇଁ ଘେରି ରହୁଥିବା ଦେଖିବାକୁ ମିଳିଛି।



ରବିବାର ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳକୁ ଘରୋଇ ଗ୍ୟାସ୍ ବିତରଣ ପାଇଁ କମ୍ପାନୀ ପକ୍ଷରୁ ଆସୁଥିବା ଗାଡ଼ି ନିକଟରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି। କଳିଙ୍ଗ ନଗର ଦାନଗଦୀ ଅଞ୍ଚଳରୁ ଆସିଥିବା ଭାରତ ଗ୍ୟାସର ଏହି ଘରୋଇ ସିଲିଣ୍ଡର ବୋଝେଇ ଗାଡି କବାଟବନ୍ଧରେ ପହଞ୍ଚିବା ପୂର୍ବରୁ ଲୋକ ମାନେ ଅପେକ୍ଷା କରି ରହିଥିଲେ। ଗାଡି ପହଞ୍ଚିବା ପରେ ଗ୍ରାହକ ମାନେ ଗାଡିକୁ ଘେରି ଯାଇ ଗ୍ୟାସ ନେବା ପାଇଁ ଭିଡ଼ କରିଥିଲେ। କେବଳ ପୁରୁଷ ନୁହେଁ ମହିଳା ଏବଂ ଝିଅ ମାନେ ମଧ୍ୟ ଗ୍ୟାସ ସିଲିଣ୍ଡର ନେବାକୁ ଗାଡ଼ି ନିକଟରେ ଭିଡ଼ କରିଥିଲେ। କେମିତି ବି ହେଉ ଗ୍ୟାସ ଦରକାର ଏମିତି ଭାବି ନିଜ ନିଜ ଭିତରେ ଟଣା ଓଟରା ହେଉଥିବା ଦେଖିବାକୁ ମିଳିଥିଲା। କେହି କେହି ଗ୍ୟାସ ସଙ୍କଟ ଦେଖା ଦେବ ଆଶଙ୍କା କରି ଘରେ ଏକାଧିକ ଖାଲି ସିଲିଣ୍ଡର ଥିବାରୁ ଆଗୁଆ ବୁକିଂ କରି ଭବିଷ୍ୟତ ପାଇଁ ନେଇ ଯାଉଛନ୍ତି। ତେବେ ଉକ୍ତ ଅଞ୍ଚଳରେ ପ୍ରତିଦିନ ଗ୍ୟାସ ଗାଡି ଆସିଲେ ଏହି ଭିଡ଼ ଦୂର ହେବା ସହିତ ଲୋକ ମାନେ ସୁବିଧାରେ ଗ୍ୟାସ୍ ପାଇପାରିବେ ବୋଲି ମତ ପ୍ରକାଶ ପାଇଛି।

# ବ୍ରାଉନ୍‌ସୁଗର ଜବତ; ବେପାରୀ ଅଟକ

**ପାଣିକୋଇଲି, ୧୫।୩(ସମିସ):** ପାଣିକୋଇଲି ପୁଲିସ ଧଳାଜହର ଜବତ କରିବା ସହ ବେପାରୀକୁ ଅଟକ ରଖି ତଦନ୍ତ ଜାରି ରଖିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମ ଠାରେ ଜଣେ ବେପାରୀ ବ୍ରାଉନସୁଗର ବେପାର କରିବା ବେଳେ ଗ୍ରାମବାସୀ ତାକୁ ଧରିଥିଲେ। ଗ୍ରାମାଞ୍ଚଳରେ ଧଳା ଜହର ବେପାରୀ କାୟା ମେଲାଇ ବସିଛନ୍ତି। ଯୁବପିଢ଼ିମାନେ ଏହାର ଶିକାର ହେବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ସୃଷ୍ଟି କରୁଛନ୍ତି। ଖସାଗଡ଼ିଆ ଗ୍ରାମର ଗୋପିନାଥ ସେନାପତିଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସେନାପତି ସାଇକଲ ରିପ୍ୟାରିଂ କାମ କରେ। କିନ୍ତୁ କିଛି ଦିନ ହେବ ଧଳା ଜହର ବେପାର କରିବା ସହ ଗ୍ରାମ୍ୟ ଯୁବକଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବାର ସୂଚନା ରହିଥିଲା। ଶନିବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଧଳାଜହର ବେପାର କରୁଥିବା ବେଳେ ଗ୍ରାମବାସୀ ନାଳିଧଳା ଜରିପୁଡିଆରେ ଥିବା ଧଳା ଜହର ସହ ନଗଦ ୩୭ଶହ ଟଙ୍କା ଧରି ପୁଲିସକୁ ଡାକି ଜିମା ଦେଇଥିଲେ। ପୂର୍ଣ୍ଣକୁ ପୁଲିସ ଅଟକରଖି ଏହାର ଚେର କେଉଁଠୁ କେଉଁଠିକି ଲମ୍ବିଛି ତାର ତଦନ୍ତ କରୁଛି।

# ଦେଶୀ ମଦ ଜବତ; ବେପାରୀ ଗିରଫ

**ପାଣିକୋଇଲି, ୧୫।୩(ସମିସ):** ପାଣିକୋଇଲି ପୁଲିସ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ପୁଲିସ୍ ତଣ୍ଡରା, ବରେଇ ଆଦି ସ୍ଥାନ ବୁଲି ଆସିବା ପରେ ବଡ଼ବରୁଣାଇପଦା ଗ୍ରାକୁ ଯାଇଥିଲା। ସେଠାରେ ଜଣଙ୍କ ଚାଲିଚଳଣ ସନ୍ଦେହ ହେବାରୁ ତାକୁ ଧରିଥିଲେ। ତା' ନିକଟରୁ ୫ ଲିଟର ୪ଶହ ମିଲିଗ୍ରାମ ଦେଶୀ ମଦ ମିଳିଥିଲା। ପରେ ତାକୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ବଡ଼ବରୁଣାଇପଦା ଗ୍ରାମର ଯଦୁମଣି ଦାସଙ୍କ ପୁଅ ଜିତୁଆ ଦାସ(୩୮)। ଏନେଇ ଏକ ମାମଲା ୮୦/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଅସହାୟ ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାଣିକୋଇଲି, ୧୫।୩(ସମିସ):** ପାଣିକୋଇଲି ଥାନା ତଥା ଗୋଳେଇପୁର ପଞ୍ଚାୟତ ଅର୍ନ୍ତଗତ ଖାନ୍ଦରାପୁର (ସିଙ୍ଗଡ଼ା) ଗ୍ରାମର ରବୀନ୍ଦ୍ର ମହାନ୍ତି (୫୭)ଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପ୍ରକାଶ ଯେ ରବୀନ୍ଦ୍ରର ପୁଅ ବୋହୂ ତାଙ୍କୁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଏକୁଟିଆ ରବୀନ୍ଦ୍ର ଗ୍ରାମରେ କାମଦାମ କରି ମାଗିଯାଚି ଚଳୁଥିଲେ। ଠାକୁରଘର ବା କାହା ଘର ବାରଣ୍ଡାରେ ରାତି କାଟିଦେଉଥିଲେ। ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ଗ୍ରାମାବସୀ ତାଙ୍କୁ ଚିକିତ୍ସା କରାଇଥିଲେ। ଶନିବାର ତ୍ରିନାଥ ମନ୍ଦିର ବାରଣ୍ଡାରେ ଶୋଇଥିବା ବେଳେ ସେ ପୁଣି ଅସୁସ୍ଥ ହୋଇପଡ଼ିବାରୁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପାଣିକୋଇଲି ପୁଲିସ ଓ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ତାଙ୍କ ପୁଅ ଆସି ପହଞ୍ଚିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପଞ୍ଚନାମା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପରେ ଶବ ଦାହ କରାଯାଇଥିବା ବେଳେ ପୁଅ ମନୋଜ ମହାନ୍ତି ମୁଖାଗ୍ନି ଦେଇଥିଲା।

# ରାସ୍ତା ତଳକୁ ଖସିଲା ଭ୍ୟାନ୍

**ପାଣିକୋଇଲି, ୧୫।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ରାସ୍ତାରେ ଆଜି ମଧ୍ୟାହ୍ନରେ ଏକ ଟାଟା ଏସି ବୈତରଣୀରୋଡ୍ ଯାଉଥିଲା। ରାସ୍ତା ମଝିରେ ହଠାତ ଆଗ ବାମପଟ ଚକା ପାଟିଯିବାରୁ ଭାରସାମ୍ୟ ହରାଇ ଗାଡିଟି ରାସ୍ତା ତଳକୁ ଖସିପଡ଼ିଥିଲା। ଗାଡି ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲା। ସ୍ଥାନୀୟ ଲୋକମାନେ ଗାଡ଼ିଟିକୁ ଉଠାଇ ଚାଳକକୁ ଉଦ୍ଧାର କରିଥିଲେ।

# ସେବା ସଂକଳ୍ପ ଫାଉଣ୍ଡେସନ ପକ୍ଷରୁ ଚିକିତ୍ସା

ସିଂହପୁର, ୧୫।୩(ସମିସ): ସେବା ସଂକଳ୍ପ ଫାଉଣ୍ଡେସନ ପକ୍ଷରୁ ସିଂହପୁର ବଜାର ଠାରେ ଏକ ଆହତ ଷଣ୍ଢକୁ ଚିକିତ୍ସା କରିଥିଲେ। ଏହି ସେବା ସଂସ୍ଥାର ସଦସ୍ୟ ପବିତ୍ର ଦାସ, ଯଶୋବନ୍ତ ଦାସ, ବିବେକା ନନ୍ଦ ଓଝା, ଶୁଭମ ଦାସ, ଜ୍ୟୋତିରଞ୍ଜନ ବେଉରିଆ, ସନ୍ଦୀପ ବେଉରିଆ, ମହେଶ୍ୱର ପରିଡ଼ା ପ୍ରମୁଖ ଚିକିତ୍ସାରେ ସହଯୋଗ କରିଥିଲେ।

# ଯାଜପୁରରେ ବୁଲିବ ଶ୍ରୀରାମଙ୍କ ରଥ

**ଯାଜପୁର, ୧୫।୩(ସମିସ)**

ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ନୀତିବାଣି ଲୋକମାନଙ୍କ ନିକଟରେ ପହଞ୍ଚାଇବା, ହିନ୍ଦୁ ଧର୍ମର ସୁରକ୍ଷା ଓ ହିନ୍ଦୁମାନଙ୍କୁ ଜାଗ୍ରତ କରାଇବା, ସନାତନ ଧର୍ମର ପ୍ରଚାର ପ୍ରସାର କରାଇବା ସହ ସନାତନ ଧର୍ମର ନୀତି ଆଦର୍ଶକୁ ପ୍ରତି ଗୃହରେ ପହଞ୍ଚାଇବା, ଭାଗବତ

**ନଅ ଦିନ ଧରି ପ୍ରଚାର କରିବ ଶ୍ରୀରାମ ଆଦର୍ଶ**

ଟୁଙ୍ଗିର ପୁନରୁଦ୍ଧାର କରିବା, ମଠ ଓ ମନ୍ଦିରର ସୁରକ୍ଷା ସହ ମଠ ଓ ମହନ୍ତ ମାନଙ୍କର ବିକାଶ କରିବା, ଭାଗବତର ବାଣୀକୁ ପ୍ରତି ଗୃହରେ ପହଞ୍ଚାଇବା, ଓଡ଼ିଆ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ




ଗୋପିନାଥ ଗଜପତି ଭୂୟାଁ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମାର୍ଚ୍ଚ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ସଦର ମହକୁମା ସହ ଜିଲ୍ଲାର ସମସ୍ତ ବ୍ଲକ, ମଠ, ମନ୍ଦିର, ଧାର୍ମିକ ସ୍ଥଳକୁ ପ୍ରଭୁ ଶ୍ରୀରାମଙ୍କ ଭ୍ରମଣ ରଥ ପରିକ୍ରମା କରିବ ବୋଲି ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ଗୃହରେ ଟ୍ରଷ୍ଟର ଅଧକ୍ଷ ଗୋପିନାଥ ଗଜପତି ଭୂୟାଁ ସୂଚନା ଦେଇଥିଲେ। ଗୋପିନାଥ ଗଜପତି ଭୂୟାଁ ଟ୍ରଷ୍ଟ ବିଭିନ୍ନ ସମୟରେ ସାମାଜିକ ସେବା ସହ ବୃକ୍ଷରୋପଣ, ଦରିଦ୍ର ନାରାୟଣ ସେବା, ଅସହାୟକଙ୍କୁ ସହାୟତା କରିବା, ବସ୍ତ୍ର ବଣ୍ଟନ କରିବା କାର୍ଯ୍ୟକ୍ରମ ଜାରିରଖିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପାଇକରାପୁର କଣ୍ଟିଗଡ଼ିଆ ଜୟନ୍ତ ଆଶ୍ରମର କାହ୍ନା ବାବା, ଗାଦି ଗୋସେଇଁ ମଠ ମହନ୍ତ ଲିଳା ଅବତାର ଗୀତାଯୋଗୀ ବାବା ରବିନାରାୟଣ, ପଣସା ମଠ ମହନ୍ତ ରାଧାକୃଷ୍ଣ ମହାରାଜ, ଗୋବିନ୍ଦ ନନ୍ଦ ସରସ୍ୱତୀ ମହାରାଜ ଚିତ୍ରକୁଟ, ମହେନ୍ଦ୍ରନାଥ ପ୍ରମୁଖ ଯୋଗଦେଇଥିଲେ। ମାର୍ଚ୍ଚ ୧୯ ତାରିଖ ଦିନ ପ୍ରଭୁ ଶ୍ରୀରାମଙ୍କ ରଥ ଯାଜପୁର ସହରର ରାମ ମନ୍ଦିରରେ ପୂଜାର୍ଚ୍ଚନା ହେବା ପରେ ୨୦ ତାରିଖ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଆଜ୍ଞାମାଳ ନେଇ ମନ୍ଦିର ସମ୍ମୁଖରୁ ପ୍ରଭୁ ଶ୍ରୀରାମଙ୍କ ପରିଭ୍ରଣ ରଥର ଶୁଭାରମ୍ଭ ହେବ। ଏହି ଶୁଭାରମ୍ଭ ଦିନ ଯାଜପୁର ଲୋକସଭା ସାଂସଦ ରବୀନ୍ଦ୍ରନାରାୟଣ ବେହେରା ଯୋଗଦେଇ ରଥ ଭ୍ରମଣର ଶୁଭାରମ୍ଭ କରିବେ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅମୃତିଆ ମା' ହିଙ୍ଗୁଳା ଯଜ୍ଞ ଓ ମହୋତ୍ସବ ପାଇଁ ପ୍ରସ୍ତୁତି

**ପାଣିକୋଇଲି, ୧୫।୩(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଅମୃତିଆ ଠାରେ ମା' ହିଙ୍ଗୁଳାଙ୍କ ୫୫ତମ ଯଜ୍ଞ ଓ ମହୋତ୍ସବ ପାଇଁ ମା' ହିଙ୍ଗୁଳା କମିଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀ ମା'ଙ୍କ ପୀଠରେ ଆୟୋଜିତ ହୋଇଯାଇଛି। କମିଟିର ସଭାପତି ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ଯୋଗଦେଇ ଯଜ୍ଞ ଓ ମହୋତ୍ସବକୁ କିପରି ଶାନ୍ତିଶୃଙ୍ଖଳାରେ ସମାପନ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ କଳସ ଯାତ୍ରା କରାଯାଇ ୩ ତାରିଖ ପୂର୍ଣ୍ଣାହୁତି କରାଯିବ। ୪ ଓ ୫ ତାରିଖ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ୧୨ ତାରିଖ ଯଜ୍ଞ ଭସ୍ମ ବିସର୍ଜନ କରାଯିବ। ପ୍ରତ୍ୟେହ ନାମଯଜ୍ଞ ସହ ପାଲା, ସ୍ଥାନୀୟ କୁନି କଳାକାର ମାନଙ୍କ ଦକ୍ଷତା ପ୍ରଦର୍ଶନ, ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଜୟ ମହାପାତ୍ର, ସୁରେନ୍ଦ୍ର ସ୍ୱାଇଁ, କୁଳମଣି ଲେଙ୍କା, ସୁବାସ ମଳିକ, ସୁରେଶ ଖଣ୍ଡାଇ, ସେମାନାଥ ପତ୍ରୀ ପ୍ରମୁଖ ଯୋଗଦେଇ ସେମାନଙ୍କ ମତପୋଷଣ କରିଥିଲେ। ଶେଷରେ ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ଓ ଯୁବ ବନ୍ଧୁ ମାନେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସର୍ବୋତ୍ତମ ଯୁଦ୍ଧକଳା ହେଲା ବିନା ପ୍ରତ୍ୟକ୍ଷ ସଂଘର୍ଷରେ ଶତ୍ରୁ ଉପରେ ବିଜୟ ହାସଲ କରିବା
- (ଆର୍ଟ ଅଫ୍ ୱାର୍) ସୁନ୍ ଜୁ

## ପ୍ରଚାର-ଅପପ୍ରଚାର

ସତ୍ୟ ଓ ଅସତ୍ୟକୁ ଆମେ ଯଥାକ୍ରମେ ପ୍ରଚାର ଓ ଅପପ୍ରଚାର ବିଭାଜିତ କରିପାରିବା। ଅସତ୍ୟ ବା ଅପପ୍ରଚାରର ଗ୍ରହଣୀୟତାକୁ ବିଚାର କଲେ ସତ୍ୟର ସ୍ଥିତି ନଗଣ୍ୟ। ଯେମିତି କଥାରେ ଅଛି ତିନି ତୁଣ୍ଡରେ ଛେଳି କୁକୁର। ତେଣିକି ସେ ରଣକ୍ଷେତ୍ର ହେଉକି କ୍ଷମତା ଯୁଦ୍ଧ ଅପପ୍ରଚାରକୁ ରଣନୀତିକ ଆବଶ୍ୟକତା ରୂପେ ମାନ୍ୟତା ମିଳିଯାଇଛି । ଏହି ଅପପ୍ରଚାରର ମାଧ୍ୟମ ପାଲଟିଛି ଗଣମାଧ୍ୟମ। ଏଭଳି ଏକ ପରିସ୍ଥିତିରେ ବାସ୍ତବ ଚିତ୍ର ଓ ଘଟଣାକ୍ରମର ଯଥାର୍ଥତା ନେଇ ହଠାତ୍ ଉପସଂହାରେ ପହଞ୍ଚିବା ସମ୍ଭବ ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ୱୀକୃତ ତିନିଟି ସ୍ତମ୍ଭକୁ ବାଦ୍ ଦେଲେ ବ୍ୟବସ୍ଥାର ପ୍ରକୃତ ସ୍ଥିତି ସମ୍ପର୍କରେ ଅବଗତ କରାଇ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ମାନ୍ୟତା ଦିଆଯାଇଛି। ଆମେ ଯେଉଁ ଗଣତାନ୍ତ୍ରିକ କଥା ଉଲ୍ଲେଖ କରିଛୁ ତାହା ଉପରେ କ୍ଷମତାକେନ୍ଦ୍ରରେ ନିର୍ଭରଶୀଳତେ ଏତେ ବଢ଼ିଯାଇଛି ଯେ ଗଣମାଧ୍ୟମ ଏକ ପ୍ରକାର ଶ୍ୱାସରୁଦ୍ଧ ଅବସ୍ଥାରେ ଦାୟିତ୍ୱ ନିଭାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଚାପ ଓ କଠୋର କଟକଣା ନିକଟରେ ନତ ମସ୍ତକ ହେବା ବ୍ୟତୀତ ଅନ୍ୟକୌଣସି ବିକଳ୍ପ ଥିଲା ଭଳି ମନେହେଉନି। ଦୈନନ୍ଦିନର ଘଟଣା, ଦୁର୍ଘଟଣା ଓ କ୍ରୀଡ଼ାସମ୍ବାଦକୁ ବାଦ୍ ଦେଲେ ଅବଶିଷ୍ଟ ବିଷୟବସ୍ତୁରେ ନିରପେକ୍ଷତା ଆଶାକଲେ ନିରାଶ ହେବାକୁ ପଡ଼ିବ। ପ୍ରବଞ୍ଚନା, ପ୍ରତାରଣା ଓ ଆତ୍ମଘୋଷିତ ଅହଂକାରର ପ୍ରଚାର ମଧ୍ୟରେ ମନରେ ସନ୍ଦେହ ଉଙ୍କିମାରେ ଏହା ଅସତ୍ୟର ଅପପ୍ରଚାର ନୁହେଁ ତ? ସତ୍ୟକୁ ଖୋଜିବା ଓ ସାଉଁଟିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ଏତେ ସମୟ ଅପଚୟ କରି ଯେଉଁ ସତ୍ୟର ସନ୍ଧାନ ହେବ ତାହାର ଉପଯୋଗିତା ବା କେତେ? କ୍ରମାଗତ ମିଥ୍ୟାର ଅପପ୍ରଚାର ଏଭଳି ଆସ୍ଥାନ ଜମାଇ ସାରିଥିବ ଯେ ସତ୍ୟ ଗ୍ରହଣୀୟତା ହରାଇବା ଏକ ପ୍ରକାର ନିଶ୍ଚିତ।

ଏହା କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରର ନୀତି ବା ଆଦର୍ଶ ଏ କଥା ନୁହେଁ। ବିଶ୍ୱର ଅଧିକାଂଶ ଶକ୍ତିଶାଳୀ ରାଷ୍ଟ୍ର ନିଜର ପ୍ରଭାବ ଓ ପତିଆରାକୁ ସୁରକ୍ଷିତ ରଖିବା ସକାଶେ ଗଣମାଧ୍ୟମକୁ ସ୍ୱାଧୀନତା ଓ ନିରପେକ୍ଷତାକୁ ହନନ କରୁଛନ୍ତି। ନେତାଙ୍କ ବକ୍ତବ୍ୟ ଓ ଅସତ୍ୟ ଇସ୍ତାହାରର ପ୍ରଚାର ଓ ପ୍ରସାରର ମାଧ୍ୟମ ହୋଇଛି ଗଣମାଧ୍ୟମ। କିଛି ପାଠକଙ୍କ ମନରେ ସନ୍ଦେହ ଉପୁଜିପାରେ ହଠାତ୍ ଏହି ପ୍ରସଙ୍ଗ ଆଜି କାହିଁକି ? ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଯୁଦ୍ଧ ଘନଘଟା ସମଗ୍ର ବିଶ୍ୱରେ ତୈଳ ଓ ଇନ୍ଧନ ଗ୍ୟାସ୍‌କୁ ନେଇ ଆତଙ୍କ ସୃଷ୍ଟି କରିଥିବାବେଳେ ସ୍ୱାଭାବିକତା ଫେରିବା ସକାଶେ ଯେ କେହି ଆଶା କରିବ ତୁରନ୍ତ ଏହି ବିପର୍ଯ୍ୟୟରେ ପୂର୍ଣ୍ଣଚ୍ଛେଦ ପଡୁ ବା ବିରାମ ଘଟୁ। ଯୁଦ୍ଧ ଏଥିମଧ୍ୟରେ ଏକ ପକ୍ଷ ଅତିକ୍ରମ କରୁଥିବାରୁ ଦୈନନ୍ଦିନର ସ୍ଥିତି ସମ୍ପର୍କରେ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇବା ସ୍ୱାଭାବିକ। ଯୁଦ୍ଧ ଖବରର ବିଭିନ୍ନ ସୂତ୍ର ଉପରେ ନିଘା ରଖିଥିବା ବ୍ୟକ୍ତିଟି ମଧ୍ୟ ପ୍ରକୃତ ଦୃଶ୍ୟପଟ୍ଟ କ'ଣ ଏହା ଜାଣିବାକୁ ଅସମର୍ଥ। କାରଣ ସର୍ବଶକ୍ତିମାନ ଆମେରିକା ଓ ତାହାର ସହଯୋଗୀ ଇସ୍ରାଏଲ୍ ଏହି ଯୁଦ୍ଧ ଭିଆଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୁର୍ନୀତି ଓ ଗଣହତ୍ୟା ଅପରାଧରେ ଜଣେ ନିନ୍ଦିତ ବ୍ୟକ୍ତିତ୍ୱ ହୋଇଥିଲେ ମଧ୍ୟ ବୃହତ୍ତର ଇସ୍ରାଏଲ୍ ଗଠନର ପ୍ରମୁଖ ପତିବନ୍ଧକ ଇରାନକୁ ନିଶ୍ଚିହ୍ନ କରିବାକୁ ଚାହାଁନ୍ତି। କ୍ଷମତା ରାଜନୀତିରେ ତାଙ୍କୁ ପ୍ରତିଷ୍ଠିତ କରାଇବାରେ ଏହି ଯୁଦ୍ଧ ସହାୟକ ହେବ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଜଣେ ଦକ୍ଷ ରାଜନେତା ଅପେକ୍ଷା ଜଣେ ସୁଦକ୍ଷ ବେପାରୀ। ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କୁ ଗିରଫ କରି ରାଷ୍ଟ୍ରର ସମଗ୍ର ତୈଳ ସମ୍ପଦକୁ ସେ ଅକ୍ତିଆର କରିଛନ୍ତି। ସେହିଭଳି ଇରାନରେ ନେତୃତ୍ୱ ପରିବର୍ତ୍ତନ କରି ସେ ତାହାର ତୈଳ ସମ୍ପଦକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି। ଦୁଇ ରାଷ୍ଟ୍ରଙ୍କ ଏହି ଗୋପନ ସ୍ୱାର୍ଥ କିନ୍ତୁ ସାମ୍ନାକୁ ଆସୁନାହିଁ। କିଏ ବିଶ୍ୱ ସମ୍ରାଜ୍ୟର ପ୍ରତିପତ୍ତି ଓ ପ୍ରାଧାନ୍ୟକୁ ଧ୍ୱଂସ କରିବାକୁ ଚାହେଁ ତ କିଏ ମଧ୍ୟପ୍ରାଚ୍ୟରେ ଆଉ ଏକ ପରମାଣବିକ ଶକ୍ତିର ଅଭ୍ୟୁଦୟ ରୋକିବା ସକାଶେ ଏହି ଯୁଦ୍ଧ ବୋଲି ମିଥ୍ୟା ଆସ୍ଫାଳନ କରୁଛି।

କିନ୍ତୁ ଏଠାରେ ଆମକୁ ସ୍ୱୀକାର କରିବାକୁ ହେବ ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଏହି ତିନିରାଷ୍ଟ୍ର ମଧ୍ୟରେ ସୀମିତ ନାହିଁ। ଦୃଶ୍ୟପଟ ସମ୍ପର୍କରେ ନିରଶକ୍ତ ତର୍ଜମା କଲେ ମନେହୁଏ ସେଠାରେ ଛାୟା ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଛି। ଯୁଦ୍ଧର ଗତିବିଧି ଉପରେ ନଜର ରଖିବା ସକାଶେ ଚୀନ୍ ବୈଷୟିକ ସହଯୋଗ ଇରାନକୁ ଯୋଗାଉଥିବା ବେଳେ ଋଷ ପକ୍ଷରୁ ରଣନୀତିକ ସହାୟତା ମଧ୍ୟ ମିଳୁଛି। ଆମେରିକା ଓ ଇସ୍ରାଏଲ୍ ଆଶା କରିଥିଲେ ଯେ, ଇରାନର ସର୍ବୋଚ୍ଚ ନେତା ଆୟତୋଲା ଖାମେନେଇ ଓ ପ୍ରମୁଖ ପ୍ରତିରକ୍ଷା ଅଧିକାରୀଙ୍କୁ ଯୁଦ୍ଧରେ ଦ୍ୱିତୀୟ ଦିବସରେ ହତ୍ୟା କରି ବିଜୟର ନିକଟବର୍ତ୍ତୀ ହୋଇଛନ୍ତି । ସ୍ୱଳ୍ପକାଳୀନ ବା ସୀମିତ ଯୁଦ୍ଧରେ ଇରାନ ପରାଜୟ ମାନିନେବ। ଦୀର୍ଘ ୨୦ ବର୍ଷ ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ଦେଶର ପକ୍କା ରଣନୀତିକ ଯୋଜନା ପଛରେ ଯେଉଁ ବୃହତ୍ ଶକ୍ତିଙ୍କ ସମର୍ଥନ ଓ ପ୍ରୋତ୍ସାହନ ରହିଛି, ତାହାକୁ ଗୌଣ ଦୃଷ୍ଟିରେ ବିଚାର କରିବାକୁ ଅପରିଣାମଦର୍ଶିକା କୁହାଯାଇପାରେ। ଯୁଦ୍ଧ ଖବର କେବଳ ଇରାନର ବିପୁଳ କ୍ଷୟକ୍ଷତି ଓ ମୃତକଙ୍କ ତଥ୍ୟରେ ସୀମିତ। ଯଦି ଶକ୍ତିଶାଳୀ ପ୍ରତିପକ୍ଷର ବିଶେଷ କିଛି ଘଟିନାହିଁ, ତେବେ ଯୁଦ୍ଧ ଏକତରଫା ଓ ଦିନ କେଇଟାରେ ଆତ୍ମସମର୍ପଣ ଭଳି ପରିସ୍ଥିତି ଉପୁଜିପାରେ । ଏଭଳି ସ୍ଥିତିରେ ବିଶ୍ୱବାସୀ ଆତଙ୍କିତ ହେବାରେ କିଛି ନାହିଁ। ଏଠାରେ ଆମକୁ କହିବାକୁ ପଡୁଛି ଯେ, ଯୁଦ୍ଧ ପୂର୍ବରୁ ଆମେରିକାର ସାମରିକ ପ୍ରଦର୍ଶନ କେବଳ ଏକ ଭୟର ବାତାବରଣ ସୃଷ୍ଟି କରିଥିଲା। ଜେନାଜେଡ୍‌ର ଆଲୋଚନା ବେଳେ ଇରାନକୁ ଆତ୍ମସମର୍ପଣ କରିବାକୁ ପରୋକ୍ଷ ଇଙ୍ଗିତ ଦେଇଥିଲା ଆମେରିକା। ଏକଥା ସ୍ୱୀକାର କରିବାକୁ ପଡିବ ଯେ, ଆରବ ରାଷ୍ଟ୍ରରେ ଥିବା ଆମେରିକାକାର ଶକ୍ତି କେନ୍ଦ୍ରକୁ ସୁବ୍ୟବସ୍ଥିତ ଢଙ୍ଗରେ ଧ୍ୱଂସ କରାଯାଇଛି। ଏୟାର ଡିଫେନ୍ସ ଓ ରେଡର ବ୍ୟବସ୍ଥାକୁ ଅଚଳ କରି ନିଜର ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରୟୋଗ କ୍ଷମତା ବଢ଼ାଇଛି ଇରାନ। ହର୍ମୁଜ ପ୍ରଣାଳୀର କେତେ ଦୂରରେ ଆମେରିକାର ଶକ୍ତିଶାଳୀ ନୌସେନା ଅବସ୍ଥାନ କରୁଥିଲେ ମଧ୍ୟ ତୈଳ ପରିବାହୀ ଜାହାଜକୁ ସୁରକ୍ଷା ଦେବାରେ ଅସମର୍ଥ ପ୍ରକାଶ କରିଛି। ପ୍ରମୁଖ ଆରବ ରାଷ୍ଟ୍ର ଆମେରିକାକୁ ନିକଟତମ ସହଯୋଗୀ ହୋଇଥିଲେ ମଧ୍ୟ ସେମାନଙ୍କୁ ସୁରକ୍ଷା ପ୍ରଦାନରେ ଟ୍ରମ୍ପଙ୍କ ବିଫଳତା ପଦାରେ ପଡ଼ିଯାଇଛି। ଗତ ଦୁଇଦିନ ମଧ୍ୟରେ ଆମେରିକାର ୬ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହି ସଂଖ୍ୟା ଏବେ ୨୦ରେ ପହଞ୍ଚିଛି। ମୃତାହତ ଆମେରିକାର ସୈନ୍ୟଙ୍କ ମୁଖ୍ୟକୁ ଗୋପନ ରଖାଯାଇଛି। ଶତାଧିକ ଆହତ ଏବେ ଜର୍ମାନୀରେ ଚିକିତ୍ସିତ ହେଉଛନ୍ତି ।

ଗତ ୪ଦିନ ମଧ୍ୟରେ ଇସ୍ରାଏଲ୍ ଦୋହରା ଆକ୍ରମଣର ସମ୍ମୁଖୀନ ହୋଇଛି। ସୀମାତୀତ ବିପର୍ଯ୍ୟସ୍ତ ସତ୍ତ୍ୱେ ଗଣମାଧ୍ୟମ ନୀରବ। କଠୋର ଯାଞ୍ଚ ଓ କଟକଣା ପ୍ରୟୋଗ କରି ଖବର ପ୍ରକାଶକୁ ରୋକା ଗଲେ ଯେ କ୍ଷୟକ୍ଷତି ନିୟନ୍ତ୍ରଣକୁ ଆସିଯବ ଏ କଥା ନୁହେଁ, ଅନ୍ୟପକ୍ଷରେ ସମ୍ବାଦପତ୍ର ୱାଶିଂଟନ୍ ପୋଷ୍ଟ ଓ ସିଏନ୍‌ଏନ୍ ଖବର ଉପରେ ଟ୍ରମ୍ପଙ୍କ କଟକଣା ପ୍ରୟୋଗ ମଧ୍ୟ ସାମ୍ନାକୁ ଆସିଛି। କାରଣ ସତ୍ୟ ତଥ୍ୟ ଓଗାଳିଲେ ଟ୍ରମ୍ପଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିବ। ଆମେରିକାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ତେଣୁ ଇରାନରେ ସ୍ଥଳସେନା ପ୍ରବେଶ ଅବଶ୍ୟମ୍ଭାବୀ ହୋଇପଡ଼ିଛି। ଏଥିମଧ୍ୟରେ ଜାପାନରୁ ୨୫୦୦ ମେରାଇନ ଆମେରିକା ନିର୍ଦ୍ଦେଶରେ ଇରାନ ଅଭିମୁଖେ ଯାତ୍ରା କରିଛନ୍ତି। ଯେତେଦୂର ସମ୍ଭବ ଇରାକ-ଇରାନ ସୀମାରେ ଏମାନଙ୍କୁ ମୁତୟନ କରାଯିବ। ଏଥିପୂର୍ବରୁ ଦକ୍ଷିଣ କୋରିଆରୁ ଏୟାର ଡିଫେନ୍ସ ସିଷ୍ଟମ ଅଣାଯାଇଛି। ଏହି ପ୍ରତିକୂଳ ପରିସ୍ଥିତିରେ ଦକ୍ଷିଣ କୋରିଆ ଓ ଜାପାନ ଉପରକୁ ନୂଆ ବିବାଦ ମାଡ଼ି ଆସୁଥିବାର ସୂଚନା ମିଳିଛି। ତୈଳ ସଂକଟ ସୃଷ୍ଟି ହେବା ପୂର୍ବରୁ ଆମ ଦେଶରେ ଇନ୍ଧନ ଗ୍ୟାସ୍‌ର ନିଅଣ୍ଟିଆ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କଳାବଜାର ଜାରି ରହିଛି। ଅଥଚ ଆମେ କହୁଛୁ ଦେଶରେ ଏଲ୍‌ପିଜି ଅଭାବ ନାହିଁ। ଯେମିତି କୋଭିଡ୍ ସମୟରେ ଅମ୍ଳଜାନ (ଅକ୍ସିଜେନ୍) ଅଭାବ ନ ଥିଲା। ଏସବୁ ସତ୍ତ୍ୱେ ଅବସ୍ଥା ସମ୍ଭାଳିବା ସକାଶେ ସରକାରୀ ଇସ୍ତାହାର ଓ ବିଜ୍ଞାପନ ହିଁ ଲୋକଙ୍କୁ ଭରସା ଦେବ। ଅସଲ ତୃଣମୂଳ ସ୍ତରରେ ଉପୁଜିଥିବା ସମସ୍ୟା ଖବର ବେପାରରେ ବଳିପଡୁଛି।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ରୋଷେଇ ଘରେ ବିପ୍ଳବ ବନାମ ବିକଳ୍ପ ଇନ୍ଧନ

**ରୋଷେଇ ଘରେ ବିପ୍ଳବ ଯଦି ବିଦ୍ୟୁତ୍ ବିପ୍ଳବରୁ ଆରମ୍ଭ ହୁଏ, ତେବେ ପରିପାର୍ଶ୍ୱିକ ଜଳବାୟୁର ଅସନ୍ତୁଳନ ଓ ପ୍ରଦୂଷଣ ବଢ଼ିପାରେ। କିନ୍ତୁ ଆମ୍ଭେମାନେ ଯଦି ଯୋଜନା ମୁତାବକ ଏକ ଦୀର୍ଘମିଆଦ କାର୍ଯ୍ୟକ୍ରମ ହାତକୁ ନେଇ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନରେ ଅଗ୍ରଗତି କରି ପାରିବା, ତେବେ ଏ ସମସ୍ୟା ସୃଷ୍ଟି ହେବନାହିଁ। ଭାରତୀୟମାନଙ୍କର ଜୀବନଧାରଣର ମାନରେ ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇ ବିଶେଷକରି ଲୋକମାନଙ୍କୁ ବ୍ୟାପକ ଖର୍ଚ୍ଚାନ୍ତରୁ ରକ୍ଷା କରିପାରିବ।**








ମନସିଜ୍ ଦାସ

ବର୍ଷ ବର୍ଷ ଧରି ବିଶେଷକରି ଭାରତର ଛୋଟବଡ଼ ସହରାଞ୍ଚଳରେ ଯେଉଁ ସମୟରେ ରୋଷେଇଘରେ ଜାଳେଣି କାଠ ଓ କୋଇଲାକୁ ଠେଲି ବ୍ୟାପକ ଭାବରେ ଇନ୍ଧନର ସ୍ଥାନ ନେଲା ରନ୍ଧନ ଗ୍ୟାସ ବା ଲିକ୍ୟୁଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍, ସେ ସମୟରେ ଗ୍ୟାସ ବିକ୍ରୟ କରୁଥିବା କମ୍ପାନୀମାନେ ଏହି ଧୂଆଁ ନ ଥିବା ଇନ୍ଧନର ଅଶେଷ ସ୍ଲୋଗାନ ଦ୍ୱାରା ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଥିଲେ। କହିବାକୁ ଗଲେ ସେ ସମୟରେ ଥିଲା "ରୋଷେଇ ଘରେ ବିପ୍ଳବ'। ବର୍ତ୍ତମାନର ସମୟକୁ ଦେଖିଲେ ମହିଳାମାନେ କାଠ ଧୂଆଁ, କୋଇଲାର ଯନ୍ତ୍ରଣାରୁ ମୁକ୍ତି ପାଇ ଏହି ଇନ୍ଧନକୁ ଗ୍ରାମାଞ୍ଚଳର ମହିଳାମାନେ ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ଗ୍ରହଣ କଲେଣି। ତେବେ ଆମମାନଙ୍କ ଭିତରୁ ଅଧିକାଂଶ ଜାଣି ନ ଥିବେ ଯେ ଅପରିହାର୍ଯ୍ୟ ହୋଇପଡ଼ିଥିବା ଏହି "ରୋଷେଇ ଘରର ବିପ୍ଳବକାରୀ' ଟିକୁ ପାଇବା ପାଇଁ ଆମେ ବିଦେଶରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଳେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇୱା ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ୍। ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହନ ଇଲେକ୍ଟ୍ରିକ ହୋଇଯାଏ, ତେବେ କ'ଣ ହେବ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି; କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳଚୂଳ ଓଲଟପାଲଟ କରିଦେଇପାରେ।

ଆମେ ଜାଣିଛେ, ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀକାରୀ ଦେଶ। ଭାରତରେ ଚାହିଦା ଠାରୁ ଖବୁ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ। ଦେଶର ଜିଡିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହାନଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗର ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ।

ବର୍ତ୍ତମାନ ରନ୍ଧନ ଗ୍ୟାସ୍ ଟିକକ ପାଇବା ପାଇଁ ଯେଉଁପରି ନାହିଁ ନ ଥିବା ଅସମ୍ଭବ ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦେଖିଲେ ଏହା ନିଃସନ୍ଦେହ ଯେ, ଆମ ରୋଷେଇ ଘରମାନଙ୍କରେ ଗ୍ୟାସ୍ ଚୁଲା ଜାଗାରେ ତା'ର ସ୍ଥାନ ନେବ ଇଲେକ୍ଟ୍ରିକ ଚୁଲା। ଏଥିପାଇଁ ଲୋଡ଼ା ପଡୁଥିବା ବିଦ୍ୟୁତ୍ ଶକ୍ତି ସୌର, କିମ୍ବା ବାୟୁଚାଳିତ ବିଦ୍ୟୁତ୍ ଉତ୍ପାଦନସ୍ଥଳୀ ବା ଜଳ ବିଦ୍ୟୁତ୍ ଓ କୋଇଲା ଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନଙ୍କଠାରୁ। ଏଠାରେ ସୂଚୀତ କରିପାରୁ ଯେ ଆମ ଦେଶର ବ୍ୟାପକ ଖଣିମାନଙ୍କରେ ଯଥେଷ୍ଟ ପରିମାଣର କୋଇଲା ମହଜୁଦ ଅଛି। କେବଳ ସେତିକି ନୁହେଁ; ଆମର ଏକ ବିଶାଳ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ଉପଲବ୍ଧ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ବିଦେଶୀ ଯୁଦ୍ଧ ହେଉ ବା ବଜାର ମୂଲ୍ୟ ଏପରିକି କୌଣସି ଆନ୍ତର୍ଜାତିକ ଭୂ-ରାଜନୈତିକ ଅସ୍ଥିରତା ରହିଲେ ମଧ୍ୟ ଆମ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ।

ଆମେ ଆଲୋଚନା କରୁଥିବା ସୌର ଇଲେକ୍ଟ୍ରିକ ଚୁଲାଟି ପାରମ୍ପରିକ ହିଟର ନୁହେଁ; ବରଂ ଏହା ଏକ ସେରାମିକ୍ ଆଧାର ଉପରେ ଅଳ୍ପ କ୍ଷଣ ଭିତରେ ତାତି ଯାଉଥିବା କଏଲ୍ ସବୁ ଗୋଲ୍ ହୋଇ ମୋଡ଼ି ହୋଇ ରହିଥା'ନ୍ତି। ଏବେ ବଜାରରେ ଇଣ୍ଡକ୍ସନ ଷ୍ଟୋଭର ଲୋକପ୍ରିୟତା ବଢ଼ିଲାଣି। ଏହି ଇଣ୍ଡକ୍ସନ ବ୍ୟବସ୍ଥାରେ ଏକ ବିଦ୍ୟୁତ ଚୁମ୍ବକୀୟକ୍ଷେତ୍ର (ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଫିଲ୍ଡ) ସୃଷ୍ଟି ହୋଇଥାଏ, ଯାହା ଷ୍ଟୋଭ ଉପରେ ଥୁଆ ହୋଇଥିବା ରୋଷେଇ ବାସନ ବା ପାତ୍ରର କାନ୍ଥରେ ବହୁ ସଂଖ୍ୟକ କ୍ଷୁଦ୍ର ବିଦ୍ୟୁତ ତରଙ୍ଗମାନ ସୃଷ୍ଟି କରିଥାଏ। ଏହି ଇଲେକ୍ଟ୍ରନ ପ୍ରଭାବ ପ୍ରତି ରୋଷେଇ ପାତ୍ର ଦ୍ୱାରା ସୃଷ୍ଟପ୍ରତିରୋଧ ଯୋଗୁଁ ତାହା ତତକ୍ଷଣାତ୍ ରନ୍ଧନ କରିଥାଏ। ଏହି ପ୍ରକ୍ରିୟାରେ ବିଦ୍ୟୁତଶକ୍ତି ଖୁବ୍ କମ୍ ବ୍ୟବହାର ହୋଇଥାଏ। ଗ୍ୟାସ ଷ୍ଟୋଭରେ ପ୍ରାୟ ୬୦ ଶତାଂଶ ଉତ୍ତାପ ନଷ୍ଟ ହେଉଥିବାବେଳେ ଇଣ୍ଡକ୍ସନ ଷ୍ଟୋଭ ପ୍ରାୟ ୯୦ ଶତାଂଶ ବିଦ୍ୟୁତ୍ ଶକ୍ତିକୁ ଇନ୍ଧନରେ ବ୍ୟବହୃତ ଉତ୍ତାପରେ ପରିଣତ କରିଥାଏ।

ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ସନ୍ଦେହ ମଧ୍ୟ ଉଠେ, ଯାହାକି ସ୍ୱାଭାବିକ। ଆମେ ଆଲୋଚନା ରଖୁଥିବା ରୋଷେଇ ଘରେ ବିପ୍ଳବ ଯଦି ଏହି ବିଦ୍ୟୁତ୍ ବିପ୍ଳବରୁ ଆରମ୍ଭ ହୁଏ, ତେବେ ପରିପାର୍ଶ୍ୱିକ ଜଳବାୟୁର ଅସନ୍ତୁଳନ ଓ ପ୍ରଦୂଷଣ ବଢ଼ିପାରେ। କିନ୍ତୁ ଆମ୍ଭେମାନେ ଯଦି ଯୋଜନା ମୁତାବକ ଏକ ଦୀର୍ଘମିଆଦ କାର୍ଯ୍ୟକ୍ରମ ହାତକୁ ନେଇ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନରେ ଅଗ୍ରଗତି କରି ପାରିବା, ତେବେ ଏ ସମସ୍ୟା ସୃଷ୍ଟି ହେବନାହିଁ। ଭାରତୀୟମାନଙ୍କର ଜୀବନଧାରଣର ମାନରେ ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇ ବିଶେଷକରି ଲୋକମାନଙ୍କୁ ବ୍ୟାପକ ଖର୍ଚ୍ଚାନ୍ତରୁ ରକ୍ଷା କରିପାରିବ।

ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ। ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ। ବର୍ତ୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହନର ବିଷାକ୍ତ ଧୂଆଁ। ଇଲେକ୍ଟ୍ରି ଯାନବାହନରୁ ଏହି ନିସ୍ତାରଣ ହୋଇ ନ ଥାଏ। ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ, ସହରମାନଙ୍କର ବାୟୁ ଗୁଣବତ୍ତା ଦୃଶ୍ୟମାନ ଭାବରେ ଉନ୍ନତ ହେବ। ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମମାନଙ୍କୁ ଅନେକ ମିଳିବ। ସ୍ୱଚ୍ଛ ଓ ନିରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତ୍ତମ ଜୀବନମାନ ଆମେ ନିର୍ବାହ କରିପାରିବା।

ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ୍ କେଉଁଠାରୁ ଆସିଥାଏ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜ୍ଜା ବଜାରମାନଙ୍କ ମଧ୍ୟରେ ଗୋଟିଏ। ଦେଶରେ ବର୍ତ୍ତମାନ ୧୮୦ ଗିଗାୱାଟ୍‌ରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି, ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ୍ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ, ତେବେ ସମୟ ଆସିବ, ଦିନେ ଆମମାନଙ୍କର ଯାନବାହନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତେଲ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ୍ ଆଧୁନିକୀକରଣ ଜରୁରୀ। ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜ୍ଜା ପ୍ରଯୁକ୍ତିରେ ନିବେଶ କରିପାରିବ। ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ; ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟ୍‌ୱର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବାସ୍ୱପ୍ନ କହିପାରନ୍ତି। କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିପାରିବ ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ ହେବ। ●

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା
E-mail : manasijdas@rediffmail.com

# ସଂସଦ ଓ ସାୟରି



ମହମ୍ମଦ ହିଫ୍‌ଜୁର୍ ରହେମାନ୍

ଲୋକସଭାରେ ଟିଏମ୍‌ସି ସାଂସଦ ସାୟୋନୀ ଘୋଷଙ୍କ ଭାଷଣ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆଗତ ଅବିଶ୍ୱାସ ପ୍ରସ୍ତାବ ଉପରେ ଆଲୋଚନା ବେଳେ ହସହସ ମୁହଁରେ ତାଙ୍କର ମନ୍ତବ୍ୟ ଓ ସାୟରି ସଂସଦରେ ଆକର୍ଷଣର କେନ୍ଦ୍ର ହୋଇଥିଲା। ସେ କହିଲେ ଯେ ଓମ୍ ବିର୍ଲାଙ୍କ ବିରୋଧରେ ତାଙ୍କର କୌଣସି ବ୍ୟକ୍ତିଗତ ଆକ୍ରୋଶ ନାହିଁ। ବିର୍ଲାଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଓ ଆଦର ରହିଛି। କେବଳ ବାଚସ୍ପତିଙ୍କ ଆଭିମୁଖ୍ୟକୁ ନେଇ ତାଙ୍କର ଅସନ୍ତୋଷ ରହିଛି। ବିର୍ଲା ଏମିତି ହସୁ ଥାଆନ୍ତୁ, ଏହା ତାଙ୍କ ଭଳି ନବାଗତଙ୍କୁ ପ୍ରେରଣା ଦେବ। ବିର୍ଲାଙ୍କ ଉଦ୍ଦେଶ୍ୟରେ ଉର୍ଦ୍ଦୁ ସାୟରି ପଢ଼ି ସେ ତାଙ୍କ ଭାଷଣ ଶେଷ କରିଥିଲେ। ସାୟରି ଥିଲା: 'ତୁ ଲାଖ୍ ବେୱଫା ହେଁ, ମଗର ଶର୍ ଉଠାକେ ଚଲ୍। ଦିଲ୍ ରୋ ପେଡ଼ଗା ତୁଝେ ପସେମାନ୍ ଦେଖ୍ କର।' ଏହାର ସାର ମର୍ମ ହେଉଛି, ତୁ ବେୱଫା ହୋଇଯାଇଛୁ, ମୋତେ ଆଉ ଗୁରୁତ୍ୱ ଦେଉନୁ। ତଥାପି ମୁଁ ଚାହୁଁଛି ତୁ ମୁଣ୍ଡ ଉପରକୁ ଉଠାଇ ଚାଲ। ଅନୁତପ୍ତ ହୋଇ ମୁଣ୍ଡ ନୂଆଇଁ ଚାଲିଲେ ମୋ ହୃଦୟ କାନ୍ଦି ପକାଇବ। ୧୩ ମିନିଟ୍ ଧରି ଦେଇଥିବା ଭାଷଣରେ ସାୟୋନୀ ଅନେକ ଥର କବିତା ଆବୃତ୍ତି କରିଛନ୍ତି ଏବଂ ଜଣେ ସାଧାରଣ ନାଗରିକ ଭଳି ନିଜର ଯୁକ୍ତି ଉପସ୍ଥାପନ କରିଥିବାର ଦେଖାଯାଉଛି। ସବୁ ଦଳର ସଦସ୍ୟ ତାଙ୍କ କଥାକୁ ମନଧ୍ୟାନ ଦେଇ ଶୁଣୁଥିବାର ମଧ୍ୟ ଦେଖାଯାଉଛି।

ସାୟୋନୀଙ୍କ ଏହି ଭାଷଣ ଦେଖି ସୁଷମା ସ୍ୱରାଜଙ୍କ ଏଭଳି ସାୟରି ପଢୁଥିବାର ଦୃଶ୍ୟ ହଠାତ୍ ମନକୁ ଆସିଯାଉଛି। ୨୦୧୧ର କଥା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ କାର୍ଯ୍ୟର ସମାଲୋଚନା କରି ପାର୍ଲାମେଣ୍ଟରେ ବିରୋଧୀ ଦଳର ନେତ୍ରୀ ସୁଷମା ସ୍ୱରାଜ ଏକ ସାୟରି ପଢ଼ିଥିଲେ। ମନମୋହନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଯେ ଆପଣ ହେଉଛନ୍ତି ପ୍ରଶାସନର ମୁଖିଆ। ଯାକୁ ତାକୁ ଦୋଷ ଦେଇ ଆପଣ ନିଜ ମୁଣ୍ଡ ଉପରୁ ଦୋଷ ଖସାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଏହି ଅବସରରେ ମନମୋହନଙ୍କ ଉଦ୍ଦେଶ୍ୟରେ ତାଙ୍କର ସାୟରି ଏବଂ ସାୟରି ମାଧ୍ୟମରେ ମନୋମହନଙ୍କ ଜବାବ ସେତେବେଳେ ଜାତୀୟ ରାଜନୀତିରେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଥିଲା।

ମନମୋହନଙ୍କ ଉଦ୍ଦେଶ୍ୟରେ ସୁଷମା କହିଥିଲେ, 'ତୁ ଇଧର ଉଧର କି ନ ବାତ୍ କର, ଏ ବତା କାଫିଲା କ୍ୟୁଁ ଲୁଟା। ମୁଝେ ରହଜନୋଁ ସେ ଗିଲା ନହିଁ, ତେରି ରହବରି କା ସୱାଲ ହେ।' (ଏପଟ ସେପଟ କଥା ନ କହି ମୋତେ ଜବାବ ଦେ ଯେ ତୁ ପ୍ରଶାସନର ମୁଖିଆ ଥିବା ସତ୍ତ୍ୱେ ମୋ ଯାତ୍ରୀ ଦଳ ଲୁଟ୍‌ର ଶିକାର ହେଲା କାହିଁକି? ଲୁଟେରାଙ୍କ ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ। ମୋତେ ତୋର ନେତୃତ୍ୱର ଦକ୍ଷତା ନେଇ ସନ୍ଦେହ ରହିଛି।)

ମନମୋହନ ମଧ୍ୟ ତାଙ୍କର ଜବାବ ସାୟରି ମାଧ୍ୟମରେ ଦେଇଥିଲେ। ସୁଷମାଙ୍କୁ ଲକ୍ଷ୍ୟ କରି ସେ କହିଥିଲେ, 'ମାନା କେ ତେରେ ଦିଦ୍ କା କାବିଲ ନହିଁ ହୁଁ ମେଁ, ତୁ ମେରା ସୌକ୍ ଦେଖ୍, ମେରା ଇନ୍‌ତେଜାର ଦେଖ୍।' (ମୁଁ ସ୍ୱୀକାର କରୁଛି ଯେ ମୁଁ ତୋ ଦୃଷ୍ଟିରେ ଅଯୋଗ୍ୟ ଓ ଅପାରଗ। କିନ୍ତୁ ମୋର ଉତ୍ସାହକୁ ଦେଖ ଏବଂ ଅପେକ୍ଷା ବି ଦେଖ।) ଦୁଇ ଜଣଙ୍କ ଏହି ସାୟରି ଯୁଦ୍ଧ କେବଳ ମନମୋହନ ଓ ସୁଷମା ନୁହେଁ; ଉପସ୍ଥିତ ସମସ୍ତ ସାଂସଦଙ୍କ ମୁହଁରେ ହସ ଫୁଟାଇଥିଲା। ସେ ବିରୋଧୀ ଦଳରେ ହୁଅନ୍ତୁ କି ଶାସକ ଦଳରେ, କେହି ନିଜକୁ ରୋକିପାରି ନଥିଲେ। ସମସ୍ତେ ମନଭରି ମନଖୋଲା ହସରେ ସାୟରି ଉପଭୋଗ କରୁଥିବାର ଦେଖାଯାଇଥିଲା। ନିକଟରେ ଏହାର ଭିଡିଓ ମଧ୍ୟ ଖୁବ୍ ଭାଇରାଲ ହୋଇଥିଲା।

ଏଭଳି ଭାଷଣ ଭାଇରାଲ ହେବାର ମୁଖ୍ୟ କାରଣ ହେଲା ଯେ ଆଜିକାଲି ଏଭଳି ପରିବେଶ ଆଉ ସଂସଦରେ ଦେଖିବାକୁ ମିଳୁନାହିଁ। ଦଳୀୟ ବିଚାରଧାରା ଏବେ ସରକାର ଓ ବିରୋଧୀଙ୍କ ମଧ୍ୟରେ ପ୍ରାଚୀର ଭଳି ଠିଆ ହୋଇଥିବା ଭଳି ମନେ ହେଉଛି। ଏଠି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କଥା ମନେ ପଡୁଛି। ସେ କହିଥିଲେ ଯେ ଆମ ମଧ୍ୟରେ ମତଭେଦ ରହୁ, କିନ୍ତୁ ମନାନ୍ତର ନୁହେଁ। କାରଣ ବିଚାରଧାରାକୁ ନେଇ ଅନ୍ତର ଏତେ ଗଭୀର ହେବା ଉଚିତ ନୁହେଁ, ଯେଉଁଠି ଆମ ଦେଶ ଓ ସମାଜର ଏକତା ବିପନ୍ନ ହୋଇପଡ଼ିବ। ୧୯୯୬ରେ ପାର୍ଲାମେଣ୍ଟରେ ଦମ୍‌ଦାର୍ ଭାଷଣ ଦେଇଥିଲେ ବାଜପେୟୀ। ସେ କହିଥିଲେ ସେ ସରକାର ଓ ବିରୋଧୀ ଦଳ ମଧ୍ୟରେ ମତଭେଦ ଲାଗିରହେ। କିନ୍ତୁ ଯେତେବେଳେ ଦେଶର ସ୍ୱାର୍ଥ କଥା ଆସେ, ଆମେ ଏକଜୁଟ୍ ହୋଇଯାଉ। ଗୋଟିଏ ଉଦାହରଣ ଦେବାକୁ ଯାଇ ସେ କହିଥିଲେ ଯେ ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ବେଳେ ଭାରତ ପକ୍ଷରୁ ଯୁକ୍ତି ରଖିବା ପାଇଁ ତାଙ୍କୁ ଜେନେଭା ପଠାଯାଇଥିଲା। ବିରୋଧୀ ଦଳର ନେତା ଥାଇ ମଧ୍ୟ ସେ ଯେତେବେଳେ ଜେନେଭାରେ ଭାରତର ପ୍ରତିନିଧିତ୍ୱ କରିବାକୁ ପହଞ୍ଚିଲେ, ତାଙ୍କୁ ଦେଖି ପାକିସ୍ତାନୀ ପ୍ରତିନିଧି ଦଳ ଚମକି ପଡ଼ିଥିଲେ। ବିରୋଧୀ ଦଳର ନେତା କେମିତି ଭାରତର ପ୍ରତିନିଧିତ୍ୱ କରୁଛନ୍ତି ବୋଲି ସେମାନେ ନିଜ ଭିତରେ ଆଲୋଚନା କରିବାକୁ ଲାଗିଲେ। କାରଣ ପାକିସ୍ତାନରେ ବିରୋଧୀ ଦଳର ନେତା ଜାତୀୟ ସାର୍ଥର ସୁରକ୍ଷା ଅପେକ୍ଷା କେବଳ ସରକାରର ପତନ ପାଇଁ କାମ କରନ୍ତି। କିନ୍ତୁ ଭାରତର ଆଦର୍ଶ ଓ ପରମ୍ପରା ସଂପୂର୍ଣ୍ଣ ଭିନ୍ନ। ତେଣୁ ଭାରତରେ ଏହି ପରମ୍ପରା ଓ ପ୍ରବୃତ୍ତି ଜାରି ରହିବା ଉଚିତ। କ୍ଷମତାର ଖେଳ ତ ଏମିତି ଚାଲିଥିବ। ସରକାର ଆସିବ, ସରକାର ଯିବ। ଦଳ ଗଠନ ହେବ ଏବଂ ଦଳ ଭାଙ୍ଗିବ। କିନ୍ତୁ ଏ ଦେଶ ରହିବା ଉଚିତ ଏବଂ ଗଣତନ୍ତ୍ର ମଧ୍ୟ ସୁରକ୍ଷିତ ବା ଅମର ରହିବା ଉଚିତ। ବାଜପେୟୀଙ୍କ ଏହି ଭାଷଣର ପ୍ରତିଟି ଶବ୍ଦ ଆଜିର ପରିସ୍ଥିତିରେ ଖୁବ୍ ମହତ୍ୱ ବହନ କରୁଛି। ଦଳମତ ନିର୍ବିଶେଷରେ ସମସ୍ତେ ଏହାର ଅନୁକରଣ କରିବା ଉଚିତ। ●

ମୋ: ୯୯୩୭୦୫୯୯୫୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ଦୁଇ ପର୍ଯ୍ୟାୟରେ...

ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି ।

ସୂଚନା ଅନୁଯାୟୀ, ୨୩୪ ବିଧାନସଭା ଆସନ ବିଶିଷ୍ଟ ତାମିଲନାଡୁରେ ଏପ୍ରିଲ ୨୩ରେ ମତଦାନ ହେବ । ସେହିପରି ୧୪୦ ଆସନ ବିଶିଷ୍ଟ କେରଳ, ଆସାମର ୧୨୬ ଆସନ, ପୁଡୁଚେରୀର ୩୦ ଆସନ ଲାଗି ଏପ୍ରିଲ ୯ରେ ଭୋଟିଂ ହେବ । ପଶ୍ଚିମବଙ୍ଗର ମୋଟ ୨୯୪ ଆସନ ରହିଛି । ଏଠାରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ । ଏପ୍ରିଲ ୭ରେ ଏହାର ଯାଞ୍ଚ କରାଯିବ । ଏପ୍ରିଲ ୯ ଭିତରେ ପ୍ରାର୍ଥୀ ନିଜ ନାମ ପ୍ରତ୍ୟାହାର କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨ରୁ ୯ ଯାଏଁ ପ୍ରାର୍ଥିପତ୍ର ଦାଖଲ କରାଯାଇ ୧୦ରେ ଯାଞ୍ଚ ହେବ । ଏପ୍ରିଲ ୧୩ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରିହେବ । ସେହିପରି ତାମିଲନାଡୁରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ, ୭ରେ ଯାଞ୍ଚ, ୯ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରିପାରିବେ ।

ତାମିଲନାଡୁରେ ବହୁମୁଖୀ ଲଢ଼େଇ ହେବ । ଏଠାରେ କ୍ଷମତାସୀନ ଡିଏମ୍‌କେ, ବିରୋଧୀ ଏଆଇଡିଏମକେ, ବିଜେପି ଏବଂ ଅଭିନେତାରୁ ନେତା ପାଲଟି ଥିବା ବିଜୟଙ୍କ ଟିଭିକେ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଏଠାରେ କଂଗ୍ରେସ-ଡିଏମକେ ମଧ୍ୟରେ ମେଣ୍ଟ ରହିଛି । ଉଭୟେ ବିରୋଧୀ ଇଣ୍ଡିଆ ମେଣ୍ଟର ସଦସ୍ୟ ମଧ୍ୟ । ଆସାମରେ କ୍ଷମତାସୀନ ବିଜେପି ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିପାରେ । ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ ପାଞ୍ଚ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୧୭.୪ କୋଟି ଭୋଟର ଅଛନ୍ତି । ଏଠାକାର ୮୨୪ ବିଧାନସଭା ଆସନରେ ମତଦାନ ହେବ । ଏହି ନିର୍ବାଚନ ପ୍ରକ୍ରିୟା ଦେଖିବା ପାଇଁ ୨୦ ରାଷ୍ଟ୍ରର ନିର୍ବାଚନ କମିଶନ ଭାରତ ଆସିବେ । ଏହା ପୂର୍ବରୁ ୨୦୨୧ରେ ସବୁ ପାଞ୍ଚ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଫେବୃଆରୀ ୨୬ରେ ନିର୍ବାଚନ ଘୋଷଣା କରାଯାଇଥିଲା । ଗତ ଥର ପଶ୍ଚିମବଙ୍ଗରେ ୮ ଟି ପର୍ଯ୍ୟାୟରେ ମତଦାନ ହୋଇଥିଲା । ଏହା ସତ୍ତ୍ୱେ ବି ପ୍ରବଳ ହିଂସା ହୋଇଥିଲା । ଆସାମରେ ତିନୋଟି, ତାମିଲନାଡୁର, କେରଳ ଏବଂ ପୁଡୁଚେରିରେ ଗୋଟିଏ ପର୍ଯ୍ୟାୟରେ ଭୋଟିଂ ହୋଇଥିଲା । ଏହି ସବୁ ପାଞ୍ଚ ରାଜ୍ୟର ବିଧାନସଭା କାର୍ଯ୍ୟକାଳ ମେ-ଜୁନ୍‌ରେ ଶେଷ ହେଉଛି ।

ନିର୍ବାଚନ ଘୋଷଣା କରି ସିଇସି ନୂଆ କରି ଭୋଟ ଦେବାକୁ ଯାଉଥିବା ଭୋଟରଙ୍କୁ ସ୍ୱତନ୍ତ୍ର ନିବେଦନ କରିଛନ୍ତି । ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରି ନିଜ ଗଣତାନ୍ତ୍ରିକ ଅଧିକାର ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଛନ୍ତି । ନିର୍ବାଚନୀ ପ୍ରକ୍ରିୟାରେ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି । ଏହି ଭୋଟ ରାଜ୍ୟ ଏବଂ ଦେଶର ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି କହିଛନ୍ତି । ପୂର୍ବରୁ ୫ ରାଜ୍ୟରେ ଏସଆଇଆର ଶେଷ ହୋଇଛି । ଏହି ପ୍ରକ୍ରିୟାରେ ତାମିଲନାଡୁରେ ସର୍ବାଧିକ ୭୪,୦୭, ୨୦୭ ଭୋଟରଙ୍କୁ ହଟାଇ ଦିଆଯାଇଛି । ସେହିପରି ପଶ୍ଚିମବଙ୍ଗରେ ୫୮ ଲକ୍ଷ, କେରଳରେ ୮ ଲକ୍ଷ, ଆସାମରେ ୨ ଲକ୍ଷ, ପୁଡୁଚେରୀରେ ୭୭ ହଜାର ଭୋଟରଙ୍କୁ ହଟାଇ ଦିଆଯାଇଥିଲା ।

## ଆଜି ରାଜ୍ୟସଭା...

ଜାରି କରାଯାଇଛି ଏବଂ ସଭ୍ୟପଦ ରଦ୍ଦ ଚେତାବନୀ ଦିଆଯାଇଛି । ଏପଟେ ଶାସକ ବିଜେପି ମଧ୍ୟ କ୍ରସ ଭୋଟିଂ ଭୟରୁ ବର୍ତ୍ତି ପାରି ନାହିଁ ଓ ଦଳର ସବୁ ବିଧାୟକଙ୍କୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପାରାଦ୍ୱୀପ ରିସର୍ଟରେ ଏକାଠି ରଖିଛି । ଗତ ୨୪ ଘଣ୍ଟା ହେଲା ବିଧାୟକମାନେ ହୋଟେଲ ଭିତରେ ଅଛନ୍ତି ଓ ସେମାନଙ୍କୁ ବାହାରକୁ ବାହାରିବାକୁ ମନା କରାଯାଇଛି । ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ପହଞ୍ଚି ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି । ତେବେ ଆସନ୍ତାକାଲି ଘୋଡ଼ା କିଏ ହେବ, ତାହା ଉପରେ ସାରା ରାଜ୍ୟର ଆଖି ଅଟକି ରହିଛି । ଆସନ୍ତାକାଲି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ ହେବାକୁ ଥିବାବେଳେ ଏହା ଅପରାହ୍ନ ୪ଟା ଯାଏଁ ଚାଲିବ । ଏଥିପାଇଁ ବିଜେପି, ବିଜେଡି ଓ କଂଗ୍ରେସ ପକ୍ଷରୁ ପୃଥକ୍ ପୃଥକ୍ ରଣନୀତି ପ୍ରସ୍ତୁତ ହୋଇଛି ।

ରବିବାର ରାତିରେ ପାରାଦୀପରେ ବିଜେପିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ମନମୋହନ, ସୁଜିତ୍ ଏବଂ ଦିଲ୍ଲୀପଙ୍କ ଲାଗି କିଏ ପ୍ରଥମ ପସନ୍ଦ ଭୋଟ ଦେବ, ସେନେଇ ବୈଠକରେ ସ୍ଥିର କରାଯାଇଛି । ଆସନ୍ତାକାଲି ସକାଳ ୯ଟାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହେବ । ସୂଚନା ଅନୁସାରେ ବିଜେପିର ସମସ୍ତ ବିଧାୟକ ଆସନ୍ତାକାଲି ସକାଳେ ପାରାଦୀପରୁ ଏକ ସାଙ୍ଗରେ ବାହାରିବେ । ସେଥିପାଇଁ ବିଜେପି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ତେବେ ଦଳର ଶୀର୍ଷ ନେତୃତ୍ୱ ଏବେ ବି ଦିଲ୍ଲୀପ ରାୟଙ୍କ ବିଜୟ ନେଇ ନିଶ୍ଚିତ ହୋଇପାରୁ ନାହାନ୍ତି । ସେଥିପାଇଁ ଦଳର ୨ ଜଣ ମନ୍ତ୍ରୀ ତଥା ୩ ଜଣ ବିଧାୟକ ଅନ୍ୟ ଦଳ ବିଧାୟକଙ୍କୁ ଯୋଗାଯୋଗ କରିବାକୁ ଏବେବି ପ୍ରୟାସ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଅପରପକ୍ଷରେ କଂଗ୍ରେସର ୮ ବିଧାୟକ ରବିବାର ବେଙ୍ଗାଲୁରୁରେ ଥିବା ବେଳେ ସେମାନେ ସୋମବାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ଏହାପୂର୍ବରୁ ରବିବାର ସେମାନେ ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖରଗେଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଖରଗେ ସେମାନଙ୍କୁ ଏକଜୁଟ ହୋଇ ରହିବା ସହ ବିଜେପିକୁ ହରାଇବାକୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି । ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ରାତିରେ ଶଙ୍ଖ ଭବନରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନବୀନ ଆସନ୍ତାକାଲିର ଭୋଟ ନେଇ ନବୀନ ନିଜେ ଅଙ୍କ କଷିବା ସହ ରଣନୀତି ପ୍ରସ୍ତୁତ କରିଛନ୍ତି । ତେବେ କ୍ରମାଗତ ୩ ଦିନ ଧରି ଦଳର ଦୁଇ ବିଧାୟକ ବୈଠକରେ ଅନୁପସ୍ଥିତ ରହିଥିବାରୁ ସେମାନଙ୍କୁ ଚରମବାଣୀ ଶୁଣାଯାଇଛି । ଏମାନଙ୍କ ବ୍ୟତୀତ ବିଜେଡିରୁ ନିଲମ୍ବିତଙ୍କ ଭୂମିକାକୁ ନେଇ ଏବେ ବି ରହସ୍ୟ ବଳବତ୍ତର ରହିଛି ।

ଅପରପକ୍ଷେ ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ ନିର୍ବାଚନରେ ବାଜିମାତ୍ କରିବାକୁ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଏବେବି ଉଦ୍ୟମ ଜାରି ରଖିଛନ୍ତି । ବେଙ୍ଗାଲୁରୁରୁ ଆରମ୍ଭ କରି ଓଡ଼ିଶା ଯାଏଁ ରବିବାର ପ୍ରାୟ ୧୦ରୁ ୧୨ ବିଧାୟକଙ୍କୁ କୋଟି କୋଟି ଟଙ୍କା ଅଫର୍ କରାଯାଇଥିଲା । ମାତ୍ର ସଭିଏଁ ଏହାକୁ ଅଗ୍ରାହ୍ୟ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଆସନ୍ତାକାଲି ଏହି ଘୋଡ଼ା ବେପାର ଉପରୁ ପରଦା ଉଠିବାକୁ ଥିବାବେଳେ ଏହା ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

## ୪ଜଣଙ୍କୁ ବାନ୍ଧିଲା...

ସୀମାଞ୍ଚଳ ମହାକୁଡଙ୍କ ସହ କର୍ଣ୍ଣାଟକର ଜଣେ ବିଜେପି ନେତାଙ୍କ ଘନିଷ୍ଠ କୁହାଯାଉଥିବା ସୁରେଶ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ।

ଏ ସମ୍ପର୍କରେ କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ଓଡ଼ିଶାର ୪ ଜଣ ଲୋକ ଆସି ଆମ ବିଧାୟକଙ୍କୁ ପ୍ରଲୋଭିତ କରିବାକୁ ଚାହୁଁଥିଲେ । ଏଥିପାଇଁ ସେମାନେ ସ୍ଥାନୀୟ ଅଞ୍ଚଳର ଜଣେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହାୟତା ନେଇଥିଲେ । ଏହାପରେ ସେମାନେ ହୋଟେଲରେ ଥିବା ବିଧାୟକଙ୍କ ସହ ଯୋଗାଯୋଗ କରିଥିଲେ । ବିଧାୟକମାନେ ଟଙ୍କା ନେବାକୁ ମନା କରିବା ସହ ଆମକୁ ଖବର ଦେଇଥିଲେ । ଅଭିଯୁକ୍ତଙ୍କୁ ଆମ କାର୍ଯ୍ୟକର୍ତ୍ତମାନେ କାବୁ କରିଥିବା ବେଳେ ସେମାନଙ୍କଠାରୁ ବ୍ଲାଙ୍କ ଚେକ୍ ଜବତ କରାଯାଇଛି । ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଅପରପକ୍ଷେ ସାଂସଦ ସପ୍ତଗିରି ଉଲ୍ଲାକା କହିଥିଲେ ଯେ ଆଜି ଆମେ ସକାଳ ଜଳଖିଆ କରୁଥିବା ବେଳେ ୪ ଜଣ ଲୋକ ଆମ ଆଖପାଖରେ ବୁଲୁଥିଲେ । ଆମ ସହ ଲିଫ୍ଟରେ ଆସିବା ସହ ପ୍ରଲୋଭିତ କରିବାକୁ ଚେଷ୍ଟା କରୁଥିଲେ । ଆମର ସନ୍ଦେହ ହେବାରୁ ଆମେ ପୁଲିସକୁ ଖବର ଦେଇଥିଲୁ । ପୁଲିସ ଯେତେବେଳେ ତଦନ୍ତ କଲା, ସେଥିରୁ ଜଣେ ଅଭିଯୁକ୍ତଙ୍କ କଲ ଡିଟେଲ୍ସରେ ମେ ଫେୟାର ଏଜିଏମଙ୍କୁ କଲ୍ ଯାଇଥିବା ବେଳେ ଦିଲ୍ଲୀପ ରାୟଙ୍କ ମେସେଜ ଥିବା ଜଣାପଡ଼ିଥିଲା । ନିର୍ବାଚନ ପାଇଁ ଘୋଡ଼ା ବେପାର କରିବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସହ ଦିଲ୍ଲୀପ ରାୟଙ୍କ ନାମ ସାମ୍ନାକୁ ଆସୁଛି । ଏହାକୁ ଆମେ ନିନ୍ଦା କରୁଛୁ ବୋଲି ସେ କହିଛନ୍ତି ।

## ସ୍ତ୍ରୀକୁ ହତ୍ୟା କରି...

ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା । ରଶ୍ମିଙ୍କ ଚରିତ୍ର ଉପରେ ସନ୍ଦେହ କରି ପରେଶ ବିଭିନ୍ନ ସମୟରେ ମଦ ପିଇ ଘରକୁ ଫେରିବା ସହ ରଶ୍ମିଙ୍କୁ ମାରପିଟ୍ କରୁଥିଲେ । ଏହାକୁ ନେଇ ପୂର୍ବରୁ ଅନେକଥର ଗ୍ରାମର ଭଦ୍ରଲୋକଙ୍କ ଦ୍ୱାରା ସମାଧାନ କରାଯାଇଥିଲା । ଗତ ଶନିବାର ରାତିରେ ସମାନ ଘଟଣାକୁ ନେଇ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାପରେ ମଦ ନିଶାରେ ପରେଶ ଉତ୍ତ୍ୟକ୍ତ ହୋଇ ରଶ୍ମିରେଖାଙ୍କୁ ହତ୍ୟା କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ଭୟଭୀତ ହୋଇ ପରେଶ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲେ ।

ପରେଶଙ୍କ ବାପା ଦିବାକର ରାତିରେ ସମୁଦ୍ରରୁ ମାଛ ମାରି ଫେରିବା ପରେ ଛୋଟ ଝିଅଟିର କାନ୍ଦ ଶୁଣି ପୁଅ ଘର ଭିତରକୁ ଯାଇଥିଲେ । ସେଠାରେ ବୋହୂ ରଶ୍ମିରେଖା ତଳେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ପରେ ପୁଅକୁ ଖୋଜାଖୋଜି କରିବା ସମୟରେ ଘର ପଛପଟ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ରଶ୍ମିରେଖାଙ୍କ ବାପା ଗୟାଧର ପରିଡ଼ାଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ସେପଟେ ଉଭୟ ବାପା ଏବଂ ମାଆଙ୍କ ମୃତ୍ୟୁପରେ ୨ ବର୍ଷର ଝିଅ ବେସାହାରା ହୋଇଯାଇଛି ।

## ଭ୍ରଷ୍ଟ ଦଳ ବୋଲି...

ଏସ୍‌ଏଲଆର ଦାଖଲ କଲାନାହିଁ? ତେଣୁ ଆଗକୁ ସେ ପୁଣି ଜେଲ ଯିବା ଆଶଙ୍କା ଥିବାବେଳେ ସେଭଳି ଲୋକଙ୍କୁ ବିଜେପି ପ୍ରାର୍ଥୀ କରିବା ଦଳର ଦୁର୍ନୀତି ପ୍ରତି ଆଭିମୁଖ୍ୟକୁ ପଦାରେ ପକାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ପିସିସି ସଭାପତି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଛନ୍ତି ଯେ ବିଜେପି ରାଜ୍ୟ ରାଜନୀତିକୁ ଯେଉଁଭଳି ଭାବରେ କଳୁଷିତ କରୁଛି ତାହା କଳ୍ପନାତୀତ । ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେଙ୍କୁ ଭେଟି ଆଲୋଚନା ଓ ଆଶୀର୍ବାଦ ପାଇଁ ଆମ ୮ ଜଣ ବିଧାୟକ ଏବଂ ମୁଁ ବାଙ୍ଗାଲୋର ଯାଇଥିଲୁ । ଆମ ବିଧାୟକ ଯେଉଁ ହୋଟେଲରେ ରହୁଥିଲେ ସେହି ହୋଟେଲକୁ ରାଜ୍ୟ ବିଜେପିର ସର୍ବଶକ୍ତିମାନ ନେତାଙ୍କ ପରାମର୍ଶକ୍ରମେ ୪ ଜଣ ବିଜେପି ଲୋକ ଆସି ଆମ ବିଧାୟକଙ୍କୁ ଭେଟି ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲେ । ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଅଜିତ ସାହୁ, ରାଉରକେଲାର ବୀରେନ୍ଦ୍ର ପ୍ରସାଦ, ସୀମାଞ୍ଚଳ ମହାକୁଡ ଓ କର୍ଣ୍ଣାଟକ ବିଜେପି ନେତାଙ୍କ ଲୋକ ସୁରେଶ । ସେମାନଙ୍କ ମଧ୍ୟରୁ ଦୁଇଜଣ ପୁଲିସ ହାତରେ ଧରା ପଡ଼ିଲେ ଓ ଦୁଇଜଣ ଫେରାର ହୋଇଗଲେ । ସେମାନଙ୍କ ପାଖରୁ ଗୋଟିଏ ବ୍ଲାଙ୍କ ଚେକ ଏବଂ ୧୭ ଲକ୍ଷ ଟଙ୍କା ଲେଖାଥିବା ଅନ୍ୟ ଏକ ଚେକ ଜବତ ହୋଇଛି । ସମଭାବାପନ୍ନ ଦଳ ମଧ୍ୟରେ ଚତୁର୍ଥ ପ୍ରାର୍ଥୀ ଦେବାପାଇଁ ବ୍ୟବସ୍ଥା ହେଲା । ତାହାକୁ ସମ୍ମାନ ନ ଜଣାଇ ଓଡ଼ିଶା ବିଜେପିର କ'ଣ ବାଧ୍ୟବାଧକତା ଅଛି ଯେ ଓଡ଼ିଶା ରାଜନୀତିକୁ କଳୁଷିତ କରିବାକୁ ପଛାଉ ନାହିଁ । ଏଥିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ସଂପୃକ୍ତ ରହିବାରଅଭିଯୋଗଆସୁଛି । କଂଗ୍ରେସଦଳରବିଶ୍ୱାସ,ଆମସମସ୍ତ ବିଧାନସଭା ସଦସ୍ୟ କଂଗ୍ରେସ ଦଳ ସମର୍ଥିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଲୁଚିଛନ୍ତି ନା...

ନିର୍ଦ୍ଦେଶ ଅବମାନନା ଅଭିଯୋଗରେ ତାଙ୍କ ବିରୋଧରେ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି ।

ଦଳ ପକ୍ଷରୁ ଗତ ୮ ତାରିଖରୁ ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କର ପତ୍ତା ମିଳୁନାହିଁ । ଫଳରେ ବିରୋଧୀପକ୍ଷଙ୍କୁ ସୁହାଇବା ପରି ସେ କ୍ରସ ଭୋଟିଂ କରିପାରନ୍ତି ବା ଅନୁପସ୍ଥିତ ରହି ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପଥ ପ୍ରସ୍ତୁତ କରିପାରନ୍ତି ବୋଲି ଦଳ ସନ୍ଦେହ କରୁଛି । ଏଥିପାଇଁ ଦଳ ପକ୍ଷରୁ ରବିବାର ଶ୍ରୀ ଗମାଙ୍ଗୋଙ୍କୁ ନୋଟିସ କରାଯାଇଥିଲା । ୮ ମାର୍ଚ୍ଚ ୨୦୨୬ରୁ ଏ ଯାଏ ସପ୍ତାହେ କାଳ ଯୋଗାଯୋଗ କରିବା ପାଇଁ ପିସିସି ସଭାପତି ଚେଷ୍ଟା କରାଯାଉଥିଲେ ହେଁ ପତ୍ତା ମିଳୁନାହିଁ । ଏଆଇସିସି ଓଡ଼ିଶା ଇନ୍‌ଚାର୍ଜ ଅଜୟ କୁମାର ଲଲ୍ଲୁ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ବହୁବାର ଚେଷ୍ଟା କରି ବିଫଳ ହୋଇଛନ୍ତି । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ରହସ୍ୟମୟ ଭାବେ ଉଭାନ ହୋଇଯିବା ଦ୍ୱାରା ରାଜ୍ୟବାସୀଙ୍କ ନିକଟକୁ ଭୁଲ୍ ବାର୍ତ୍ତା ଯାଉଛି । ତେଣୁ ବିଧାୟକ ଶ୍ରୀ ଗମାଙ୍ଗୋ ସ୍ୱଇଚ୍ଛାରେ ଆତ୍ମଗୋପନ କରିଥିବା ନେଇ ସନ୍ଦେହ କରି ଶେଷ ନୋଟିସ ଦେଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା ବ୍ୟକ୍ତିଗତ ହାଜର ନ ହେଲେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଶ୍ରୀ ଗମାଙ୍ଗଙ୍କୁ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ୍ କୁମାର ପାଢ଼ୀ ଏହି ନୋଟିସରେ ଚେତାବନୀ ଦେଇଥିଲେ । ଏପିରିକି ପିସିସି ସଭାପତି ମଧ୍ୟ ଏନେଇ କଡ଼ା ଚେତାବନୀ ଜାରି କରିଥିଲେ । ବିଧାୟକ ଯଦି ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନ ହୁଅନ୍ତି ତେବେ ତାଙ୍କର କଂଗ୍ରେସ ସଦସ୍ୟତା ପଦ ରଦ୍ଦ ହେବା ସହିତ ବିଧାନସଭା ପଦ ରଦ୍ଦ ପାଇଁ ଦଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ସେ ଚେତାବନୀରେ କହିଥିଲେ । ଏହା ସତ୍ତ୍ୱେ ସେ କଂଗ୍ରେସ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା କ୍ରସ ଭୋଟିଂକୁ ଇଙ୍ଗିତ କରିଛି ।

---

### ରାସ୍ତା ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ଘଟଣା

# ଗିରଫ ଆଦିବାସୀ ଗ୍ରାମବାସୀଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ରାଇରଙ୍ଗପୁର, ୧୫।୩ (ସମିସ): ତିରିଂ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଘଟଣାକୁ ନେଇ ବହଳଦା ବାଇପାସ୍‌ରେ ଜାତୀୟ ରାଜପଥ ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ଏହି ଘଟଣାରେ ପୁଲିସ ୩୪ ଜଣ ଗ୍ରାମବାସୀଙ୍କୁ ଗିରଫ କରିଛି । ଉକ୍ତ ଗିରଫ ଆଦିବାସୀ ଗ୍ରାମବାସୀଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟିଛନ୍ତି । ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଥିବା ବେଳେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଓ ପୂର୍ବତନ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ପ୍ରତିନିଧିଦଳ ଭେଟି ଆଲୋଚନା କରିଛନ୍ତି । ଏହି ଅବସରରେ ବିଜେଡି କହିଛି ଯେ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ଆଦିବାସୀମାନଙ୍କ ପ୍ରତି ଅମାନବୀୟ ଭାବେ ଅନ୍ୟାୟ କରାଯାଉଛି । ସ୍ଥାନୀୟ ବିଧାୟକ ଓ ସାଂସଦ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ କାହାରି ଖୋଜ ଖବର ନାହିଁ । ବିଜେପିର ସମସ୍ତ ଜନପ୍ରତିନିଧି ଚୁପ୍ ହୋଇ ବସିଛନ୍ତି । ନିର୍ବାଚନ ସମୟରେ ଆଦିବାସୀମାନଙ୍କ ହକ୍ ପାଇଁ ବହୁ ଭାଷଣବାଜି କରୁଥିବା ବିଜେପି ନେତା ଲୋକଙ୍କ ସମସ୍ୟା ସମୟରେ ଅନ୍ତର୍ଧ୍ୟାନ ହୋଇଯାଇଛନ୍ତି । ଏହାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି । ସମସ୍ତ ଗିରଫ ବ୍ୟକ୍ତିଙ୍କ ସହ ଏ ନେଇ

**ଜାମିନ ପ୍ରକ୍ରିୟା ପାଇଁ ସହାୟତା ପ୍ରତିଶ୍ରୁତି**

ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ଏହାସହ ସମସ୍ତଙ୍କ ଜାମିନ ନିମନ୍ତେ ବିଜେଡି ପକ୍ଷରୁ ସହାୟତା କରାଯିବ ବୋଲି ପ୍ରତିନିଧିଦଳ ପ୍ରତିଶ୍ରୁତି ଦେଇଛନ୍ତି । ଓକିଲଙ୍କ ଯୋଗେ ଜାମିନ ଆବେଦନ କରାଯାଇଛି । ଆଦିବାସୀଙ୍କ ହକ୍ ପାଇଁ ବିଜେଡି ପକ୍ଷରୁ ଆଗକୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି । ଉକ୍ତ ପ୍ରତିନିଧି ଦଳରେ ବହଳଦା ଓ ତିରିଂ ବ୍ଲକର ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ସଭାପତି, ପୂର୍ବତନ ବ୍ଲକ ସଭାପତିଙ୍କ ସମେତ ଅନ୍ୟାନ୍ୟ ନେତୃବର୍ଗ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଚାଲିଗଲା ମା'-ପୁଅଙ୍କ ଜୀବନ

ବୁଗୁଡ଼ା,୧୫।୩(ସମିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡ଼ା ଗ୍ରାମ ନିକଟରେ କାର୍ ଦୁର୍ଘଟଣାରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଓ ଝିଅ ସାମାନ୍ୟ ଆହତ ହୋଇଛନ୍ତି । ମୃତକଦ୍ୱୟ



ହେଲେ, ନୟାଗଡ଼ ଜିଲ୍ଲା ଓଡଗାଁ ଛାମୁସାହିର ମା' କୁନମୁନ ଚୌଧୁରୀ(୩୪) ଓ ତାଙ୍କ ପୁଅ ଦେବାଶିଷ ଚୌଧୁରୀ(୯) । ଏନେଇ ବୁଗୁଡ଼ା ଥାନାରେ ଏକ ମାମଲା (ନଂ.୧୧୮/୨୬) ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି ।

ଓଡ଼ଗାଁର ବିଶିଷ୍ଟ ସିମେଣ୍ଟ ବ୍ୟବସାୟୀ ଦେବପ୍ରସାଦ ଚୌଧୁରୀ ନିଜ ପତ୍ନୀ କୁନ୍‌ମୁନ୍ ଚୌଧୁରୀ, ପୁଅ ଦେବାଶିଷ ଓ ଦେଢ଼ ବର୍ଷର ଝିଅ ଦିବ୍ୟାଂଶୀକୁ ସାଙ୍ଗରେ ଧରି ରବିବାର ବ୍ରହ୍ମପୁରରୁ କାର୍‌ରେ ଫେରୁଥିଲେ । ଅପରାହ୍ଣ ପ୍ରାୟ ୧ଟାରେ ତାକରଡ଼ା ଗ୍ରାମ ପୂର୍ବରୁ ଭାରସାମ୍ୟ ହରାଇବାରୁ କାର୍‌ଟି ରାସ୍ତାକଡ଼ ଏକ ବିରାଟ ଗଛରେ ପିଟି ହୋଇ ବିଲ ଭିତରକୁ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ କୁନମୁନ୍‌ଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଦେବାଶିଷ ଗୁରୁତର ଆହତ ହୋଇଥିଲେ । ଦେବପ୍ରସାଦ ଓ ଝିଅ ଦିବ୍ୟାଂଶୀ ସାମାନ୍ୟ ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର କୁନ୍‌ମୁନଙ୍କୁ ମୃତ ଘୋଷଣା କରିଥିବା ବେଳେ ଦେବାଶିଷଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ବାଟରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ଦେବାଶିଷଙ୍କୁ ମୃତ ଘୋଷଣା କରିଥିଲେ । ଚାଳକଙ୍କ ଆଖି ଲାଗିଯିବାରୁ କାର୍‌ଟି ଗଛରେ ପିଟି ହୋଇଯାଇଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମୃତଦେହ ଜବତ କରି ତଦନ୍ତ ଚଳାଇଛି ।

# ୨୦ରୁ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ

- ପ୍ରଦର୍ଶିତ ହେବ ୮ ରାଜ୍ୟର ୧୨ଟି ଭାଷାରେ ୩୦ଟି ଫିଲ୍ମ
- ୧୨ଟି ଲଘୁ ଫିଲ୍ମ ଓ ୧୮ ଟି ଡକୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହେବ



ବାରିପଦା,୧୫।୩(ସମିସ): ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟ ଏବଂ ଏନ୍‌ଏଫ୍‌ଡିସିର ସହଯୋଗରେ ସ୍ଥାନୀୟ ସହିଦ ସ୍ମୃତିଭବନରେ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ୧୨ଟି ଲଘୁ ଫିଲ୍ମ ଓ ୧୮ ଟି ଡକୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହେବ ବୋଲି ଜଣାଯାଇଛି । ଓଡ଼ିଶା ସମେତ ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, କେରଳ ଓ ଦିଲ୍ଲୀ ଭଳି ମୋଟ ୮ ରାଜ୍ୟର ୧୨ଟି ଭାଷାରେ ୩୦ଟି ଫିଲ୍ମ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂସ୍ଥାର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କହିଛନ୍ତି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ମୁଖ୍ୟ ଆୟୋଜକ ଶ୍ରୀ ବେସ୍ରା ପ୍ରକାଶ କରିଛନ୍ତି । ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଃଶୁଳ୍କରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ସେ ଅନୁରୋଧ କରିଛନ୍ତି । ଆଜିର ଏହି ବୈଠକରେ ସଂସ୍ଥାର ପ୍ରତିଷ୍ଠାତା ଅଧ୍ୟକ୍ଷ ଦୀପକ କୁମାର ବେସ୍ରା, ସମ୍ପାଦକ ଆନ୍ତା ଆଲୋକ ବାସ୍କେ, ଉପଦେଷ୍ଟା ତଥା ସିଡିପିଓ ବିଟୁ ଟୁଡୁ ଓ ଦିଗି ମୁର୍ମୁ ମାର୍ଣ୍ଡି, ସଦସ୍ୟ ସୁମୀ ହାଁସଦା ବେସ୍ରା, ସୁମାଲି ମୁର୍ମୁ ହେମ୍ବ୍ରମ, ଅର୍ଜୁନ ସୋରେନ, ମିନତି ବାସ୍କେ ଓ ପାଲୁ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

# କୁକୁର ଝୁଣି ଖାଉଛି ଅଲିଭ୍‌ରିଡ୍‌ଲେ ଶବ



ଛତ୍ରପୁର, ୧୫ ।୩ (ସମିସ): ଅଲିଭ-ରିଡ୍‌ଲେ ଶବ ଝୁଣି ଖାଉଛି କୁକୁର । ଗଞ୍ଜାମ ଜିଲ୍ଲା ହରିପୁର ସମୁଦ୍ର ବେଳାଭୂମିରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ଆଜି ଭୋର୍‌ରେ ସମୁଦ୍ର ବେଳାଭୂମିରେ ବହୁ ସଂଖ୍ୟାରେ ବିରଳ ଅଲିଭ୍-ରିଡ୍‌ଲେଙ୍କ ଶବ ପଡ଼ିଥିବା ବେଳେ କିଛି କୁକୁର ତାକୁ ଝୁଣି ଖାଉଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ । ଏହି ଦୃଶ୍ୟ ବନ୍ୟପ୍ରାଣୀପ୍ରେମୀଙ୍କୁ ଆଘାତ ଦେଇଛି । ଅପରପକ୍ଷେ, ଏହି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବର୍ତ୍ତମାନ ଅଲିଭରିଡ୍‌ଲେଙ୍କ ଗଣ-ଅଣ୍ଡାଦାନ ପ୍ରକ୍ରିୟା ଚାଲିଛି । ଏଥିପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ' ୩୧ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗୀ ପର୍ଯ୍ୟନ୍ତ 'ନୋ ଫିସିଂ ଜୋନ୍' ଘୋଷଣା କରାଯାଇଥାଏ । କିନ୍ତୁ, ଏହା ସତ୍ତ୍ୱେ କିଭଳି ଏତେ ସଂଖ୍ୟକ କଇଁଛ ମରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୁଦ୍ର ମଧ୍ୟରେ ବେଆଇନ ଭାବେ ଚାଲୁଥିବା ମାଛଧରା ଟ୍ରଲର୍ ଜାଲରେ ଛନ୍ଦି ହୋଇ ଅଧିକାଂଶ କଇଁଛଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି । ବନ ବିଭାଗ ଏବଂ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ପାଟ୍ରୋଲିଂ ସତ୍ତ୍ୱେ କିଭଳି ଏପରି ଘଟଣା ଘଟୁଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ଇକୋ-ସେନସିଟିଭ ଜୋନ୍‌ରେ ନିର୍ମାଣ

# ମାସକ ଭିତରେ ଜବାବ ଦାଖଲ କରିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

ବାରିପଦା, ୧୫।୩(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳ (ଇକୋ-ସେନସିଟିଭ୍ ଜୋନ୍)ରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନଜିଟି)ରେ ଶୁଣାଣି ହୋଇଛି । ୟଥ୍ ୟୁନାଇଟେଡ୍ ଫର୍ ସଷ୍ଟେନବଲ୍ ଏନଭାର୍ଣ୍ଣମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ରାଜ୍ୟ ସରକାର, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ଡିଏଫ୍‌ଓ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟକୁ ଏନ୍‌ଜିଟି ନୋଟିସ୍ କରିଛି । ମାସକ ମଧ୍ୟରେ ଏହାର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୩୦କୁ ଧାର୍ଯ୍ୟ କରାଯାଇଛି ।

ସୂଚନା ମୁତାବକ, ଶିମିଳିପାଳର ଇକୋ ସେନସିଟିଭ ଜୋନ ଅଞ୍ଚଳରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି । ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ହୋଟେଲ ଓ ରିସୋର୍ଟ ନିର୍ମାଣ ଜାରି ରହିଛି । ଏପରିକି, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ରାସ୍ତାକୁ କଂକ୍ରିଟକରଣ କରାଯାଉଛି । ପର୍ଯ୍ୟଟକ ବୁଲିବାକୁ ଆସି ବହୁ ପରିମାଣର ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ୍ ବ୍ୟାଗ୍ ଓ ନିଷିଦ୍ଧ ଜିନିଷ ଏଣେତେଣେ ଫିଙ୍ଗୁଥିବାରୁ ପରିବେଶ ଓ ବନ୍ୟଜନ୍ତୁଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ୁଛି । ସେହିପରି ବେଆଇନ ନିର୍ମାଣ, ଅନିୟନ୍ତ୍ରିତ ଗଛ କଟା, କଂକ୍ରିଟ୍ ଗୃହ ନିର୍ମାଣ ଓ ବୋରିଂ ଖୋଲା ହେବା ଆଦି ଇକୋ-ସେନସିଟିଭ ଜୋନ୍ ମାର୍ଗଦର୍ଶିକାର ଖୋଲା ଉଲ୍ଲଂଘନ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ଅପରପକ୍ଷେ, ଓଡ଼ିଶା ସରକାରଙ୍କ ସହ ପରାମର୍ଶ କରି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ ଜୋନ ଘୋଷଣା କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଇକୋ-ସେନସିଟିଭ୍ ଜୋନ୍ ଭିତରେ ହୋଇଥିବା ଅବୈଧ ନିର୍ମାଣ ହଟାଇବାକୁ ନିର୍ଦ୍ଦେଶ ଦିଆଯିବା ସହ ଗଛ କାଟିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ପରିବେଶଗତ କ୍ଷତିର ମୂଲ୍ୟ ଆକଳନ କରି ଜରିମାନା ଆଦାୟ ପାଇଁ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ବନ୍ଦ ଦୋକାନ ଭିତରେ ଜିଅନ୍ତା ଜଳିଗଲେ ବାପ-ପୁଅ

ଖୋର୍ଦ୍ଧା/ବେଗୁନିଆ,୧୫।୩ (ସମିସ): ବୋଲଗଡ଼ ବ୍ଲକ୍ ତଥା ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଦୋକାନ ଭିତରେ ଶୋଇଥିବା ଅବସ୍ଥାରେ ବାପ-ପୁଅ ଜୀଅନ୍ତା ଜଳି ଯାଇଛନ୍ତି । ମୃତକଦ୍ୱୟ ହେଲେ, ରାଜେଶ କୁମାର ସାହୁ(୫୭) ଓ ତାଙ୍କ ଦିବ୍ୟାଙ୍ଗ ପୁଅ ଲକ୍ଷ୍ମୀଧର ସାହୁ(୨୪) । ଆଜି ସକାଳୁ ଖବର ଜଣାପଡ଼ିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିଲେ ବି ବିଦ୍ୟୁତ୍ ସର୍ଟ୍‌ସର୍କିଟ ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଛି ବୋଲି ଅଗ୍ନିଶମ ବିଭାଗ ଓ ପୁଲିସ କହିଛି ।

ସାନପଦର-ଦେଉଳି ରାସ୍ତାର ବିନ୍ଧ୍ୟଗିରି ପାହାଡ଼କୁ ଯିବା ରାସ୍ତା କଡ଼ରେ ତେଜରାତି ଓ ଚା ବିସ୍କୁଟ ଦୋକାନ କରିଥିଲେ ରାଜେଶ । ପୁଅ ଲକ୍ଷ୍ମୀଧର ତାଙ୍କୁ ଏଥିରେ ସହଯୋଗ କରୁଥିଲେ । ପ୍ରତିଦିନ ଭଳି ସେ କାଲି ରାତ୍ରିରେ ଖାଇ ସାରିବା ପରେ ଆସି ପୁଅ ସହ ଦୋକାନ ଭିତରେ ଶୋଇଥିଲେ । ପ୍ରତିଦିନ ଭୋର୍ ୫ଟାରୁ ଦୋକାନ ଖୋଲନ୍ତି, କିନ୍ତୁ ହେଲେ ରବିବାର ସକାଳୁ ଦୋକାନ ଖୋଲା ନ ଯିବା ସହିତ ଭିତରୁ କବାଟ ବନ୍ଦ ଥିବାର ଦେଖାଯାଇଥିଲା । ପରିବାରଲୋକେ ଏହା ଜାଣିବା ପରେ କିଛି ଅଘଟଣ ଘଟିଥିବା ନେଇ ସନ୍ଦେହ କରିଥିଲେ । ପରେ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଦେଖିଲା ବେଳକୁ ରାଜେଶ ଓ ପୁଅ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହେବା ସହ ଶବ ଅଧା ପୋଡ଼ି ଯାଇଥିଲା । ଖବର ପାଇ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ, ବେଗୁନିଆ ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି । ପରେ ପୁଲିସ ଦୋକାନ ଘର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତକଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି । ଏହି ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ବିଧାୟକ ପ୍ରଦୀପ କୁମାର ସାହୁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

**AFFIDAVIT**

By an affidavit Sl. No-7, Dtd 02/03/2026 sworn before The Executive Magistrate, Baripada, I Sujoy Mandi, S/o Rameswar Mandi, permanent Address- At/Po- Marangtandi, PS- Chandua, Dist. Mayurbhanj, 757014, At present At- Sonari Mara, Po. Saria, PS- Gopiballavpur, Dist. Jhargram, W.B. 721506, have changed my DOB as 20/08/2006 and address At/Po- Marangtandi, PS- Chandua, Dist. Mayurbhanj and at present address At- Sonari Mara, PO- Saria, PS- Gopiballavpur, Dist- Jhargram, W.B. 721506 for all purposes.

**NOTICE**

By virtue of an affidavit sworn before the Executive Magistrate, Athmallik dated 11th March 2026, I, Miss. PRATIVA KHAMARI address Daughter of BANSIDHAR KHAMARI, Village : MALIPADAR, P.O. : PURUNAMANATRI, P.S.: ATHMALLIK, District : ANGUL, PIN : 759125, STATE : ODISHA, declare that I have changed my name from "JHILI KHAMARI" to "PRATIVA KHAMARI". Henceforth, I shall be known as "PRATIVA KHAMARI" for all purposes.

PRATIVA KHAMARI

**KALINGA CONSORTIUM**

Janus Patna Rd. College Square, Cuttack-753003
Tel: +91-671-4082378, +91-9337581556 / 9238467571-3 / 9437067573
Kalingaconsortium@yahoo.com, TIN: 21AKEPM0064G1ZQ

**Advertisement**

Godown Staff & Sales Staff required for an Automobile Firm in Cuttack

Contact : Kalinga Consortium College Square, Cuttack
Whatsapp No. 9437067573

ସକାଳ
THE SAKALA



**ଗାଁ ଗହଳିରେ ଗ୍ୟାସ୍ ସିଲିଣ୍ଡର ମିଳୁନି**

# ଚୁଲି ମୁଣ୍ଡରେ ବସିଲେଣି ଗୃହିଣୀ

ବାରିକପୁର,୧୫।୩(ସମିସ)

ଯୁଦ୍ଧର ବିଭୀଷିକା ମଧ୍ୟରେ ଏବେ ଗ୍ୟାସ୍ ସିଲିଣ୍ଡର ଓ ଇନ୍ଧନ ତେଲ ଅଭାବ ଦେଖାଦେଇଛି। ଏସବୁ ମହଜୁଦ ଥିବା ସରକାର ବାହାସ୍ଫୋଟ ମାରୁଛନ୍ତି ସତ ହେଲେ ଲୋକେ ଏଥିପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗ୍ୟାସ୍ ଅଭାବ ଏବେ ବିଷମ ସମସ୍ୟା ସୃଷ୍ଟି କରୁଛି। ସହରରେ ଗ୍ୟାସ୍‌ର ଅଭାବ ଦେଖାଦେଇଥିବା ବେଳେ ଏବେ ଗ୍ରାମାଞ୍ଚଳରେ ମଧ୍ୟ ସମାନ ଅବସ୍ଥା ଦେଖାଦେଲାଣି। ୯୫୦ ଟଙ୍କାର ଗ୍ୟାସ୍ ଟାଙ୍କି ଏବେ କେଉଁଠି ୧୧୦୦ ତ ପୁଣି କେଉଁଠି ୧୪୦୦ ଓ ୨ହଜାର ଟଙ୍କାରେ ପହଞ୍ଚିଲାଣି। କଳାବଜାର ବଢ଼ିବାରେ ଲାଗିଛି। ପରିସ୍ଥିତି ଏଭଳି ହେବାକୁ ବସିଛି ଯେ ବର୍ଦ୍ଧିତ ଟଙ୍କା ଦେଲେ ସୁଦ୍ଧା ଗ୍ୟାସ୍ ସିଲିଣ୍ଡର ମିଳିବା କଷ୍ଟକର ହେଉଛି। ଗାଁ ଗହଳିରେ ଗୃହିଣୀମାନେ ଚୁଲି ମୁଣ୍ଡରେ ବସିବାକୁ ବାଧ ହେଉଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ପ୍ରାୟ ୧୭ହଜାରରୁ ଅଧିକ ଉପଭୋକ୍ତା ଏବେ ଗ୍ୟାସ୍ ଅଭାବ ଜନିତ କାରଣରୁ ଚିନ୍ତା ପ୍ରକଟ କରିଛନ୍ତି। ଅନ୍‌ଲାଇନ୍ ବୁକିଙ୍ଗ୍ ଅନୁଯାୟୀ ଆବଶ୍ୟକ ଗ୍ୟାସ୍ ସିଲିଣ୍ଡର ଆସୁ ନ ଥିବାବେଳେ ରୋଷେଇବାସ ପାଇଁ ଅସୁବିଧା ହେଉଛି। ଅନେକଙ୍କ ଘରେ ଚୁଲି ନ ଥିବାବେଳେ ଏବେ ବାଧ ହୋଇ ସ୍ତ୍ରୀ ଲୋକମାନେ ଉଠା ଚୁଲିରେ ରୋଷେଇ ଆରମ୍ଭ କଲେଣି। ଏହାଛଡ଼ା ଗ୍ରାମ୍ୟ ବଜାରର ଛୋଟବଡ଼ ହୋଟେଲ, ଜଳଖିଆ ଓ ଚା' ଦୋକାନରେ ମଧ୍ୟ ଗ୍ୟାସ୍ ଅଭାବ ଦେଖାଦେଇଛି। ଏବେ ବ୍ୟବସାୟୀମାନେ କୋଇଲା ଆଞ୍ଚ ବ୍ୟବହାର ପାଇଁ ସଜବାଜ ହେଲେଣି। ବ୍ଲକ୍‌ର ମଞ୍ଜୁରୀରୋଡ୍‌ଠାରୁ ଆରମ୍ଭ କରି ଆଖୁଆପଦା, ବିଷ୍ଣୁପୁର, ମାଳଦା, ବାଲିପୋଖରୀ, ଛତାବର, ମଣୀନାଥପୁର, ସରସଦା ସବୁଠି ଗ୍ୟାସ୍ ଅଭାବକୁ ନେଇ ଏକପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକୃତରେ ଗ୍ୟାସ୍ ସିଲିଣ୍ଡର ଅଭାବ ଦେଖାଦେଇଛି ନା ଯୁଦ୍ଧ ନାଁ ନେଇ ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କୁ ଶୋଷଣ କରିବା ପାଇଁ ମନସ୍ଥ କରିଛନ୍ତି ସେନେଇ ଯୋଗାଣ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇଛି।





**ସେମାନଙ୍କ ମତରେ...**



ଅନେକ ମହିଳା ଏବେ ମଧୁମେହ ଓ ରକ୍ତଚାପ ରୋଗୀ। ତେଣୁ ଗ୍ୟାସ୍ ବିନା ସେମାନେ ଚୁଲିରେ ରୋଷେଇ କରିବା ସମ୍ଭବ ନୁହେଁ। ରୋଗାକ୍ରାନ୍ତ ମହିଳା ଚୁଲିରେ ରୋଷେଇ କଲେ ଆହୁରି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବ। ଆମେ ଏବେ ଗ୍ୟାସ୍ ସିଲିଣ୍ଡର ଅଭାବରୁ ଅନେକ ଅସୁବିଧା ଭୋଗୁଛୁ।

**ମୋହନ କୁମାର ରାୟ, ଗୃହସ୍ଥ**



ଏବେ ଗ୍ୟାସ୍ ସିଲିଣ୍ଡର ସମସ୍ୟା ପାଇଁ ବହୁତ ହଇରାଣ ହେବାକୁ ପଡୁଛି। ଧୀରେ ଧୀରେ ଗରମ ଅନୁଭୂତ ହେଲାଣି। ଚୁଲିରେ ରୋଷେଇ କଲା ବେଳକୁ ଘରସାରା ଧୂଆଁ ବ୍ୟାପୁଛି। ପିଲାଙ୍କ ପାଠପଢ଼ାରେ ମଧ୍ୟ ଅସୁବିଧା ହେଉଛି। ଗ୍ୟାସ୍‌ରେ ରୋଷେଇ କରିବା ବହୁତ ସହଜ। ଯଥାଶୀଘ୍ର ଏହା ଉପରେ ସରକାର ଦୃଷ୍ଟି ଦିଅନ୍ତୁ।

**ଯାଜ୍ଞସେନୀ ପରିଡ଼ା, ଗୃହିଣୀ**



ଗ୍ୟାସ୍ ବିନା ଦୋକାନ ଚଳେଇବା କଷ୍ଟକର ହେଉଛି। ଆବଶ୍ୟକ ମୁତାବକ ମିଠା ଓ ଜଳଖିଆ ତିଆରି କରିବା ସମ୍ଭବ ହେଉନାହିଁ। ସିଲିଣ୍ଡର ବିନା ବେପାର ମାନ୍ଦା ହେଲାଣି। ଘରେ ବି ରୋଷେଇବାସ ସମସ୍ୟା ହେଉଛି। ଏବେ ବିକଳ୍ପ ଭାବେ କାଠ ଓ କୋଇଲା ଆଞ୍ଚ ହିଁ ଭରସା ପାଲଟିଛି।

**ଗଦାଧର ସାହୁ, ମିଠା ଦୋକାନୀ**

# ଟ୍ରାକ୍ଟର ଧକ୍କାରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ

**● ଅଳ୍ପକେ ବର୍ତ୍ତିଲେ ସ୍ୱାମୀ ଓ ଝିଅ**



ଭଦ୍ରକ,୧୫।୩(ସମିସ): ଗର୍ଭବତୀ ସ୍ତ୍ରୀଙ୍କୁ ମେଡିକାଲକୁ ଚେକ୍‌ଅପ୍ ପାଇଁ ଧରି ଆସୁଥିବାବେଳେ ଏକ ଟ୍ରାକ୍ଟର ଧକ୍କାରେ ଚାଲିଗଲା ସ୍ତ୍ରୀର ଜୀବନ। ଅଳ୍ପକେ ବର୍ତ୍ତିଗଲେ ସ୍ୱାମୀ ଓ ୩ ବର୍ଷର କୁନି ଝିଅ। ଏଭଳି ଅଭାବନୀୟ ଦୁର୍ଘଟଣା ଘଟିଛି ଭଦ୍ରକ ସହର ବନ୍ତ ଛକ ନିକଟରେ। ବନ୍ତ ବ୍ଲକ୍ ଟିଲୋ ଅଞ୍ଚଳର ପ୍ରଣବ ଲେଙ୍କା ତାଙ୍କ ସ୍ତ୍ରୀ ଅନିତା ରାଣୀ ଜେନାଙ୍କ ମେଡିକାଲ ଚେକ୍‌ଅପ୍ ପାଇଁ ମୋଟର ସାଇକଲ ଯୋଗେ ଭଦ୍ରକ ଆସୁଥିଲେ। ବନ୍ତ ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଧାନ ବୋଝେଇ ଟ୍ରାକ୍ଟର ତାଙ୍କ ମୋଟର ସାଇକଲକୁ ଧକ୍କା ଦେଇଥିଲା। ଫଳରେ ଅନିତା ଗାଡ଼ିରୁ ଛିଟିକି ପଡ଼ିବାରୁ ଟ୍ରାକ୍ଟରର ପଛ ଚକା ଅନିତାଙ୍କ ମୁଣ୍ଡରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଅନିତା ସାଙ୍ଗରେ ଧରିଥିବା ତାଙ୍କ ୩ ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ସ୍ୱାମୀ ପ୍ରଣବ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭଦ୍ରକ ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିଛି।

# ଘର ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଭଣ୍ଡାରିପୋଖରୀ,୧୫।୩(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଦକ୍ଷିଣବାଡ଼ ମୌଜାର ବଡ଼କୋଳିପଦୀ କେନାଲରୋଡ୍ ବିଦେଶୀ ମଦ କାଉଣ୍ଟର ନିକଟରେ ଥିବା ପକ୍କାଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘର ମାଲିକ ବିରୋଳି ଗ୍ରାମର ରାଜା ଉମାକାନ୍ତ ଜେନା ଘରେ ନ ଥିବାବେଳେ ଗତ ୮ ତାରିଖ ରାତିରେ ଏହି ଚୋରି ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ଘରର ସିଡ଼ି ଛାତ ବାଟେ ଭିତରକୁ ପ୍ରବେଶ କରି ମଝି ଟିଣ କବାଟ ତାଲା ଭାଙ୍ଗି ଘର କୋଠରିକୁ ପ୍ରବେଶ କରିଥିଲେ। ଘରେ ଲାଗିଥିବା ପାଣି ମୋଟର, ଏକ ରେଫ୍ରିଜେରେଟର, ଗ୍ରାଇଣ୍ଡର, ପ୍ରେସର କୁକର, ଏଲ୍‌ଇଡି ଟିଭି, ଗୋଟିଏ ରୁପା ଥାଳିଆ, ୧୦ ପ୍ୟାକେଟ୍ ଟାଇଲ୍, ୧୦ ବସ୍ତା ସିମେଣ୍ଟ, ଏକ କମ୍ବଳ ଓ ବ୍ୟବହାର ହେବାକୁ ଥିବା ଟ୍ରାପ୍ ଆଦି ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିନେଇଥିଲେ। ଶନିବାର ଚୋରି ଜଣାପଡ଼ିବା ପରେ ଉମାକାନ୍ତ ଥାନାରେ ଅଭିଯୋଗ କରିଥିଲେ।

# ଧାମନଗରରେ ଏମ୍‌ଏନ୍ ଗ୍ରୁପ୍ ତରଫରୁ ଇଫ୍‌ତାର ପାର୍ଟି



ଧାମନଗର,୧୫।୩(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ଅଧୀନସ୍ଥ ମୁଲଣାସାହିଠାରେ ଏମ୍‌ଏନ୍ ଗ୍ରୁପ୍ ଏବଂ ହବିବ କମିଟି ଆନୁକୂଲ୍ୟରେ ପବିତ୍ର ରମ୍‌ଜାନ ମାସ ଉପଲକ୍ଷେ ଏକ ଇଫ୍‌ତାର ପାର୍ଟି ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଡି ଫଜଲେ ବାରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଇଫ୍‌ତାର ପାର୍ଟିରେ ଆଲ୍‌ହଜ ସୟଦ ଅହେମ୍ମଦ ରଜା ହବିବି (ମସ୍ତାନ୍-ଏ ମିଲ୍ଲତ୍) ଯୋଗଦେଇ ଫାତେହା ପରେ ଇଫ୍‌ତାର କରିଥିଲେ। ଏହି ଇଫ୍‌ତାର ପାର୍ଟିରେ ରୋଜା ରଖିଥିବା ଶହଶହ ରୋଜାଦାର ତଥା ସୟଦ ଓବେଦୁଲା, ଏମ୍‌ଡି ମେରୁଲ ବାରି, ସେକ୍ ଜୟନୁଲ ଆବେଦ୍ଦିନ, ମୀର ନୁରୁଲ ଇସ୍‌ଲାମ, ମୀର୍ ଫାରୁକ୍, ସେକ୍ ସାହିଲ, ସେକ୍ ଇସ୍‌ଲାମୁଦ୍ଦିନ, ସେକ୍ ହଲିମ୍, ମୀର ମୁରତୁଜା, ସେକ୍ ମୋହିଉଦ୍ଦିନ, ମୀର୍ ନୁରମହମ୍ମଦ, ସେକ୍ ଜାଫର ଅଲ୍ଲୀ, ସେକ୍ ରୋସ୍ତମ୍, ସେକ୍ ମକଦୁମ, ସେକ୍ ଅବ୍‌ଦୁଲ କାଦିର୍, ମୀର ଖୁର୍‌ସିଦ, ସେକ୍ ସିରାଜ, ସେକ୍ ମାଙ୍ଗୋ, ସେକ୍ ହାତୀ, ସେକ୍ ପପୁ, ସେକ୍ ସଦାମ, ସେକ୍ ସଲିମ୍ ଖାଁ, ଅଭିମନ୍ୟୁ ସେଠୀଙ୍କ ସମେତ ଉକ୍ତ ଗ୍ରାମବାସୀ ଏବଂ ବିଭିନ୍ନ ଅଞ୍ଚଳରୁ ବାବାଙ୍କ ଭକ୍ତ ଶ୍ରଦ୍ଧାଳୁ ପ୍ରମୁଖ ଯୋଗଦେଇ ରମ୍‌ଜାନ (ଉପବାସ) ମାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ବରିଷ୍ଠ ବିଜେଡି ନେତା ସେକ୍ ଜାଫର ଅଲ୍ଲୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଖାନକା ମସ୍‌ଜିଦ ପରିସରରେ ୪ଟାରେ ନମାଜ ପଢ଼ିବା ପରେ ମସ୍ତାନ ବାବାଙ୍କୁ ଖାନକା ସରିଫ୍‌ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମୁଲଣା ସାହି ପର୍ଯ୍ୟନ୍ତ ନିଆଯାଇଥିଲା।

**ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ**

# 'ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭଦ୍ରକ,୧୫।୩(ସମିସ): ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟତମ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଯୋଗଦେଇଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବାରେ ଆଇନଜୀବୀମାନଙ୍କୁ ପରିଚିତ କରାଇଥାଏ। ଓକିଲମାନଙ୍କ ସହଯୋଗ ରହିଲେ ନ୍ୟାୟିକ ବ୍ୟବସ୍ଥା ଶକ୍ତିଶାଳୀ ହୁଏ। ଆଇନଜୀବୀ ଓ ନ୍ୟାୟପାଳିକାର ବିଚାରପତି ଗୋଟିଏ ରଥରେ ଦୁଇଟି ଚକ ଭଳି। ନ୍ୟାୟପାଳିକା ବ୍ୟବସ୍ଥା ଠିକ୍ ରହିଲେ ଜନସାଧାରଣ ଉପକୃତ ହୁଅନ୍ତି ବୋଲି ଦୁଇ ବିଚାରପତି ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଭଦ୍ରକ କୋର୍ଟରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ ପାଇଁ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ ଭଦ୍ରକ ବାର୍ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାବେଳେ ନିଜ ବକ୍ତବ୍ୟ ମାଧ୍ୟମରେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ଦୀର୍ଘ ବର୍ଷ ଧରି ହାଇକୋର୍ଟଙ୍କ ତରଫରୁ ଭଦ୍ରକ କୋର୍ଟରେ ଏକ ପୋଷ୍ଟ ଅଫିସ, ବ୍ୟାଙ୍କ, ଏଟିଏମ୍ କାଉଣ୍ଟର, କ୍ୟାଣ୍ଟିନ୍ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବା ନେଇ ସେ ଦୁଃଖ ପ୍ରକାଶ କରିଥିଲେ। ସେହିପରି ୨ବର୍ଷ ଧରି ମୋହରିର ଓ ଭେଣ୍ଡରଙ୍କ ପାଇଁ ନିର୍ମାଣ ହୋଇ ପଡ଼ି ରହିଥିବା ବିଲ୍‌ଡିଂଟି ଆନୁସଙ୍ଗିକ ସରଞ୍ଜାମ ଓ ଆସବାବପତ୍ର ନ ଥିବାରୁ କାର୍ଯ୍ୟକାରୀ ହେଉ ନ ଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ବ୍ୟତୀତ ଆବଶ୍ୟକ ସଂଖ୍ୟକ ବିଚାରପତି ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇଦେବାକୁ ଦାବି ରଖିଥିଲେ। ହାଇକୋର୍ଟର ଷ୍ଟାଣ୍ଡିଂ କାଉନ୍‌ସିଲର ସସ୍ମିତା ନାୟକ ଭଦ୍ରକ କୋର୍ଟର ଉନ୍ନତୀକରଣ ନିମନ୍ତେ ନିବେଦନ କରିଥିଲେ। ସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଇନ୍‌ଚାର୍ଜ ଜିଲ୍ଲା ଜଜ୍ ପ୍ରଭାତ କୁମାର ରାଜଗୁରୁଙ୍କ ସମେତ ଭଦ୍ରକ କୋର୍ଟର ସମସ୍ତ ବିଚାରପତି, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଓ ବରିଷ୍ଠ ଆଇନଜୀବୀମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ଦୀର୍ଘ ୫୦ ବର୍ଷ ଧରି ଭଦ୍ରକ ବାର୍‌ରେ ଓକିଲାତି କରିଥିବା ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ଦାଶଙ୍କ ସମେତ ଅନ୍ୟ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ମା' ଅମ୍ବିକା ଠାକୁରାଣୀଙ୍କ ୩ୟ ବାର୍ଷିକ ଉତ୍ସବ



ତିହିଡ଼ି,୧୫।୩(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ଗ୍ରାମପଞ୍ଚାୟତର ମୋଡ଼ସାହି ଗ୍ରାମର ମା' ଅମ୍ବିକା (ମା' ମଙ୍ଗଳା) ଠାକୁରାଣୀଙ୍କ ୩ୟ ବାର୍ଷିକ ଉତ୍ସବ ୨ଦିନ ଧରି ପାଳନ ପରେ ରବିବାର ପୂର୍ଣ୍ଣାହୁତି ଦିଆଯାଇଛି। ଏହି ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇ ପରଦିନ ସକାଳ ୧୦ଟାରେ ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରା ସହିତ ନଗର ପରିକ୍ରମା କରିଥିଲେ। ରବିବାର ମଧ୍ୟାହ୍ନରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଆସି ପ୍ରସାଦସେବନ କରିବା ସହିତ ମା'ଙ୍କ କୃପାଲାଭ କରିଥିଲେ। ଏହି ବାର୍ଷିକ ଉତ୍ସବରେ ମା' ଅମ୍ବିକା ମନ୍ଦିରର ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଦିଲ୍ଲୀପ ଖୁଣ୍ଟିଆ, ମନୋରଞ୍ଜନ ଖୁଣ୍ଟିଆ, ପ୍ରକାଶ ଖୁଣ୍ଟିଆ, ରତ୍ନାକର ଖୁଣ୍ଟିଆ, ଭାଗିରଥି ଖୁଣ୍ଟିଆ, ମୃତ୍ୟୁଞ୍ଜୟ ଖୁଣ୍ଟିଆ, ଭରତ ଚନ୍ଦ୍ର ସାହୁ, ସନାତନ ଜେନା, ଧିରେନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମହାବିଦ୍ୟାପୀଠରେ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ତିହିଡ଼ି,୧୫।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ନୟାନନ୍ଦରେ ମା' ଦକ୍ଷିଣକାଳୀ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅତିଥିମାନେ ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ କରାଇଥିଲେ। ସମାଜସେବୀ ବିଶ୍ୱଜିତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କବି ତଥା ରାଜନେତା ଦୀନବନ୍ଧୁ ପତି, ବିଡିଓ ନିରଞ୍ଜନ ବାରିକ, ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ଜେନା ଓ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଦଳିତକେଶରୀ ଦାସ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମନ୍ଦିର ଟ୍ରଷ୍ଟ ତରଫରୁ ଯଯାତି କେଶରୀ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟଶିଳ୍ପୀ, ସମାଜସେବୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶୈଳବାଳା ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

# ବିଏନ୍‌ଏମ୍‌ଏ ମହାବିଦ୍ୟାଳୟରେ ରାଷ୍ଟ୍ରସ୍ତରୀୟ ସମ୍ମିଳନୀ

**'ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ସମ୍ପର୍କର ପରିଭାଷା ବଦଳୁଛି'**

ତିହିଡ଼ି,୧୫।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ବିଏନ୍‌ଏମ୍‌ଏ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଓ ସାଧାରଣ ପ୍ରଶାସନ ବିଭାଗର ମିଳିତ ଆନୁକୂଲ୍ୟରେ 'ଭାରତର ସଂଘୀୟ ବ୍ୟବସ୍ଥା: ପରିବର୍ତ୍ତିତ ଦିଗ ଓ କେନ୍ଦ୍ର-ରାଜ୍ୟ ସମ୍ପର୍କ' ଶୀର୍ଷକ ରାଷ୍ଟ୍ରସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକର ଯେଉଁ ପ୍ରକାର ସ୍ୱାତନ୍ତ୍ର ରହିବା କଥା ତାହା ଏବେ ଆଉ ନାହିଁ କହିଲେ ଚଳେ। କେତେକ ରାଜ୍ୟକୁ ବାଦ୍ ଦେଲେ ଅନ୍ୟ ରାଜ୍ୟଗୁଡ଼ିକ ସଂଘୀୟ ବ୍ୟବସ୍ଥାରେ ପରିଲକ୍ଷିତ ହେଉଥିବା ଅବକ୍ଷୟକୁ ନେଇ ଆଦୌ ଚିନ୍ତିତ ନୁହନ୍ତି। ଅପରପକ୍ଷରେ ଏହି ବ୍ୟବସ୍ଥାର ରୂପରେଖ ବଦଳିବାରେ ଲାଗିଛି। ଦେଶ ବାହାରେ ରାଜ୍ୟଗୁଡ଼ିକ ନିଜର ଅର୍ଥନୀତି ଓ ବିଦେଶୀ ପୁଞ୍ଜି ବିନିଯୋଗ କରିବାକୁ ଅଧିକ ସ୍ୱାଧୀନତା ପାଉଛନ୍ତି ଯାହାକି ସଂଘୀୟ ବ୍ୟବସ୍ଥାର ଆଉ ଏକ ରୂପାନ୍ତରିତ ଦିଗ ବୋଲି ବକ୍ତାମାନେ କହିଛନ୍ତି। ଅଧକ୍ଷ ପ୍ରଫେସର ଅମୂଲ୍ୟ ପରିଡ଼ାଙ୍କ ଆବାହକତ୍ୱ ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସରୋଜ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରାଧ୍ୟାପିକା ସ୍ୱର୍ଣ୍ଣମୟୀ ତ୍ରିପାଠୀ ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା, ପ୍ରାଧ୍ୟାପକ ଡ. ମକରନ୍ଦ ବାରିକ ଓ ଡ. ସିଙ୍ଘଶୁଭଲକ୍ଷ୍ମୀ ବଇଧର ସମ୍ମାନିତ ଅଧିକାରୀଭାବେ ଯୋଗଦେଇ ଭାରତର ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ପ୍ରାଧ୍ୟାପିକା ଅନିତା ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ, ସାଧାରଣ ପ୍ରଶାସନ ବିଭାଗ ମୁଖ୍ୟ ଅଜୟ ପାତ୍ର ପ୍ରାରମ୍ଭିକ ସୂଚନା, ପ୍ରାଧ୍ୟାପକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ ସ୍ୱାଇଁ, ସାମରିକ ଅଧିକାରୀ ଧନେଶ୍ୱର ବିଶ୍ୱାଳ, ପ୍ରାଧ୍ୟାପକ ନିରଞ୍ଜନ ରାଉତ, ଡ. ବିଶ୍ୱରଞ୍ଜନ ଦାସ, ଡ. ଗୋବିନ୍ଦ ଚନ୍ଦ୍ର ବାଗ, ପ୍ରାଧ୍ୟାପକ ତପନ ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ରଜନୀଗନ୍ଧା ପତି ପ୍ରମୁଖ ବିଭିନ୍ନ ବିଭାଗର ମୁଖ୍ୟ, ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଅପରାହ୍ଣରେ ପ୍ରାଧ୍ୟାପକ ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଡ. ନିରଞ୍ଜନ ରାଉତ, ସ୍କଲାର ଶୁଭଶ୍ରୀ ସେଠୀ ଓ ଅର୍ପିତା ମହଲ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିବାବେଳେ ଜେଏନ୍‌ୟୁର ସହକାରୀ ପ୍ରାଧ୍ୟାପକ ଡ. ମକରନ୍ଦ ବାରିକ ଏହାର ତର୍ଜମା କରିଥିଲେ। ପ୍ରାଧ୍ୟାପିକା ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଦେଇଥିଲେ।



# ମନ ମୋହୁଛି ପଳାଶ

ବନ୍ତ/ଆଗରପଡ଼ା,୧୫।୩(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ୨୫ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏବେ ପଳାଶ ଗଛରେ ନାରଙ୍ଗୀ ଫୁଲର ସମାହାର ଦେଖଣାହାରୀଙ୍କ ମନ ମୋହୁଛି। ସୁଗନ୍ଧ ନ ଥିଲେ ବି ପ୍ରକୃତିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ଏହି ପଳାଶ ଫୁଲ, ଯାହାକୁ ଲୋକେ ଦେଖି କହନ୍ତି ଜଙ୍ଗଲର ଅଗ୍ନିଶିଖା। ମହାଶିବରାତ୍ରୀ ପୂର୍ବରୁ ପଳାଶ ଗଛ ନାରଙ୍ଗୀ ରଙ୍ଗରେ ରଙ୍ଗେଇ ହୋଇଥାଏ। ବର୍ତ୍ତମାନ ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶୋଭା ବଢ଼ାଉଛି ପଳାଶ ଫୁଲ। ପଳାଶ ଗଛର ଫୁଲ କେବଳ ସୁନ୍ଦର ନୁହେଁ, ଏହାର ମୂଳଠାରୁ ଫୁଲଫଳ ପର୍ଯ୍ୟନ୍ତ ଔଷଧୀୟ ଗୁଣରେ ଭରପୂର। ମଧୁମେହ, କୋଷ୍ଠକାଠିନ୍ୟ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ଏହାର ମାନ୍ୟତା ରହିଛି। ପଳାଶ ଫୁଲ ଗାଢ଼ କମଳା ରଙ୍ଗର ଏବଂ ତିନି ଚାରି ପାଖୁଡ଼ାରେ ଗୁଚ୍ଛ ହୋଇଥାଏ। ଅନେକ ସମୟରେ ଆଦିବାସୀ ତରୁଣୀ ଓ ମହିଳା ମୁଣ୍ଡରେ ଖୋସିଥିବାର ଦେଖିବାକୁ ମିଳିଥାଏ। ଆଦିବାସୀ ସମ୍ପ୍ରଦାୟର ଲୋକେ ଗାଁରେ ନିଜନିଜ ଦେବଦେବୀଙ୍କୁ ପଳାଶ ଫୁଲ ଅର୍ପଣ କରି ପୂଜାର୍ଚ୍ଚନା କରିବାର ପରମ୍ପରା ମଧ୍ୟ ଦେଖିବାକୁ ମିଳିଥାଏ।



# ଶାମପୁର ଗ୍ରାମ ଦେବତୀ ମା' ବୁଢ଼ୀ ବାସୁଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଧାମନଗର,୧୫।୩(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧୀନସ୍ଥ ଶାମପୁର ଗ୍ରାମରେ ମା' ବୁଢ଼ୀ ବାସୁଳୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳ ୮ଟାରେ ଜୟନଗରସ୍ଥିତ ଯନ୍ତନଇ ଘାଟରୁ ପାଣି ଉଠାଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ବଜାର ଓ ଗ୍ରାମ ପରିକ୍ରମା କରି ନୂତନ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲେ। ପ୍ରସିଦ୍ଧ ବ୍ରାହ୍ମଣ ଝିଟିକା ମିଶ୍ର, କମଳାକାନ୍ତ ମିଶ୍ର ଓ ଗ୍ରାମର ପୂଜକ ଭାବେ ଖଗେଶ୍ୱର ତ୍ରିପାଠୀ, ଭାବଗ୍ରାହୀ ତ୍ରିପାଠୀ, ରାଜକିଶୋର ତ୍ରିପାଠୀ, ବିଶ୍ୱଜିତ୍ ତ୍ରିପାଠୀ ତାଙ୍କର ସହଯୋଗୀମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ହୋମଯଜ୍ଞ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। କର୍ତ୍ତା ଭାବେ ପ୍ରଦୀପ ଜେନା ଓ ତାଙ୍କ ପତ୍ନୀ ନିବେଦିତା ଜେନା ପ୍ରତିଷ୍ଠା କାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ମା' ବାସୁଳୀଙ୍କୁ ନୂତନ ମନ୍ଦିର ଭିତରକୁ ପ୍ରବେଶ ସହିତ ଅବସ୍ଥାପିତ କରାଯାଇଥିଲା। ଏଥିରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ବିଜେପି ନେତା ବୀରେନ୍ଦ୍ର ଜେନା, ନାରାୟଣ ମହାପାତ୍ର, ରମେଶ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ ଗ୍ରାମର ବହୁ ମହିଳା ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସାମ୍ବାଦିକ ଦୀନକୃଷ୍ଣ ମହାପାତ୍ର, ବିପିନ ମହାପାତ୍ର, ବ୍ୟୋମକେଶ ମହାପାତ୍ର ଓ ଅନ୍ୟ ଯୁବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିବାବେଳେ ଭକ୍ତମାନଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।



**ରୋଗର ମୁଖ୍ୟ କାରଣ ଖାଦ୍ୟରେ କୃତ୍ରିମ ରଙ୍ଗର ମିଶ୍ରଣ**

# ନିଦାବିଷ୍ଟୁ ପାଲଟିଛି ଖାଦ୍ୟ ନିରାପତ୍ତା ବିଭାଗ

ବନ୍ତ/ଆଗରପଡ଼ା,୧୫।୩(ସମିସ):

ମଣିଷର ମୌଳିକ ଆବଶ୍ୟକତା ହେଉଛି ଖାଦ୍ୟ, ବସ୍ତ୍ର ଓ ବାସଗୃହ। ବଞ୍ଚିବା ଲାଗି ଖାଦ୍ୟ ନିହାତି ଆବଶ୍ୟକ। କିନ୍ତୁ ଅପମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ମାନବ ସମାଜ ପାଇଁ ନୂଆ ନୂଆ ରୋଗ ସୃଷ୍ଟି ହେଉଛି। ଖାଦ୍ୟକୁ ଆକର୍ଷଣୀୟ କରିବା ପାଇଁ ଦୋକାନରେ ଖାଦ୍ୟରେ ରଙ୍ଗ ମିଶ୍ରଣ ହେଉଛି। ମେଳା ମହୋତ୍ସବ ହେଉ କିମ୍ବା ଦୋକାନ ବଜାର, ସବୁଠି ଦେଖିବାକୁ ମିଳୁଛି ଲାଲ୍ ରଙ୍ଗ ମିଶା ଖାଦ୍ୟ। ଏହି ରଙ୍ଗ ମିଶା ଖାଦ୍ୟ ସ୍ଲୋ ପଏଜନ ବୋଲି ଡାକ୍ତର କହୁଥିବାବେଳେ ଖାଦ୍ୟ ନିରାପତ୍ତା ବିଭାଗ ନିଦାବିଷ୍ଟୁ ପାଲଟିଛି।

ବନ୍ତ ବ୍ଲକ୍ ଅଧୀନରେ ଥିବା ସମସ୍ତ ଛୋଟ ବଡ଼ ଦୋକାନରେ ବହୁଳ ମାତ୍ରାରେ ବିକ୍ରି ହେଉଛି ରଙ୍ଗ ମିଶା ଖାଦ୍ୟ। ଫାଷ୍ଟଫୁଡ୍ ଦୋକାନରୁ ଆରମ୍ଭ କରି ମିଠା ଦୋକାନ ଏବଂ ହୋଟେଲରେ ପ୍ରଚୁର ମାତ୍ରାରେ ପ୍ରୟୋଗ ହେଉଛି ମାରାତ୍ମକ ରଙ୍ଗ। ବିବାହ, ବ୍ରତ ଭୋଜିରେ ମଧ୍ୟ ଏହି ରଙ୍ଗ ପ୍ରଚୁର ମାତ୍ରାରେ ବ୍ୟବହାର କରାଯାଇଛି। ଏହି ରଙ୍ଗମିଶା ଖାଦ୍ୟ ଯଦି ପୋଷାକରେ ପଡ଼େ ତେବେ ତାହା ଛାଡ଼ିବା କଷ୍ଟକର। ଏଣୁ ଏହାକୁ ଖାଇବା ଦ୍ୱାରା ପେଟରେ କି ଅବସ୍ଥା ହେଉଥିବ ତାହା ଅନୁମେୟ। ପୂର୍ବରୁ ଖାଦ୍ୟ ସାମଗ୍ରୀରେ ହଳଦୀ ବ୍ୟବହାର ହେଉଥିଲା, ଯାହା ଶରୀର ପାଇଁ ଉପାଦେୟ। ତେବେ ଖାଦ୍ୟକୁ ଆଖିଦୃଶିଆ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଏହି ରଙ୍ଗ ମିଶ୍ରଣ ହେଉଛି। ଚିକେନ୍ ପକୋଡ଼ା, ଚିଲି, ଆଳୁଦମ୍, ଘୁଗୁନି ଆଦିଠାରୁ ଆରମ୍ଭକରି ମାଛ, ମାଂସ ତରକାରୀ ଯାଏ ସବୁଥିରେ ପକାଯାଇଛି ଏହି ରଙ୍ଗ। ବିଭିନ୍ନ ଦୋକାନୀଙ୍କୁ ପଚାରିବାରୁ ସେମାନେ କୁହନ୍ତି, ଖାଦ୍ୟ ଲାଲ୍ ନ ଦେଖାଯିବାରୁ ଲୋକମାନେ କହୁଛନ୍ତି ଲାଲ୍ ବାହିଁକି ଦିଶୁନି। ତେଣୁ ଆମେ ଦେଉଛୁ। ତା'ପରେ ଏଇଟା ଖାଦ୍ୟ ରଙ୍ଗ, ଯାକୁ ଖାଇଲେ କିଛି ଅସୁବିଧା ନାହିଁ। କିନ୍ତୁ କିଛି ଡାକ୍ତରଙ୍କ କହିବା ଅନୁସାରେ, ଏହାକୁ ଖାଇବା ଦ୍ୱାରା ଦିନକୁ ଦିନ ପେଟରୋଗ ସମସ୍ୟା ବଢୁଛି। ଗ୍ୟାଷ୍ଟ୍ରିକ୍, ମାଲ୍‌ଗ୍ରେନ୍ (ମୁଣ୍ଡବିନ୍ଧା), କୋଷ୍ଠକାଠିନ୍ୟ ପତଳା ଝାଡ଼ା, ଫ୍ୟାଟି ଲିଭର, ବୃକକ୍ ସମସ୍ୟା, ପରିସ୍ରା ଇନ୍‌ଫେକ୍ସନ, ପିତ୍ତକୋଷ ପଥରୀ ସହ କର୍କଟ ଆଦି ରୋଗ ସୃଷ୍ଟି କରାଇପାରେ ଏହି ରଙ୍ଗ। ଏହି ରଙ୍ଗ ଏକ ସ୍ଲୋ ପଏଜନ। ତେଣୁ ଏହାକୁ ବ୍ୟବହାର ନ କରି ମଧ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିହେବ। ତେବେ ଖାଦ୍ୟ ନିରାପତ୍ତା ବିଭାଗ ଏଭଳି ଘଟଣା ସମ୍ପର୍କରେ ଅବଗତ ଥିଲେ ମଧ୍ୟ ନିଦାବିଷ୍ଟୁ ସାଜିଛନ୍ତି। ଯଦ୍ୱାରା ନିରିହ ଜନସାଧାରଣ ଲାଳସା ବା ଲୋଭରେ ଏହିଭଳି ଖାଦ୍ୟ ଗ୍ରହଣ କରି ବିପଦମୁହଁକୁ ଠେଲି ହୋଇ ଚାଲିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ଦୋକାନରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



## ଡିଜେ ଶବ୍ଦରେ ମରିଗଲେ କୁକୁଡ଼ା !

**ସୋର, ୧୫।୩ (ସମିସ):** ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଦିଗୀ ଭଁଅରା ଗ୍ରାମରେ ବାହାଘର ଶୋଭାଯାତ୍ରା ବେଳେ ଡିଜେ ଶବ୍ଦରେ ଲକ୍ଷାଧିକ ଟଙ୍କାର କୁକୁଡ଼ା ମରିଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଡୁଙ୍ଗାମ ଗ୍ରାମର ମନରଞ୍ଜନ ବେହେରା ଦିଗୀ ଭଁଅରା ଗ୍ରାମର ମାନସ ବାରିକଙ୍କ କୁକୁଡ଼ା ଫାର୍ମକୁ ଲିଜ ସୂତ୍ରରେ ନେଇ ସେଠାରେ ଦେଶୀ କୁକୁଡ଼ା ଚାଷ କରୁଥିଲେ। କିନ୍ତୁ ଗତ ୧୧ ତାରିଖ ରାତିରେ ଏକ ବାହାଘର ଶୋଭାଯାତ୍ରାରେ ଡିଜେ ସୁପରକିଙ୍ଗ ଉଚ୍ଚ ଆବାଜରେ ଶବ୍ଦ କରି ଯାଇଥିଲା। ଫଳରେ ଏହି ଶବ୍ଦ ପାଇଁ କୁକୁଡ଼ା ଫାର୍ମରେ ଥିବା ୩୫୨ ପିସ ଦେଶିକୁକୁଡ଼ାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ବାବଦରେ ମନରଞ୍ଜନ ଡିଜେ ମାଲିକଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ କୁକୁଡ଼ାର ମୂଲ୍ୟ ଏକ ଲକ୍ଷ ଚାଳିଶ ହଜାର ହେବ ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି।

## ଧର୍ମପରାୟଣ ମହୀଳାଙ୍କ ପରଲୋକ

**ସୋର,୧୫।୩ (ସମିସ):** ସୋର ବ୍ଲକ ଜୁଲୁଙ୍ଗିଆ ଗ୍ରାମର ପ୍ରଖ୍ୟାତ ଧର୍ମପ୍ରାଣ, ଜନ ଦରଦୀ ଅନୁଷ୍ଠାନ ପ୍ରେମୀ ମଣିଷ ଲମ୍ବୋଦର ପଣ୍ଡାଙ୍କ ସୁପୁତ୍ର ଶିକ୍ଷାବିତ ହରିହର ପଣ୍ଡାଙ୍କ



ସହଧର୍ମିଣୀ ଧର୍ମପରାୟଣା ମହିଳା ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ୭୭ ବର୍ଷ ବୟସରେ ଗତ ୧୨ ତାରିଖ ଦିନ ୧୨ ଟା ୩୧ ମିନିଟ ସମୟରେ ଦେହାନ୍ତ ଘଟିଛି। ଦୀର୍ଘଦିନ ଧରି ଶାରୀରିକ ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରସ୍ଥ ସର୍ବଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନରେ ସେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କର ୭୭ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପାଞ୍ଚ ଝିଅ ଦୁଇ ପୁଅ ଏବଂ ଜ୍ୱାଇଁ ମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଜୁଲୁଙ୍ଗିଆ, ରେଓଦା, ସିମୁଳିଆ, ସାଉଡ, କାଣ୍ଟଗଡିଆ, ଥାଳା, ବର୍ତ୍ତନା ସମେତ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହିନ୍ଦୁ ନବବର୍ଷ ପାଳନ ପ୍ରସ୍ତୁତି

**ବାଲେଶ୍ୱର,୧୫।୩ (ସମିସ):** ବାଲେଶ୍ୱର ସହରରେ ହିନ୍ଦୁ ନବ ବର୍ଷ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସ ଅର୍ଥାତ ମାର୍ଚ୍ଚ ୧୮ ତାରିଖ ସ୍ଥାନୀୟ ଫକୀର ମୋହନ ଗୋଲେଇଠାରେ ସନ୍ଧ୍ୟା ଆଳତି ସହ ଉତ୍ସବର ଶୁଭାରମ୍ଭ ହେବ। ପରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ୧୯ ତାରିଖ ସକାଳ ସହରର ଫକୀର ମୋହନ ଗୋଲେଇ ଠାରୁ ଷ୍ଟେସନ ଛକ ରାସ୍ତାର ଗୋଟିଏ ପାଶ୍ୱର୍ରେ ପଥ ଉତ୍ସବ ଆୟୋଜିତ ହେବ। ସକାଳ ୫ଟା ୩୦ରୁ ୯ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଅନୁନ୍ୟ ୨୯ ଟି ମଞ୍ଚରେ ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ବଳିତ ଦେବ ପାଠ, ଗୀତା ପାଠ ସଙ୍କୀର୍ତ୍ତନ, ଯଜ୍ଞାଦି କର୍ମ କାଣ୍ଡ, ପାରମ୍ପରିକ ନୃତ୍ୟ, ସଙ୍ଗୀତ, ଆ୍ରକ୍ଷା କୌଶଳ, ରଙ୍ଗୋଲି ପ୍ରଦର୍ଶିତ ହେବ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ସହିତ ସୌହର୍ଦ୍ଧ୍ୟପୂର୍ଣ୍ଣ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହେବ। ବାଲେଶ୍ୱରବାସୀ ବହୁ ସଂଖ୍ୟାରେ ହିନ୍ଦୁ ନବ ବର୍ଷ ପାଳନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ କମିଟିର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଉପସଭାପତି ମଧୁସୂଦନ ହୋତା, ଉପଦେଷ୍ଟା ସୁଧାକର ପାଢ଼ୀ, ସହ ସମ୍ପାଦକ ସଂଗ୍ରାମ କୁମାର ଜେନା ପ୍ରମୁଖ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ମହାପାତ୍ର, ଜଗବନ୍ଧୁ ପୁଷ୍ଟି, ସୂର୍ଯ୍ୟକାନ୍ତ ପଣ୍ଡା, ରଜନୀକାନ୍ତ ଶତପଥୀ, ଦୀପ୍ତିମୟୀ ମହାପାତ୍ର, ମନସ୍ୱିନୀ ପଣ୍ଡା, ଅବନ୍ତୀ ପଣ୍ଡା, ଅରୁଣ କୁମାର ମିଶ୍ର, ଅଜୟ କୁମାର ପରିଡ଼ା, ରମାକାନ୍ତ କର, ଅନନ୍ତ ଦାସ, ଅଶ୍ୱିନୀ ଦାସ, ଲକ୍ଷ୍ମୀ ନାରାୟଣ ପଣ୍ଡା, ରଞ୍ଜନ କେଶରୀ ପତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଚୋରା ମଦ ବିକ୍ରି ବନ୍ଦ କଲେ ମହିଳା

**ଦାନଗଦି,୧୫।୩(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଟମକା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବ୍ୟାପକ ଭାବେ ବୃଦ୍ଧି ପାଉଛି, ଥାନା ଅଂଚଳର ଟମକାଛକ, ଗୋବର୍ଦ୍ଧନପୁର, ଚିତ୍ରୀ, ତୁରା, ବାଙ୍ଗର କୋଟା, ଗୋଡ଼ବାହାଲି ଛକ, ନଛିପୁରା ଛକ ସମେତ ଅଧିକାଂଶ ଗ୍ରାମାଞ୍ଚଳରେ ଖୋଲାଖୋଲି ମଦ ବିକ୍ରି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ ନିଦା ବିଷୁ ସାଜିଥିବା ବେଳେ ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଶେଷରେ ଏହି ଚୋରା କାରବାରକୁ ବନ୍ଦ କରିବା ଲକ୍ଷ୍ୟରେ ଟମକା ଥାନା ଅନ୍ତର୍ଗତ କିଆରେ ଗ୍ରାମର ସଚେତନ ମହିଳାମାନେ ଏକାଠି ହୋଇଥିଲେ, ଦେଶୀମଦ ବିକ୍ରି କରୁଥିବା ଅର୍ଜୁନ ମହାଙ୍କ ଘରୁ ପାଣି ବୋତଲରେ ପ୍ରାୟ ୫୦ଲିଟର ମହୁଲି ଜବତ କରି ଗ୍ରାମର ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଥାନାର ଆଇଆଇସି ବିନୀତି ଦାସ ତୁରନ୍ତ ଥାନାର ଏଏସ୍‌ଆଇ ଅମିତା ପଣ୍ଡା ସମେତ କର୍ମଚାରୀମାନଙ୍କୁ ପଠାଇ ମହୁଲି ମଦକୁ ଜବତ କରିବାସହ ଅର୍ଜୁନଙ୍କୁ ଗିରଫ କରି ଥାନାରେ ଅଟକ ରଖିଛନ୍ତି। ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳୁଛି। ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଟମକା ଛକରେ ପ୍ରଶାସନ ଆଖିରେ ଧୂଳି ଦେଇ ଦେଶୀ ଓ ବିଦେଶୀ ମଦ କାରବାର ବର୍ଷ ବର୍ଷ ଧରି ଚାଲିଛି ହେଲେ ପ୍ରତିବାଦ କରିବାକୁ କାହାର ସାହସ ନାହିଁ। ଯୁବ ସମାଜ ନିଶାର କବଳରେ ପଡି ନିଜ ଜୀବନକୁ ବରବାଦ କରିବା ସହିତ ପରିବାରରେ ସବୁଦିନ ଅଶାନ୍ତି ଲାଗିରହୁଛି କିଆରେ ଗ୍ରାମର ସାହସୀ ମହିଳାଙ୍କ ପରି ସବୁ ଗ୍ରାମର ମହିଳା, ବୁଦ୍ଧିଜୀବୀ, ସଚେତନ ନାଗରିକ ମାନେ ଏବଂ ପ୍ରଶାସନିକ ଅଧିକାରୀ ମାନେ ମିଳିତ ଭାବେ ଏହାକୁ ପ୍ରତିବାଦ କଲେ ହୁଏତ ଏହା ନିୟନ୍ତ୍ରଣକୁ ଆସି ପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି।

## ରାଜପଥ ଉପରେ ପରିବା ବେପାର; ଅଟକୁଛି ଆମ୍ବୁଲାନ୍ସ

**ଦୋଳସାହି,୧୫।୩(ସମିସ):** ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ଉପରେ ପରିବା ବେପାର ଦୀର୍ଘବର୍ଷ ଧରି ହେଉଥିବାବେଳେ ଆମ୍ବୁଲାନ୍ସ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସ ଓ ପ୍ରଶାସନ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସାବରଙ୍ଗ ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତା ଜିତାନାଗା ଛକଠାରେ ପ୍ରତ୍ୟେକ ଦିନ ରାତି ୩ରୁ ସକାଳ ୫ଟା ପର୍ଯ୍ୟନ୍ତ ରାସ୍ତା ଉପରେ ବିଭିନ୍ନ ଧରଣର ପରିବା ଚାଷୀ ପରିବା ବିକ୍ରି କରିବା ପାଇଁ ପନିପରିବା ରଖୁଥିବା ନେଇ ରାଜପଥ ଜାମ୍ ହେବା ସହ ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଆମ୍ବୁଲାନ୍ସ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ୧୫ ବାଲି ବୋଝେଇ ଟ୍ରାକ୍ଟର ଜବତ; ୭ ଉପରେ ମାମଲା

**ଭଣ୍ଡାରିପୋଖରୀ,୧୫।୩(ସମିସ)**

ଭଣ୍ଡାରିପୋଖରୀ ଥାନା ଜଗନ୍ନାଥପ୍ରସାଦ ଗ୍ରାମବାସୀମାନେ ଗତ ୯ ତାରିଖରେ ଅଟକ ରଖିଥିବା ୧୫ରୁ ଅଧିକ ଚୋରା ବାଲି ପରିବହନକାରୀ ଟ୍ରାକ୍ଟର ମଧ୍ୟରୁ ୭ ଟ୍ରାକ୍ଟର ନାମରେ ମାମଲା ରୁଜୁ କରିଛି ଲଘୁଖଣିଜ ବିଭାଗ। ଜଗନ୍ନାଥ ପ୍ରସାଦ ଗ୍ରାମର ବୈତରଣୀ ନଦୀ ଶଯ୍ୟାରୁ ମାଫିଆମାନେ ଚୋରା ବାଲି ଉତ୍ତୋଳନ କରି ଆସୁଥିଲେ। ବାଲିମାଫିଆଙ୍କ ଧରମବନ୍ଧୁ ସାଜି ଭଲ ଦି ପଇସା ରୋଜଗାର କରୁଥିବା ଲଘୁଖଣିଜ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଚୋରା ବାଲି ଉତ୍ତୋଳନକୁ ପ୍ରୋତ୍ସାହିତ କରିଆସୁଥିବା ବହୁ ଅଭିଯୋଗ ଗ୍ରାମବାସୀମାନେ କରି ଆସୁଥିଲେ। ଏପରିକି ବହୁ ଅସାଧୁ ପୁଲିସ କର୍ମଚାରୀ ମାସିକିଆ ଓ ଦୈନିକ ବଟି ଆଦାୟ କରି ବାଲିମାଫିଆଙ୍କ ସୁରକ୍ଷାଦାତା ହୋଇଥିବା ଗ୍ରାମବାସୀମାନେ ମଧ୍ୟ ଅଭିଯୋଗ କରିଆସୁଥିଲେ। ଗତ ଫେବୃଆରୀ ମାସରେ ବାଲି ପରିବହନକାରୀ ଗାଡ଼ିକୁ ଜେସିବି ସହାୟତାରେ କାଟି ଦିଆଯାଇ କାର୍ଯ୍ୟାନୁଷ୍ଠାନର ଭେଳିକି ଦେଖାଯାଇଥିଲା। ପୁଲିସ ଓ ଲଘୁଖଣିଜ ବିଭାଗ ଉପରେ ଭରସା ତୁଟାଇ ଗ୍ରାମବାସୀମାନେ ନିଜଆଡୁ ବାଲି ମାଫିଆଙ୍କ ଟ୍ରାକ୍ଟରଗୁଡ଼ିକୁ ନଦୀବନ୍ଧ ଉପରେ ଅଟକାଇଥିଲେ।

- ସନ୍ଦେହରେ ଲଘୁଖଣିଜ ବିଭାଗର ଅଧିକାରୀ
- ମାସିକିଆ ବଟି ନେଇ ମାଫିଆଙ୍କ ସୁରକ୍ଷାଦାତା ସାଜିଛି ପୁଲିସ
- ନାବାଳକ ଚଳାଉଛନ୍ତି ବାଲି ଟ୍ରାକ୍ଟର !

ବାଧ୍ୟବାଧକତାରେ ଲଘୁଖଣିଜ ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୧୫ରୁ ଅଧିକ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଜଗନ୍ନାଥ ପ୍ରସାଦସ୍ଥିତ ନିଲାମ ଅବଧି ଥିବା ଓ ଟ୍ରାକ୍ଟର ନିକଟରେ ବୈଧ ଚାଲାଣ ରହିଛି ବୋଲି ଲଘୁଖଣିଜ ଅଧିକାରୀ ଘଟଣାସ୍ଥଳରେ ଉଭଟ ଯୁକ୍ତି କରିଥିଲେ। ଘଟଣା ନିୟନ୍ତ୍ରଣ ବାହାରକୁ ଯାଉଥିବା ଅନୁଭବ କରି ଟ୍ରାକ୍ଟରଗୁଡ଼ିକୁ ଜବତ କରାଯାଇ ଥାନା ଓ ଅନ୍ୟାନ୍ୟ ସ୍ଥାନରେ ରଖାଯାଇଥିଲା। ହେଲେ ବାଲି ମାଫିଆଙ୍କ ସହ ସଲାସୂତ୍ରକୁ ଏଡ଼ାଇ ନ ପାରି ବହୁ ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଲଘୁଖଣିଜ କନିଷ୍ଠ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ଅଟକ ଟ୍ରାକ୍ଟର ମଧ୍ୟରୁ ୭ ଟ୍ରାକ୍ଟର ଓ ସେଗୁଡ଼ିକର ଚାଳକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ଗତ ଶନିବାର ରାତିରେ ରୁଜୁ ହୋଇଛି। ମାତ୍ର ସମ୍ପୃକ୍ତ ଟ୍ରାକ୍ଟର ମାଲିକଙ୍କୁ ମାମଲାରୁ ବାଦ ଦିଆଯାଇଥିବା ନେଇ ଜଗନ୍ନାଥ ପ୍ରସାଦ ଗ୍ରାମବାସୀମାନେ ପ୍ରଶ୍ନ ଉଠାଇଛନ୍ତି। ଅଧିକାଂଶ ଚୋରା ବାଲି ପରିବହନକାରୀ ଟ୍ରାକ୍ଟରଗୁଡ଼ିକୁ ନାବାଳକ ଚାଳକମାନେ ଚଳାଉଥିବା ଜଣାଯାଇଛି। କୌଣସି ଟ୍ରାକ୍ଟରର ବୈଧ କାଗଜାତ ନ ଥିବାବେଳେ ପରିବହନ ବିଭାଗ ଏଥିପ୍ରତି ଆଖି ବୁଜିଦେଇଥିବା ଜଣାଯାଇଛି।

## ପୁଲିସ ଓ ଆର୍‌ଟିଓ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

**ଦୋବଲ,୧୫।୩(ସମିସ):** ଧାମନଗର କଲେଜ ନିକଟରେ ଧାମନଗର ପୁଲିସ ଓ ଭଦ୍ରକ ଆର୍‌ଟିଓଙ୍କ ମିଳିତ ଉଦ୍ୟମରେ ଜିରୋ ଟଲେରାନ୍ସ ଚେକିଂ ଅଭିଯାନ କଡ଼ାକଡ଼ି ଭାବେ କରାଯାଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ସଡ଼କ ସୁରକ୍ଷା ବୃଦ୍ଧି କରିବା ସହ ଯାନଚାଳକଙ୍କୁ ଟ୍ରାଫିକ୍ ନିୟମ ମାନିବାକୁ ସଚେତନ କରିବା ବୋଲି ଅଧିକାରୀମାନେ କହିଛନ୍ତି। ଚେକିଂ ସମୟରେ ମୋଟର ସାଇକଲ, କାର୍, ଟ୍ରକ୍, ଟ୍ରାକ୍ଟର ସହ ବିଭିନ୍ନ ଯାନବାହନର ହେଲ୍‌ମେଟ୍, ଡ୍ରାଇଭିଂ ଲାଇସେନ୍ସ, ଇନ୍‌ସୁରାନ୍ସ, ଫିଟ୍‌ନେସ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ୍ ୧୭ଟି ଚାଲାଣ କଟାଯାଇ ୯୩ ହଜାର ଟଙ୍କା ଜରିମାନା କରାଯାଇଥିଲା। ବିଶେଷକରି ଦୁଇଚକିଆ ଚାଳକମାନଙ୍କ ମଧ୍ୟରେ ହେଲ୍‌ମେଟ୍ ନ ପିନ୍ଧିବା ଓ ଯାନର ଇନ୍‌ସୁରାନ୍ସ-ଫିଟ୍‌ନେସ ନ ଥିବା ଘଟଣା ଅଧିକ ଦେଖାଯାଇଥିଲା। ଚେକିଂ ସମୟରେ ଅଧିକାରୀମାନେ ଯାନଚାଳକଙ୍କୁ କେବଳ ଜରିମାନା କାଟିବା ନୁହେଁ, ବରଂ ସଡ଼କ ସୁରକ୍ଷାର ଗୁରୁତ୍ୱ ବୁଝାଇ ସଚେତନ କରିଥିଲେ। ହେଲ୍‌ମେଟ୍ ପିନ୍ଧିବା, ଆବଶ୍ୟକ କାଗଜପତ୍ର ସହିତ ଚଳାଚଳ କରିବା ଓ ଟ୍ରାଫିକ୍ ନିୟମ ମାନିବା ଦୁର୍ଘଟଣା ରୋକିବାରେ ସହାୟକ ବୋଲି କୁହାଯାଇଥିଲା। ଅନ୍ୟପଟେ କିଛି ଯାନଚାଳକ ଧାମନଗର ଅଞ୍ଚଳର ରାସ୍ତା ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କ କହିବା ଅନୁସାରେ, ଅନେକ ସ୍ଥାନରେ ରାସ୍ତା ଭଙ୍ଗା ଓ ଗାଡ଼ ଥିବାରୁ ଦୁର୍ଘଟଣାର ଭୟ ରହୁଛି। ପ୍ରଥମେ ରାସ୍ତା ମରାମତି କରି ପରେ କଡ଼ା ଚେକିଂ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ। ଏହି ଚେକିଂରେ ଜୁନିୟର ଏମ୍‌ଭିଆଇ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ ଓ ଧାମନଗର ଥାନାର ଏଏସ୍‌ଆଇ ସୁଜିତ୍ ରାଉତ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଭୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଏଭଳି ସଚେତନତାମୂଳକ ଓ କଡ଼ା ଚେକିଂ ଆଗାମୀ ଦିନରେ ମଧ୍ୟ ଜାରି ରହିବ।



## ରାମନବମୀ ଉପଲକ୍ଷେ 'ରନ୍ ଫର୍ ରାମ' ଗଣଦୌଡ଼

**ଧାମନଗର,୧୫।୩(ସମିସ):** ପବିତ୍ର ରାମନବମୀ ଉପଲକ୍ଷେ ରବିବାର ସକାଳେ ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ 'ରନ୍ ଫର୍ ରାମ' ନାମରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧାମନଗର ଏନ୍‌ଏସି ଅଧୀନ ଜୟନଗର ଛକ ହନୁମାନ ମନ୍ଦିରଠାରୁ ଗଣଦୌଡ଼ ବାହାରି ସାନ ବଜାର, ବଡ଼ ବଜାର ପରିକ୍ରମା କରି ମେଡିକାଲ ବଜାରସ୍ଥିତ ମେଳଣ ପଡ଼ିଆ ଯଜ୍ଞସ୍ଥଳରେ ସମାପନ ହୋଇଥିଲା। ଏପରି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଧାର୍ମିକ ଭାବନା, ହିନ୍ଦୁ ଏକତା, ଧର୍ମର ପ୍ରଚାର ସହିତ ଶୃଙ୍ଖଳା ଓ ଦେଶଭକ୍ତିର ମନୋଭାବ ବୃଦ୍ଧି କରୁଛି। ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମଙ୍କ ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ଶ୍ରୀରାମ ମହାଯଜ୍ଞ ସମିତିର ଆବାହକ ସରୋଜ ମହାପାତ୍ର, ବରିଷ୍ଠ ବିଜେପି ନେତା, ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ତଥା ସଞ୍ଜୟ କୁମାର ସ୍ୱାଇଁ, କୈଳାଶ ଗୁପ୍ତା, ବିପିନ ପଣ୍ଡା, ମନୋରଞ୍ଜନ ମଲ୍ଲିକ, ଶ୍ରୀଧର ବେହେରା, ମହିଳା ନେତ୍ରୀ ମମତା ବେହେରା, ପୁଷ୍ପାଞ୍ଜଳି ବେହେରା, କାଉନ୍‌ସିଲର ସ୍ୱାଧୀନ ସମ୍ବିତ୍ ଦାଶ, ଉତମ ମହାନ୍ତି, ଓକିଲ ସଂଘର କର୍ମକର୍ତ୍ତା ଅଶୋକ ଦାସ, ରଞ୍ଜିତ ମହାନ୍ତି, ବିଜୟ ରାମଙ୍କ ସହ ବ୍ଲକ୍ ଓ ଏନ୍‌ଏସିରୁ ବହୁ ଶ୍ରୀରାମ ପ୍ରେମୀ ଏଥିରେ ସାମିଲ୍ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।




## କଲବଲ କରୁଛି ମାଇକ୍ରୋ ଫାଇନାନ୍ସ ଋଣ ବୋଝ

**କୟାଁଗୋଲା,୧୫।୩(ସମିସ):** ଦଶରଥପୁର ବ୍ଲକ ଅଞ୍ଚଳରେ ଘରୋଇ ମାଇକ୍ରୋଫାଇନାନ୍ସ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡ଼ିକର ଋଣ ବୋଝରେ ଅନେକ ଲୋକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାର ଏଜେଣ୍ଟମାନେ ଗାଁରୁ ଗାଁ ବୁଲି ମହିଳା ଏସ୍‌ଏଚ୍‌ଜି ଗୁଡ଼ିକୁ ଋଣ ଦେଉଛନ୍ତି। ସରଳ ନିରୀହ ମହିଳାମାନେ କିଛି ନ ବୁଝି ସହଜରେ ଋଣ ମିଳୁଥିବାରୁ ଖୁସିରେ ଟଙ୍କା ଉଠାଇ ନେଉଛନ୍ତି। ସେହି ଟଙ୍କାକୁ ଘରୋଇ କାର୍ଯ୍ୟରେ ଖର୍ଚ୍ଚ କରି ଦେଉଛନ୍ତି। ଉଚ୍ଚ ସୁଧ ହାର ଯୋଗୁଁ ପରବର୍ତ୍ତୀ ସମୟରେ ମହିଳାମାନେ ଋଣ ପରିଶୋଧ କରି ନପାରି ହଇରାଣ ହରକତ ହେଉଛନ୍ତି। ପରିଶୋଧ ପାଇଁ କମ୍ପାନୀ ଗୁଡ଼ିକ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏଜେଣ୍ଟମାନେ ଘର ଦୁଆରେ ବସି ରହୁଛନ୍ତି। ଋଣୀଙ୍କୁ ନାନା କଥା କହି ଅପମାନିତ କରୁଛନ୍ତି। କିଛି ଲୋକ ଋଣ ପରିଶୋଧ ପାଇଁ ପୁଣି ଋଣ କରୁଥିବା ଜଣାଯାଉଛି। ଆଉ କିଛି ଋଣ ପରିଶୋଧ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ପୁଣି କେହି କେହି ଘରର ସୁନା, ଜମି ସବୁ ଦେଇ ଋଣମୁକ୍ତ ହେଉଛନ୍ତି। ଦଶରଥପୁର ବ୍ଲକର ବିଭିନ୍ନ ଗାଁର କିଛି ପରିବାର ଏହି ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ଋଣ ନେଇ ପରିଶୋଧ କରି ନପାରି ଗାଁ ଛାଡ଼ି ଅନ୍ୟ ରାଜ୍ୟ ଚାଲି ଯାଇଛନ୍ତି। ଏଜେଣ୍ଟମାନେ ବିଭିନ୍ନ ପ୍ରକାର ମାଧ୍ୟମରେ ପ୍ରରୋଚିତ କରି ଗୋଷ୍ଠୀ ଋଣ ପ୍ରଦାନ କରୁଛନ୍ତି। ପରେ ଅସୁଲି ସମୟରେ ଏମାନେ ଏମିତି ସୁଧ ନେଉଛନ୍ତି ଯେ ଏହାର ସୁଧ ହାରରେ ଗରିବ ପରିବାରଗୁଡିକ ସର୍ବସ୍ୱାନ୍ତ ହୋଇଯାଉଛନ୍ତି। କେବଳ ଆଧାର କାର୍ଡ ଓ ବ୍ୟାଙ୍କପାସ୍ ବୁକ୍ ଯଥେଷ୍ଟ କହି ଏଜେଣ୍ଟମାନେ ଋଣ ଗ୍ରହିତାଙ୍କୁ ପ୍ରଲୋଭିତ କରୁଛନ୍ତି। ବ୍ୟାଙ୍କ୍‌କୁ ଯାଇ ହଇରାଣ ହେବା ଅପେକ୍ଷା ଦୁଆର ମୁହଁରେ ଟଙ୍କା ମିଳୁଥିବାରୁ ସେମାନେ ମଧ୍ୟ ସୁବିଧାଜନକ ବୋଲି ଭାବୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଏହି ଏଜେଣ୍ଟମାନେ ସପ୍ତାହ ଓ ପାକ୍ଷିକ ହିସାବରେ ମୂଳସୁଧ ଅସୁଲ କରୁଛନ୍ତି। ଯେଉଁମାନେ ସାମାନ୍ୟ ସମୟ ଖିଲାପ କଲେ ମଧ୍ୟ ସେମାନଙ୍କ ଘର ମୁହଁରେ ଜଗି ବସୁଛନ୍ତି। ମାତ୍ର ଏହି ଲଗାଣକାରୀ ସଂସ୍ଥାର ଏଜେଣ୍ଟମାନେ କୌଣସି କଥାକୁ ବିଚାର ନକରି ମହିଳାମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଏଭଳି ସଂସ୍ଥାର କାର୍ଯ୍ୟକଳାପରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ସ୍ୱାମୀକୁ ଆକ୍ରମଣ କରି ସ୍ତ୍ରୀକୁ ଅପହରଣ

**ଜଳେଶ୍ୱର, ୧୫।୩ (ସମିସ) :** ରବିବାର ରାତି ୮.୩୦ ବେଳେ ବେଣାପୁରା ଗାଁର ଗୌରାଙ୍ଗ ନାଥ(୪୪) ନିଜ ସ୍ତ୍ରୀକୁ ବାଇକ୍‌ରେ ବସାଇ ଜାତୀୟ ରାଜପଥ ୬୦ର ଚାଲନ୍ତି ବାଇପାସ୍ ନିକଟରେ ଯାଉଥିବା ବେଳେ ଏକ କାର୍‌ରେ ୪ଜଣ ବ୍ୟକ୍ତି ସାମ୍ନାପଟୁ ଅଟକାଇଥିଲେ। ସେମାନେ ପ୍ରଥମେ ଗୌରାଙ୍ଗଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହିତ ତାଙ୍କ ସ୍ତ୍ରୀକୁ ଜୋର ଜବରଦସ୍ତ ଟେକିନେଇ ଅପହରଣ କରିଥିବା ଜଣାଯାଇଛି। ଭୁଜାଲି ଆକ୍ରମଣରେ ବାମହାତ ଅଙ୍ଗୁଳି କଟିଯିବା ସହିତ ମୁଣ୍ଡରେ ମଧ୍ୟ ଅଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିକେ ଭଟର ହସ୍‌ପିଟାଲରେ ଚିକିତ୍ସିତ କରାଯାଇଥିବା ବେଳେ ଗୌରାଙ୍ଗଙ୍କ ସ୍ତ୍ରୀର ଅଦ୍ୟାବଧି କୌଣସି ପତ୍ତା ନ ମିଳିବାରୁ ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଛି। ଥେଙ୍ଗିଡିଆ ଗାଁର ପ୍ରତାପ ଗିରି ଓ ତାର ସହଯୋଗୀ ଏପରି କାଣ୍ଡ ଭିଆଇଥିବା ଏତଲାରେ ଦର୍ଶାଯାଇଛି।

## ନ୍ୟାୟ ଅପେକ୍ଷାରେ ସୁଭଦ୍ରା ପରିବାର

**ବନ୍ତ/ଆଗରପଡ଼ା,୧୫।୩(ସମିସ):** ଇତିମଧ୍ୟରେ ମାସାଧିକ କାଳ ଅତିକ୍ରମ କରିଥିଲେ ସୁଦ୍ଧା ସୁଭଦ୍ରାଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଓ ଦିଅରଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ସୁଭଦ୍ରାଙ୍କ ପରିବାର ନ୍ୟାୟ ପାଇବା ପାଇଁ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ କୌଣସି ସୁଫଳ ମିଳିନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ପଞ୍ଚାୟତ ଓଲଡାଙ୍ଗ ଗ୍ରାମର ସୁଦର୍ଶନ ପଣ୍ଡାଙ୍କ ପୁଅ ଜ୍ୟୋତିରଞ୍ଜନ ବୈଦିକ ରୀତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ବାଲୋଶାସନ ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା ସୁଭଦ୍ରା(୨୧)ଙ୍କୁ ବିବାହ କରିଥିଲେ। ଦାବି ମୁତାବକ ଆବଶ୍ୟକୀୟ ଯୌତୁକ କନ୍ୟାଘର ପକ୍ଷ ପ୍ରଦାନ କରିଥିଲେ। ବିବାହର କିଛିମାସ ପରେ ଆହୁରି ଅଧିକ ଲକ୍ଷେ ଟଙ୍କା ଆଣିବାକୁ ଦାବି କରି ଶଶୁର ଘର ଲୋକେ ତାଙ୍କୁ ଶାରୀରିକ ତଥା ମାନସିକ ଯନ୍ତ୍ରଣା ଦେଉଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ନିର୍ଯାତନାକୁ ସହ୍ୟ କରି ନ ପାରି ସୁଭଦ୍ରା ବାପଘରକୁ ପଳାଇ ଆସୁଥିଲେ ଓ ପରେ ବୁଝାସୁଝା କରି ତାଙ୍କ ସମ୍ପର୍କୀୟମାନେ ଶଶୁର ଘରେ ଛାଡ଼ି ଆସୁଥିଲେ। ସୁଭଦ୍ରା ଆତ୍ମହତ୍ୟା କରିଛନ୍ତି ବୋଲି ଖବର ପାଇ ବାପଘର ଲୋକେ ଆସି ଆଗରପଡ଼ା ମେଡିକାଲରେ ପହଞ୍ଚିଥିଲେ। ସୁଭଦ୍ରାଙ୍କ ମୃତଦେହ ମେଡିକାଲରେ ପଡ଼ିଥିବାବେଳେ ତାଙ୍କ ଶଶୁର ଘର ଲୋକେ କେହି ପାଖରେ ନ ଥିବାର ଦେଖିବାକୁ ପାଇଥିଲେ। ଝିଅକୁ ମାରିଦିଆଯାଇଛି ବୋଲି ଅଭିଯୋଗ କରି ତାଙ୍କ ମାଆ ତିଳୋତ୍ତମା ଥାନାରେ ଏତଲା ଦେଇଥିଲେ। ଥାନା କେସ୍ ନଂ ୨୩/୨୬ରେ ମାମଲା ରୁଜୁ କରି ପୁଲିସ ଶାଶୂ ନୟନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ଅନ୍ୟ ଅଭିଯୁକ୍ତ ସ୍ୱାମୀ ଜ୍ୟୋତିରଞ୍ଜନ, ଦିଅର ତପନ, ଶଶୁର ସୁଦର୍ଶନଙ୍କୁ ଆଜି ଯାଏ ପୁଲିସ ଗିରଫ କରିପାରିନାହିଁ। ମୃତ୍ୟୁ ବେଳକୁ ସୁଭଦ୍ରା ମଧ୍ୟ ୩ ମାସର ଗର୍ଭବତୀ ଥିଲେ।

● ପ୍ରଥମ ରାଜ୍ୟସ୍ତରୀୟ ସିନିଅର ସ୍ପ୍ରିଣ୍ଟିଂ ଆଥ୍‌ଲେଟିକ୍ ମିଟ୍

## ଭଦ୍ରକ ଜିଲ୍ଲାରୁ ଜ୍ୟୋତି ରଞ୍ଜନଙ୍କୁ ରୌପ୍ୟ

**ଭଦ୍ରକ,୧୫।୩(ସମିସ):** କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ପ୍ରଥମ ରାଜ୍ୟସ୍ତରୀୟ ସ୍ପ୍ରିଣ୍ଟିଂ ସିନିଅର୍ ଆଥ୍‌ଲେଟିକ୍ ମିଟ୍ ପ୍ରତିଯୋଗିତା ଗତ ଶନିବାରଠାରୁ ଆରମ୍ଭ ହୋଇ ରବିବାର ସମାପ୍ତ ହୋଇଛି। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲା ତା'ର ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ପୁରୁଷ ଦଳରେ ଭଦ୍ରକ ଜିଲ୍ଲାର ଜ୍ୟୋତି ରଞ୍ଜନ ବଳ ୪୦୦ ମିଟର ହର୍ଡଲ୍‌ସ ଇଭେଣ୍ଟରେ ରୌପ୍ୟ ହାସଲ କରିଛନ୍ତି। ସେ ଅଧୁନା ସରକାରୀ ଶାରୀରିକ ଶିକ୍ଷା ବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ଜଗନ୍ନାଥପୁରସ୍ଥିତ ଉଦ୍ରକ ଆଥ୍‌ଲେଟିକ୍ ଏକାଡେମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ସେ ଏହା ପୂର୍ବରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଜ୍ୟୋତି ରଞ୍ଜନ ବଳ ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱରରେ ସିନ୍ଥେଟିକ୍ ଟ୍ରାକ୍‌ରେ ନିଜର ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କ ପିତାଙ୍କ ନାମ ରତିକାନ୍ତ ବଳ ଓ ମାତାଙ୍କ ନାମ ସସ୍ମିତା ବଳ ଏବଂ ଘର ଚାନ୍ଦବାଲିସ୍ଥିତ କରଣପଲ୍ଲୀ ଗ୍ରାମରେ। ଜ୍ୟୋତିଙ୍କୁ ଏହି ସଫଳତା ମିଳିଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ୍‌ର ସମ୍ପାଦକ ଧିରେନ୍ ପଲାଇ, କ୍ରୀଡ଼ା ଶିକ୍ଷକ ମନୋଜ ସାହୁ, ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇଛନ୍ତି।



# ନଈନାଳ ଶୁଖିଲା; ପାଣି ପାଇଁ ଉହଲବିକଳ

**ଅସୁରାଳି,୧୫।୩(ସମିସ)**

ଚଳିତ ଗ୍ରୀଷ୍ମ ଋତୁରେ ଖରା ତାତି ସୀମା ଟପିଛି। ଧାମନଗର ବ୍ଲକ୍ ଅଞ୍ଚଳରେ ଲୋକେ ପାଣି ପାଇଁ ଉହଲବିକଳ ହେଉଛନ୍ତି। ପୂର୍ବ ପ୍ରସ୍ତୁତି ନ ଥାଇ ଭଦ୍ରକ ଆରଡ଼ି ମୁଖ୍ୟ ରାସ୍ତା ନିର୍ମାଣ ଆଳରେ ଭଦ୍ରକଠାରୁ ଆରଡ଼ି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ହଜାର ହଜାର ସଂଖ୍ୟାରେ ବହୁ ମୂଲ୍ୟବାନ ବିଶାଳ ବୃକ୍ଷ କାଟି ଦିଆଯାଇଛି। ବର୍ତ୍ତମାନ ସମସ୍ୟା ଆହୁରି ଅଧିକ ଜଟିଳ ହୋଇ ପଡ଼ିଛି। ଗାଡ଼ି ମୋଟରରେ ଯାଉଥିବା ଲୋକେ ପ୍ରଖର ରୌଦ୍ର ତାପରେ ଛାଇ ଟିକେ ନ ପାଇ ଯନ୍ତ୍ରଣାରେ



ଛଟପଟ ହେଉଛନ୍ତି। ବ୍ଲକର ଅଧିକାଂଶ ଗଡ଼ିଆ, ପୋଖରୀ, ତୁଆ ବ୍ୟତୀତ ଅଞ୍ଚଳ ଦେଇ ପ୍ରବାହିତ ରେବ, କପାଳି, ଗେଙ୍ଗୁଟି ଆଦି ନଦୀ ଶୁଖିଲା ପଡ଼ିଛି। ସକାଳ ୮ଟା ବାଜିବା ପରେ ଘରୁ ପଦାକୁ ବାହାରିବା ସମ୍ଭବ ହେଉନି। ଠିକ୍ ଏହି ସମୟରେ ସରକାରଙ୍କ ତରଫରୁ ଘୋଷିତ ଜଳଛତ୍ର କାର୍ଯ୍ୟକ୍ରମ ସମୁଦାୟ ବ୍ଲକ୍‌ରୁ ଉଭାନ ହୋଇଯାଇଛି। କେଉଁଠି ବି ଟିକିଏ ପିଇବା ପାଣି ମିଳୁନାହିଁ। ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଫଳରେ ଅଧିକାଂଶ ନଳକୂଅରୁ ଜଳ ବାହାରୁନାହିଁ। କେବଳ ମଣିଷ ନୁହନ୍ତି, ବରଂ ଗୃହପାଳିତ ପଶୁଠାରୁ ଅନ୍ୟାନ୍ୟ ପଶୁପକ୍ଷୀ ମଧ୍ୟ ଉହଲବିକଳ ହେଉଥିବା ଦେଖିବାକୁ ମିଳୁଛି। ଧାମନଗରର ୩୧ଟି ଗ୍ରାମ ପଞ୍ଚାୟତରେ ଅଦ୍ୟାବଧି ଜଳଛତ୍ର ନାହିଁ କି ପଶୁପକ୍ଷୀମାନଙ୍କ ତୃଷ୍ଣା ନିବାରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଗ୍ରୀଷ୍ମର ପ୍ରଖରତା ସହିତ ଜଳାଶୟ ଶୁଷ୍କ ପଡ଼ିବା ଦୃଷ୍ଟିରୁ ଜଳସେଚନ ବିଭାଗ କେନାଲରେ ଜଳ ଛାଡ଼ିବାକୁ ଦାବି ହେଉଛି। ଏହାଦ୍ୱାରା ପଶୁପକ୍ଷୀମାନେ ଜଳକଷ୍ଟରୁ ନିସ୍ତାର ପାଇପାରନ୍ତେ। ସେହିଭଳି ଅସହ୍ୟ ଗରମ ଯୋଗୁଁ ବିଦ୍ୟୁତ୍ କାଟ୍ ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏହିସବୁ ସମସ୍ୟାକୁ ବିଚାରକୁ ନେଇ ସାଧାରଣରେ ପଥଚାରୀମାନଙ୍କ ପାଇଁ ଜଳଛତ୍ର ଖୋଲିବା, କେନାଲ ଜଳ ଯୋଗାଇ ପଶୁପକ୍ଷୀଙ୍କ ଜୀବନ ବଞ୍ଚାଇ ଓ ପର୍ଯ୍ୟାପ୍ତ ବୃକ୍ଷରୋପଣର ବ୍ୟବସ୍ଥା କରିବା ପାଇଁ ଧାମନଗର ଜନସାଧାରଣ ଦାବି ରଖୁଛନ୍ତି।

## ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ସଭା

**ବନ୍ତ/ଆଗରପଡ଼ା,୧୫।୩(ସମିସ):** ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତ ଅଳାଉତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୯ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉକ୍ତ ସମୟର ଶିକ୍ଷକ ମଧୁସୂଦନ ଘଡ଼ାଇ, ସୁଦର୍ଶନ ବିଶ୍ୱାଳ, ଅନନ୍ତ ଘଡ଼ାଇ, ରମେଶ ରାଉତ, ରଘୁନାଥ ପଣ୍ଡା, କ୍ଷେତ୍ରବାସୀ ରଥ, କେଦାରେଶ୍ୱର ମହାନ୍ତି, ଲକ୍ଷ୍ମୀଧର ସାହୁ, ଶତ୍ରୁଘ୍ନ ଜେନାଙ୍କୁ ବାଜା ବାଣ ଫୁଟାଇ ଏକ ବିରାଟ ପଟୁଆରରେ ସ୍ୱାଗତ ସହିତ ବିଦ୍ୟାଳୟକୁ ପାଛୋଟି ଆଣିଥିଲେ ପୁରାତନ ବିଦ୍ୟାର୍ଥୀ। ପରେ ଏକ ସଭା ଆୟୋଜିତ ହୋଇଥିଲା। ସେ ସମୟର ଶିକ୍ଷକ ଓ ପୁରାତନ ବିଦ୍ୟାର୍ଥୀ ନିଜ ଜୀବନର ସ୍ମୃତି ବଖାଣିଥିଲେ। ଶିକ୍ଷକଙ୍କୁ ଗୁରୁ ପୂଜନ କାର୍ଯ୍ୟକ୍ରମ ପରେ ମାନପତ୍ର ଓ ଉପଢ଼ୌକନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ପୁରାତନ ବିଦ୍ୟାର୍ଥୀ। ଏହି ଅବସରରେ ପୁରାତନ ବିଦ୍ୟାର୍ଥୀ ଏକତ୍ରିତ ହୋଇଥିଲେ। ପୁରାତନ ବିଦ୍ୟାର୍ଥୀ ଅକ୍ଷୟ ସାହୁ, ଗିରିଧାରୀ ସାହୁ, ଶିବ ସେଠୀ, ତରିଣୀସେନ୍ ସୂତାର, ଉଦୟନାଥ ବେଜ, ଜ୍ୟୋତ୍ସ୍ନା ଭୂୟାଁ, ବିକାଶ ମଲ୍ଲିକ, ମହେନ୍ଦ୍ର ସାହୁ, ମନୋଜ ଭୂୟାଁ, ମମତା ଭୂୟାଁ, ଜୟନ୍ତୀ ରାଉତ୍, ସବିତା ଦାସ, ଅଲେଖ ଘଡ଼ାଇ, କାଳନ୍ଦୀ ପଲାଇଙ୍କ ସମେତ ଉପସ୍ଥିତ ସମସ୍ତ ପୁରାତନ ବିଦ୍ୟାର୍ଥୀ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

● ଦୁଇମାସ ହେଲା ପାଉଣା ପାଉନାହାଁନ୍ତି ସ୍ୱର୍ଗଦ୍ୱାର ରକ୍ଷକ

# ପାଞ୍ଚଘଣ୍ଟା ବିଳମ୍ବରେ ହେଲା ଶବ ସତ୍କାର

**ସୋର,୧୫।୩ (ସମିସ):** ସୋର ପୌରାଞ୍ଚଳ ସ୍ୱର୍ଗଦ୍ୱାର ରକ୍ଷକଙ୍କ ପାହୁଣା ଦୁଇମାସ ଧରି ମିଳୁ ନ ଥିବାରୁ ଆଜି ୫ ଘଣ୍ଟା ବିଳମ୍ବରେ ଶବ ସତ୍କାର ହୋଇଛି। ଆଜି ସୋର ବ୍ଲକ କେଦାରପୁର ଗ୍ରାମର ସୀତାକାନ୍ତ ଜେନାଙ୍କ ପରଲୋକ ହୋଇଯିବା ପରେ ସକାଳ ୬ଟାରୁ ତାଙ୍କର ଶବକୁ ପରିବାର ଲୋକେ ସୋର ସ୍ୱର୍ଗଦ୍ୱାରକୁ ସତ୍କାର ପାଇଁ ଆଣିଥିବା ବେଳେ ସ୍ୱର୍ଗଦ୍ୱାରର ଦାୟିତ୍ୱରେ ଥିବା ମୁନା ମହାରଣାଙ୍କୁ ଖବର ଦେଲେ ବି ତାଙ୍କୁ ଦରମା ମିଳୁ ନଥିବାରୁ ସେ ଆସି ନ ଥିଲେ। ତାଙ୍କର ଅଭିଯୋଗ ଅନୁସାରେ ଶ୍ରୀ ମହାରଣାଙ୍କୁ ଗତ ମସିହାରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇ ସଫେଇ ଠିକା ସଂସ୍ଥାଠାରୁ ମାସିକ ଦରମା ପାଇ ସୁଚାରୁରୂପେ କାର୍ଯ୍ୟ ସଂପାଦନା କରିଆସୁଥିଲେ। ମାତ୍ର ଗତ ବର୍ଷେ ହେଲା ଶାରଳା ଏଜେନ୍ସି ସୋର ପୌରାଞ୍ଚଳ ସଫେଇ ଠିକା ନେବା ପରେ ଠିକ୍ ଭାବେ ପାଉଣା ଦେଉନଥିବା ବେଳେ ଗତ ଦୁଇମାସ ହେଲା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଆଜି ସୀତାକାନ୍ତଙ୍କ ପରିବାର ଲୋକେ ଶବ ରଖି ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ଗେଟ୍ ଖୋଲି ନ ଥିଲା। ସମାଜସେବୀ ଶ୍ରୀଧର ମହାପାତ୍ର ଏବଂ ପୌର କର୍ମଚାରୀ ସେଠାରେ ପହଞ୍ଚି ସ୍ୱର୍ଗଦ୍ୱାର ରକ୍ଷକ ମୁନାକୁ ବୁଝାସୁଝା କରି ଦୀର୍ଘ ୫ ଘଣ୍ଟା ପରେ ସତ୍କାର କରାଯାଇଥିଲା। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଠିକା ସଂସ୍ଥା ତରଫରୁ ନିଯୁକ୍ତି ପାଇଥିବା ମୁନା ମହାରଣା ପୌର କର୍ମଚାରୀ ନୁହଁନ୍ତି। ଠିକା ସଂସ୍ଥା ତରଫରୁ ନିଯୁକ୍ତି ପାଇଥିବାରୁ କ'ଣ ଦରମା ପାଇଲେ ନ ପାଇଲେ ଜଣାନାହିଁ। ତେବେ ଆଜିର ଉପୁଜିଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଏଭଳି ଅସୁବିଧା ନ ହେବା ପାଇଁ ଜଣେ ଆଜିଠାରୁ ପୌର କର୍ମଚାରୀଙ୍କୁ ସ୍ୱର୍ଗଦ୍ୱାର ଦାୟିତ୍ୱ ଦିଆଯାଇଛି।

ଜିଲ୍ଲା ଜଜ୍ କୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୧ ହଜାର ୮୮୨ଟି ମାମଲାର ହେଲା ଫଇସଲା

**ବାଲେଶ୍ୱର,୧୫।୩ (ସମିସ)**



ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର ଓ ତାଲୁକ ଆଇନସେବା ସମିତି ସୋର, ଜଳେଶ୍ୱର, ନୀଳଗିରି, ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ବାଲେଶ୍ୱର ଜିଲ୍ଲା ଏବଂ ଦୌରାଜଜଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ମୋଟ ୧୧ ହଜାର ୮୮୨ ଟି (ଦେଓ୍ୱାନୀ- ୫୦୬, ରାଜସ୍ୱ- ୧୦୮୬୫, ମୋଟର ଯାନ ଦୁର୍ଘଟଣା ଜନିତ ମାମଲା- ୭୭, ବୈବାହିକ ବିବାଦ ମୋକଦ୍ଦମା-୨୮, କ୍ରିମିନାଲ ଜମ୍ପାଉଣ୍ଡେବଲ-୦୬, ମନି ରିକଭରି-୦୮, ଚେକ୍ ବାଉନ୍ସ-୧୧୯, ଅନ୍ୟାନ୍ୟ ଫୌଜଦାରୀ - ୨୭୩, ପ୍ରାକ୍ ମୋକଦ୍ଦମା ଜନିତ ମାମଲା- ୩୮୧) ମାମଲାର ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୮ କୋଟି ୩୬ ଲକ୍ଷ ୪୬ ହଜାର ଟଙ୍କା, ଚେକ୍ ବାଉନ୍ସ ମାମଲା ବାବଦକୁ ୧ କୋଟି ୪୨ ଲକ୍ଷ ୩ ହଜାର ୮ ଶହ ୬୬ ଟଙ୍କା, ରାଜସ୍ୱ ମାମଲା ବାବଦକୁ ୪ ଲକ୍ଷ ୫୪ ହଜାର ୩ ଶହ ୫ ଟଙ୍କା, ମନି ରିକଭରି ମାମଲା ବାବଦକୁ ୧୦ ଲକ୍ଷ ୧୦ ହଜାର ୩ ଶହ ୪୪ ଟଙ୍କା ଏବଂ ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୧ କୋଟି ୦୯ ଲକ୍ଷ ୪୩ ହଜାର ୨୯୫ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱର ସତ୍ୟ ନାରାୟଣ ମିଶ୍ର ଏକ ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ ସମୟରେ ଏକ ଦୃଷ୍ଟାନ୍ତମୂଳକ ଆଦେଶ ପ୍ରଦାନ କରିଥିଲେ। ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଭାବରେ ଆହତ ହେବା ପରେ ଏକ ଏମ.ଏ.ସିଟି କେସ୍ ପଞ୍ଜୀକୃତ ହୋଇ ବିଚାରାଧୀନ ଥିଲା। ଦୁର୍ଘଟଣା ଘଟାଇବା ସମୟରେ ଗାଡିର ବୀମା ଅବଧି ନଥିବାରୁ ଜିଲ୍ଲା ଏବଂ ଦୌରାଜଜ୍ ଗାଡିର ମାଲିକଙ୍କୁ ୧,୭୫,୦୦୦/- (ଏକ ଲକ୍ଷ ପଚସ୍ତରୀ ହଜାର ଟଙ୍କା) ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ କରିଥିଲେ ଏବଂ ଗାଡି ମାଲିକ ମଧ୍ୟ ଆଦେଶ ହୋଇଥିବା ଅର୍ଥରାଶି ନଗଦ ଆକାରରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ଗାଡି ଚଳାଚଳ କରିବା ସମୟରେ ଏହାର ଆବଶ୍ୟକୀୟ ଜରୁରୀ କାଗଜପତ୍ର ଯଥା ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ, ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍, ପଲ୍ୟୁସନ୍ ସାର୍ଟିଫିକେଟ୍, ଫିଟ୍ ନେସ୍ ସାର୍ଟିଫିକେଟ୍, ରୋଡ୍ ପରମିଟ୍, ରୋଡ୍ ଟାକ୍ସ ରିସିପ୍ଟ ଇତ୍ୟାଦି ଚାଳକ ମାନେ ନିଜ ପାଖରେ ରଖିବା ପାଇଁ ସଚେତନ ହେବାର ଆବଶ୍ୟକତା ରହିଛି। ଏହି ଲୋକ ଅଦାଲତକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିଥିଲେ।

# ସୁନେଲି ବାର୍ତ୍ତାର ବାର୍ଷିକ ଉତ୍ସବ



**କାଳିପଦା, ୧୫।୩ (ସମିସ):** ସାହିତ୍ୟରେ ଲୋକକଳା ଓ ଲୋକ ସଂସ୍କୃତି ଚିର କାଳ ଚିର ସୁନ୍ଦର। ପ୍ରେମ ଓ ପ୍ରୀତିରେ ହୁଏ ଅପୂର୍ବ ବ୍ୟଞ୍ଜନା। ଭାବ ଓ ଭାବନାରେ ହୁଏ ଯଥାର୍ଥ ଉତ୍ତରଣ। ସେଥିପାଇଁ ଜୀବନ ପାଇଁ ତ ସାହିତ୍ୟ ବୋଲି ବାଲିଆପାଳ ବ୍ଲକ କାଳିପଦା ବଜାର ନିକଟ ମାଣିକ ସିମୁଳିଆ ରବୀନ୍ଦ୍ର ଦତ୍ତଙ୍କ ବାସ ଭବନ ପରିସରରେ ରବିବାର ଅନୁଷ୍ଠିତ ସୁନେଲି ବାର୍ତ୍ତାର ବାର୍ଷିକ ଉତ୍ସବ ଓ ମାତୃଦେବୀଙ୍କ ଶ୍ରାଦ୍ଧ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ନବ କୁମାର ପଣ୍ଡା ମୁଖ୍ୟଅତିଥି, ବାଲିଆପାଳ ଇତିହାସ ଲେଖକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ସେବା ନିବୃତ୍ତ ଅଧିକାରୀ ମିହିର କୁମାର ଦତ୍ତ, ସଂସ୍କୃତ ଅଧ୍ୟାପକ ନିରଞ୍ଜନ ବେହେରା, ସନ୍ତୋଷ କୁମାର ଓଝା, ରାଧାଶ୍ୟାମ ମହାନ୍ତି, ଦିବାକର ସିଂ ପ୍ରମୁଖ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କବି ନଳିନୀକାନ୍ତ ପାଢ଼ୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁନେଲି ବାର୍ତ୍ତାର ସ୍ରଷ୍ଟା ମୁଖ୍ୟ ରବୀନ୍ଦ୍ର ନାଥ ଦତ୍ତ ବିବରଣୀ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବି ଶବ୍ଦ ସାଗର ଦିବାକର ସିଂଙ୍କ ଗଳ୍ପ ପୁସ୍ତକ ଅରଣ୍ୟକନ୍ୟା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। କବୟିତ୍ରୀ ସବିତା ଦାସ, ବିଷ୍ଣୁ ପ୍ରିୟା ମହାପାତ୍ର, ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଗିରିଧାରୀ ଭୂୟାଁ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ସ୍ୱ ରଚିତ କବିତା ପାଠ କରିଥିଲେ।ଅନିରୁଦ୍ଧ ପାତ୍ର, ବରେନ୍ଦ୍ର ଜେନା, ସୂର୍ଯ୍ୟକାନ୍ତ ଦାସ,ଭାରତ ସାମଲ, ମହେଶ୍ୱର ଜେନା, ରାମ କୃଷ୍ଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ନାବାଳିକାର ଝୁଲନ୍ତା ମୃତଦେହ ଉଦ୍ଧାର

**ଭୋଗରାଇ,୧୫।୩(ସମିସ):** ଭୋଗରାଇ ବ୍ଲକରସିଦପୁରଗ୍ରାମରରସିଦପୁରଗ୍ରାମର ଖଗେନ୍ଦ୍ର ସାହୁଙ୍କ ଝିଅ ସବିତା ସାହୁ(୧୬) ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଶନିବାର ରାତିରେ ପରିବାର ଲୋକେ ଖାଇ ସାରି ଶୋଇଯାଇଥିଲା ବେଳେ ସକାଳେ ଝିଅ ସବିତା ଘର ଆଗ ଆମ୍ବ ଗଛରେ ପ୍ଲାଷ୍ଟିକ ରସିରେ ଝୁଲୁଥିବା ବାପା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାକୁ ଉଦ୍ଧାର କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଭୋଗରାଇ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ଶୌଚାଳୟ, ଛାତ୍ରଛାତ୍ରୀ ହନ୍ତସନ୍ତ

**ଜଳେଶ୍ୱର ବ୍ଲକ, ୧୫।୩ (ସମିସ):** ୨୬ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବା ନାମ୍ପୋର ସର୍ବପୁରାତନ ପାଣିଗ୍ରାହୀ - ୨ ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ନ ଥିବାରୁ ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି ବୋଲି ସ୍ଥାନୀୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ଧରି ଗଡପଦା ଉପ୍ରା ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ସୀତାକାନ୍ତ ଜେନାଙ୍କ ପ୍ରଚେଷ୍ଟା ଯୋଗୁଁ ନାମ୍ପୋର ସର୍ବପୁରାତନ ପାଣିଗ୍ରାହୀ-୨ ଅଙ୍ଗନବାଡ଼ି କେନ୍ଦ୍ରଟି ଉକ୍ତ ବିଦ୍ୟାଳୟ ପରିସରରେ ଚାଲୁ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ ଏକ ନୂତନ ଗୃହ ମଞ୍ଜୁର ହେବା ପରେ ଦୀର୍ଘ ୧୦ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲୁ ରହିବା ପରେ ଗତ ସରସ୍ୱତୀ ପୂଜା ଦିନ ଠାରୁ ଏହି କେନ୍ଦ୍ରଟି କାର୍ଯ୍ୟକ୍ଷମ କରି ଆସୁଛି। ମାତ୍ର ନବ ନିର୍ମିତ ଗୃହରେ ଶୌଚାଳୟ ନ ଥିବାରୁ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ୨୫ ଜଣ ଛାତ୍ରଛାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗତ ଫେବୃଆରୀ ମାସରେ ଉକ୍ତ କେନ୍ଦ୍ରକୁ ପରିଦର୍ଶନ ପାଇଁ ଆସିଥିବା ଆଇସିଡିଏସ ସୁପରଭାଇଜର୍ ସଞ୍ଜୁ ଜେନାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମାଜସେବୀ ଜଗଦୀଶ ପ୍ରଧାନ ଏହି କେନ୍ଦ୍ରର ଶୌଚାଳୟ ପ୍ରତିଷ୍ଠା ଓ ସ୍ଥାୟୀ ପାଚେରୀ ନିର୍ମାଣ ପାଇଁ ନିବେଦନ କରିଥିଲେ। କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ତାରାରାଣୀ ଜେନାଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଶୌଚାଳୟ ନିର୍ମାଣ ସମ୍ପର୍କରେ ସେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ, ସିଡ଼ିପିଓ, ବ୍ଲକ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି ଶୌଚାଳୟ ନିର୍ମାଣ ହୋଇପାରିନାହିଁ। ତେଣୁ ୧୫ ଦିନ ମଧ୍ୟରେ ଉକ୍ତ ଶୌଚାଳୟ ନିର୍ମାଣ କରା ନ ଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# କବି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଜଳେଶ୍ୱର,୧୫।୩ (ସମିସ) :** ଜଳେଶ୍ୱର ବ୍ଲକ ସୀମାନ୍ତ ଅଞ୍ଚଳରେ ସେବାର ମୂର୍ତ୍ତୀମନ୍ତ ପ୍ରତୀକ ଆଦର୍ଶ ଶିକ୍ଷକ,ଅନୁଷ୍ଠାନ ପ୍ରେମୀ କବି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ୩ୟ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ନଛିମପୁର ପଞ୍ଚାୟତ ନାଙ୍ଗୁଡ଼ୁସାହି ଗ୍ରାମସ୍ଥିତ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ଆୟୋଜିତ ସଭାରେ ଅଧ୍ୟାପକ କିଶୋରାମ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. କାଳିପଦ ପଣ୍ଡା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ବାଞ୍ଛାନିଧି ମହାନ୍ତି, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସିତାଂଶୁ ସେନାପତି, କବି ନରୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଦିଲ୍ଲୀପ ଗିରି, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, କବି ରାଜାରାମ କରଶର୍ମା, ରବୀନ୍ଦ୍ର ବାରିକ୍, ଡ. ଅଜିତ କୁମାର ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ, କବି ବସନ୍ତ ଦାସ,କବି ରଞ୍ଜନ ଘୋଷ, କବି ନିକୁଞ୍ଜ ଘୋଷ, ଜ୍ୟୋତିଷ କର, ପ୍ରାକ୍ତନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ "ଗୁରୁ ଗୌରବ କାର୍ତ୍ତିକ ଚନ୍ଦ୍ର ଦାସ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସପନ ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ପୁତ୍ର ସପନ ଅତିଥି ସ୍ୱାଗତ ଓ ତପନ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ



**ବାଲେଶ୍ୱର,୧୫।୩ (ସମିସ):** ୩ ଝାଡ଼ଖଣ୍ଡ ହାତୀଙ୍କ ଉପଦ୍ରବରେ ବାଲେଶ୍ୱର ରେମୁଣା ଅଞ୍ଚଳର ଲୋକେ ଅତିଷ୍ଠ। ଗତକାଲି ମୟୂରଭଞ୍ଜର ନଡପୁର ଜଙ୍ଗଲ ଦେଇ ସୀମାନ୍ତ ଦୁର୍ଗାଦେବୀ ଦେଇ ମନ୍ଧାରପୁର ପଞ୍ଚାୟତର ଉଡ଼ମ୍ବରଠାରେ ଉପଦ୍ରବ ଘଟାଇଥିଲେ। ଘଟଣାସ୍ଥଳରେ ହାତୀଙ୍କ ଉପଦ୍ରବ ଯୋଗୁଁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯାଇଥିଲା। ବନ ବିଭାଗର ଟିମ୍ ପହଞ୍ଚି ହାତୀକୁ ଘଉଡାଇବା ଉଦ୍ୟମ ଜାରି ରଖିଛି।

# ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ



**ବାଲେଶ୍ୱର,୧୫ ।୩(ସମିସ):** ରେମୁଣା ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷ କରି ମଧ୍ୟ ପ୍ରାଚୀର ଯୁଦ୍ଧ ଯାହାକି ଇରାନ, ଆମେରିକ ଓ ଇସ୍ରାଏଲ ଯୁଦ୍ଧ ପାଇଁ ବହୁ ଧନ ଜୀବନ ନଷ୍ଟ ହେଉଥିବା ବେଳେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରାଯାଇଥିଲା। ଏହାଛଡା ରେମୁଣା ଏକ ସମ୍ବେଦନଶୀଳ ଅଂଚଳରେ ଆଇନ ଶୃଙ୍ଖଳା ବ୍ୟାହତ ହେଉଛି। ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବା ବେଳେ ପିଲା ଚୋରି,ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିବା, ରେମୁଣା ବଜାର ଥାନା ଅଂଚଳରେ ବେଆଇନ ଭାବେ ମଦ କାରବାର ହେଉଥିବା ଯୋଗୁଁ ରାସ୍ତାରେ ଯାଉଥିବା ମହିଳାଙ୍କ ସମେତ ସ୍କୁଲ ଛାତ୍ରଛାତ୍ରୀ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବୋଲି ଆଲୋଚନା ହୋଇଥିଲା। ବୈଠକରେ ମଞ୍ଚର ସଂଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଶିକ୍ଷାବିତ ଜଳଧର ଦାସ, ପଦ୍ମଲୋଚନ ପଣ୍ଡା, ଆଇନଜୀବୀ ରାମଚନ୍ଦ୍ର ପାତ୍ର, ସନ୍ତୋଷ ବେହେରା, ଯୋଗେଶଚନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ପ୍ରଧାନ, ହରିମୋହନ ମାଝୀ, ପୂର୍ଣ୍ଣଚନ୍ଦ୍ର ଦାସ, ଚକ୍ରଧର ଦାସ, ରଘୁନାଥ ଭୋଇ, ଅବନୀକାନ୍ତ ପ୍ରଧାନ, ଗଜେନ୍ଦ୍ର ଦାଶ, ଇଶ୍ୱରଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ନିରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ।

# ଗୋଦାମରେ ଅଗ୍ନିକାଣ୍ଡ



**ବସ୍ତା ବ୍ଲକ, ୧୫।୩ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଦକ୍ଷିଣ କ୍ୟାବିନ ନିକଟରେ ଥିବା ଏକ ସାର ଓ ପତ୍ର ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବା ଜଣା ପଡିଛି। ଦକ୍ଷିଣ କ୍ୟାବିନ - ବ୍ଲକ ରାସ୍ତାରେ ଥିବା ରାଧାଶ୍ୟାମ ଗୁପ୍ତାଙ୍କ ଏକ ସାର ଦୋକାନ ସହିତ ଗୋଦାମ ରହିଛି। ରବିବାର ସନ୍ଧ୍ୟାରେ କୌଣସି କାରଣ ରୁ ସେହି ଗୋଦାମରେ ନିଆଁ ଲାଗିଯାଇଥିଲା। ଖବର ପାଇ ବସ୍ତାର ଦୁଇଟି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ ବି ନିଆଁ ଆୟତ୍ତ କରି ପାରି ନ ଥିଲେ। ପୁଣି ଜଳେଶ୍ୱର ଓ ରାସଗୋବିନ୍ଦପୁରରୁ ଦୁଇଟି ଦମକଳ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା ଚଳାଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏହି ଅଗ୍ନିକାଣ୍ଡ ରେ ବ୍ୟାପକ କ୍ଷତି ହୋଇଥିବା ଅନୁମାନ କରାଯାଉଛି।

# ନଦୀରେ ନିଖୋଜ ନାବାଳକର ମୃତଦେହ ଉଦ୍ଧାର

**ବାଲେଶ୍ୱର,୧୫ ।୩(ସମିସ):** ଶନିବାର ସକାଳେ ଟାଉନଥାନା ଅର୍ନ୍ତଗତ ବାଲିଘାଟ ପୋଲ ନିକଟ ବୁଢ଼ାବଳଙ୍ଗ ନଦୀରେ ଗାଧୋଉଥିବା ବେଳେ ଜଣେ ଛାତ୍ର ନିଖୋଜ ହୋଇଯାଇଥିଲେ। ରବିବାର ଉକ୍ତ ଛାତ୍ରଙ୍କର ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ଚାନ୍ଦମାରି ଅଞ୍ଚଳର ପାର୍ଥସାରଥି ପରିଡା। ଚାନ୍ଦିମାରି, ମାନସିଂବଜାର, ଖପରାପଦା ଓ ପୁଲିସ ଲାଇନ ଅଞ୍ଚଳର ଚାରି ଜଣ ସାଙ୍ଗ ଶନିବାର ସକାଳ ୯ଟା ସମୟରେ ବାଲିଘାଟସ୍ଥିତ ବୁଢ଼ାବଳଙ୍ଗ ନଦୀକୁ ଗାଧୋଇବା ପାଇଁ ଆସିଥିଲେ। ଏହି ସମୟରେ ଚାନ୍ଦମାରି ଅଞ୍ଚଳର ପାର୍ଥସାରଥି(୧୪) ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ନଦୀ ସ୍ରୋତରେ ଭାସିଯାଇଥିଲେ। ସାଙ୍ଗମାନେ ତୁରନ୍ତ ନିକଟରେ ଥିବା ଗାଁ ଲୋକଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଦମକଳ ବାହିନୀ ପହଁଚି ଖୋଜାଖୋଜି କରିଥିଲା। ହେଲେ ତାଙ୍କୁ ପାଇନଥିଲେ। ଆଜି ସକାଳେ ପୁଣି ଦମକଳ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଁଚି ଖୋଜାଖୋଜି କରିବା ପରେ ନଦୀ ମଧ୍ୟରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ନଦୀ ପଠାରେ ବହୁ ଲୋକ ମଧ୍ୟ ଉପସ୍ଥିତ ଥିଲେ।

# ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାଲେଶ୍ୱର,୧୫ ।୩(ସମିସ):** ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ ନେଚର ଆଣ୍ଡ ଯୋଗିକ ସାଇନସ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ୧୨ଟି ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ନେଇ ରାଜ୍ୟ ଜାତୀୟ ସେବା ଯୋଜନା ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଯୋଗ ମହାବିଦ୍ୟାଳୟରେ ତ୍ରିଦିବସୀୟ ଯୋଗ ନେଚରପାଥି ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏଥିରେ ଉଦଘାଟକ ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଫକୀରମୋହନ ମେଡିକାଲ କଲେଜର ମୁଖ୍ୟ ପ୍ରଶାସକ ମନୋରମା ଭୂୟାଁ ଯୋଗ ଓ ପ୍ରାକୃତିକ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସେବା ଯୋଜନାର ପୂର୍ବତନ ଜିଲ୍ଲା ସଂଯୋଜକ ଗୌରାଙ୍ଗ ପଣ୍ଡା, ପୂର୍ବତନ ଆଇଟିଆରର ବରିଷ୍ଠ ବୈଜ୍ଞାନିକ ତଥା ହେଲଦି ଲାଇଫର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପତି, ଯୋଗ ମହାବିଦ୍ୟାଳୟର ମୁଖ୍ୟ ପ୍ରତିଷ୍ଠାତା ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଅଧିକାରୀ ଡ. ଚିତ୍ତରଞ୍ଜନ ସାହୁ ପ୍ରାକୃତିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଉପାଦେୟ ପରାମର୍ଶ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ସନ୍ଦୀପ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତିର ଜିଲ୍ଲା ସମ୍ମିଳନୀ

**ବାଲେଶ୍ୱର,୧୫ ।୩(ସମିସ)**



ଉତ୍ତର ଓଡ଼ିଶାର କେନ୍ଦ୍ରସ୍ଥଳ ବାଲେଶ୍ୱରରେ କୃଷି ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାର ଘୋଷଣା ନ କରିବା ପର୍ଯ୍ୟନ୍ତ ଜିଲ୍ଲାବାସୀ ଐକ୍ୟବଦ୍ଧ ଆନ୍ଦୋଳନ ଚଳାଇ ରଖିବାକୁ ଆଜି ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ତୃତୀୟ ବାର୍ଷିକ ଜିଲ୍ଲା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀର ସାଧାରଣ ସଭାରେ ସାଧାରଣ ସମ୍ପାଦକ ଅଭୟ ମିଶ୍ର ବିବରଣୀ ଓ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ। ଅତିଥି ଓ ବକ୍ତା ଭାବେ ଯୋଗଦେଇ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶଙ୍କ ସମେତ ସମିତିର ବିଭିନ୍ନ ଆଞ୍ଚଳିକ କମିଟି ଓ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଦିଲ୍ଲୀପ ଗିରି, ଗୋବିନ୍ଦ ଚନ୍ଦ୍ର ଭୋଇ, ମହେଶ୍ୱର ପଣ୍ଡା, ଦାମୋଦର ନାୟକ, କବି କାଳିପଦ ପଣ୍ଡା, କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ଚକ୍ରଧର ଦାସ, ଷ୍ଟାଲିନ ମିଶ୍ର, ଭାରତୀ ପଣ୍ଡା, ବିଧାନ ରାୟ ଓ ହରେନ ରଣା ପ୍ରମୁଖ ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବି ପ୍ରତି ସରକାର ଅବହେଳା ପ୍ରଦର୍ଶନ କରୁଥିବାର ଦର୍ଶାଇଥିଲେ। ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ହେଉ କିମ୍ବା ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହାସଲ ପାଇଁ ଦୀର୍ଘଦିନ ଧରି ବାଲେଶ୍ୱରବାସୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିବାକୁ ପଡ଼ିଥିଲା। ଧାନ, ପାନ, ମୀନ ଓ ଜ୍ଞାନର ଭଣ୍ଡାର ଭାବେ ବାଲେଶ୍ୱର ସୁପରିଚିତ। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ଦାବିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ବାଲେଶ୍ୱରର ସାଂସଦ ଓ ବିଧାୟକ ଗଣ ଏହି ଦାବିକୁ ସମର୍ଥନ ଜଣାଉଛନ୍ତି। କିନ୍ତୁ ରାଜ୍ୟର ଅନ୍ୟ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରୀ ଘୋଷଣା ବାଲେଶ୍ୱରବାସୀଙ୍କୁ ବିସ୍ମିତ କରିଛି ବୋଲି ସମିତିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ପ୍ରକାଶ କରିଥିଲେ। ତେଣୁ ଆଗାମୀ ସମସ୍ତ ଗଣତାନ୍ତ୍ରିକ ଆନ୍ଦୋଳନରେ ଅଧିକ ସଂଖ୍ୟାରେ ଯୁବଛାତ୍ରମାନଙ୍କୁ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆସନ୍ତା ଦୁଇବର୍ଷ ପାଇଁ ନିର୍ବାଚିତ କର୍ମକର୍ତାଙ୍କ ନାମ ତାଲିକାକୁ ପ୍ରଫୁଲ୍ଲ କୁମାର ଦାସ ପାଠ କରିଥିଲେ। ଆଗାମୀ ବର୍ଷ ପାଇଁ ହରନାରାୟଣ ମଲ୍ଲୁଆଳ ଲଗାତାର ଆନ୍ଦୋଳନ ନିମିତ ବିଭିନ୍ନ ପ୍ରସ୍ତାବ ଆଗତ କରିବା ପରେ ଏହା ଗୃହୀତ ହୋଇଥିଲା। ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ସମଗ୍ର ଜିଲ୍ଲାରୁ ଶତାଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମସୁନ୍ଦର ଜେନା, କ୍ରିଷ୍ଣା ସାହା, ସଂଯୁକ୍ତା ବେହେରା ଓ ବିଜନ ଦେ ପ୍ରମୁଖ ପରିଚାଳନା କରିଥିଲେ।

# ଇଣ୍ଡିଆନ ବଟଲିଂ ପ୍ଲାଣ୍ଟ ଶ୍ରମିକଙ୍କ ବୈଠକ

**ବାଲେଶ୍ୱର,୧୫ ।୩(ସମିସ):** ଇଣ୍ଡିଆନ ବଟଲିଂ ପ୍ଲାଣ୍ଟର ଶ୍ରମିକମାନଙ୍କ ଏକ ଜରୁରୀ ବୈଠକ ହିନ୍ଦ୍ ମଜଦୁର ସଭାର ଜିଲ୍ଲା ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଷ୍ଟେସନ ଛକସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକମାନେ ଦୀର୍ଘଦିନ ଧରି ମାସକୁ ୨୬ଦିନ କାର୍ଯ୍ୟ କରି ଆସୁଥିଲେ। ତିନିମାସ ଧରି ଶ୍ରମିକମାନଙ୍କୁ ୧୦ରୁ୧୨ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଦେଉଛନ୍ତି। ଏଥିରେ ଶ୍ରମିକମାନଙ୍କର ଗୁଜୁରାଣ ହୋଇପାରୁ ନାହିଁ। ଯାହାଫଳରେ ଶ୍ରମିକମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖିନ ହେଉଛନ୍ତି। ଦୀର୍ଘ ୨୦ବର୍ଷ ଧରି ଶ୍ରମିକମାନେ କାର୍ଯ୍ୟକରୁଥିଲେ ମଧ୍ୟ ସେମାନଙ୍କୁ ଅଣକୁଶଳୀ ହିସାବରେ ମଜୁରୀ ପ୍ରଦାନ କରାଯାଉଛି। ଦୀର୍ଘବର୍ଷ ଧରି ସେମାନଙ୍କର କୌଣସି ବେତନ ମଧ୍ୟ ବୃଦ୍ଧି ହୋଇନାହିଁ ବୋଲି ଆଲୋଚନା କରାଯାଇଥିଲା। ଏଣୁ ଏ ନେଇ ସାଂସଦ ଏବଂ ରେମୁଣା ବିଧାୟକଙ୍କ ସହ ଆଲୋଚନା କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁଶାନ୍ତ ରାଉତ, ଏସକେ ସଲିମ, ରବିନାରାୟଣ ମହାଳିକ, ସୁଜିତ ବର୍ଦ୍ଧନ, ରଞ୍ଜନ ଦାସ, ଗଣେଶ ଚନ୍ଦ୍ର ମହାପାତ୍ରଙ୍କ ସହ ସଂଗଠନର ବହୁ ଶ୍ରମିକ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇବେ । ଆୟ ବ୍ୟୟ ସମାନ ରହିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଅଫିସ୍ କାର୍ଯ୍ୟ ପୂରା କରିପାରନ୍ତି । ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ । ପ୍ରେମ ଜୀବନ ସୁଖମୟ ହେବ ।

**ବୃଷ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅଯଥା ଖର୍ଚ୍ଚ ବଢ଼ିପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ । ମାନସମ୍ମାନ ବୃଦ୍ଧି ପାଇବ ।

**ମିଥୁନ:** ଯୋଜନା ମୁତାବକ କାମ କରନ୍ତୁ । ନିଜପାଇଁ ସମୟ ଦିଅନ୍ତୁ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଅତିଥି ସତ୍କାର କରିପାରନ୍ତି । ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ ।

**କର୍କଟ:** ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତାରେ ରହିପାରନ୍ତି । ଅଧିକ ପରିଶ୍ରମ କରିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରିବେ । ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ । ଯାନବାହନ କ୍ରୟ କରିପାରନ୍ତି ।

**କନ୍ୟା:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ଅଫିସ୍ କାମକୁ ନେଇ ଚିନ୍ତା ବଢ଼ିପାରେ । ଅଟକି ଥିବା ଧନ ମିଳିପାରେ । ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ । ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ ।

**ବିଛା:** ନୂତନ ଜମି କ୍ରୟ କରିପାରନ୍ତି । ଲୋକସମ୍ପର୍କ ବୃଦ୍ଧି ହେବ । ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ହରାନ୍ତୁନି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ।

**ମକର:** ପୁରୁଣା ନିବେଶରୁ ଲାଭ ମିଳିପାରେ । ମହିଳାମାନେ ଉଦାସ ରହିପାରନ୍ତି । ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ଆଜି ଦିନ ଆପଣଙ୍କୁ ମିଶ୍ରିତ ଫଳ ଦେବ । ବନ୍ଧୁଙ୍କ ସହିତ ସମୟ ବିତାଇବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ ।

## ଆଜିର ଇତିହାସ

- ୧୯୩୯ - ଚେକୋସ୍ଲୋଭାକିଆ ଜର୍ମାନୀ ଉପରେ କବ୍‌ଜା କଲା ।
- ୧୯୬୬-ଆମେରିକାରେ ମାନବଯୁକ୍ତ ମହାକାଶଯାନ 'ଜେମିନି-୮' ଉତ୍କ୍ଷେପଣ ହେଲା ।
- ୨୦୦୪- ରୁଷିଆରେ ଏକ ନଅତାଲା କୋଠାରେ ବିସ୍ଫୋରଣ, ୨୧ ମୃତ ।
- ୨୦୧୨-ସଚିନ୍ ତେନ୍ଦୁଲକର ଅନ୍ତରାଷ୍ଟ୍ରୀୟ କ୍ରିକେଟ୍‌ରେ ଶହେ ଶତକ ଲଗାଇଥିବା ପ୍ରଥମ ଖେଳାଳି ହେଲେ ।



## କୁକୁର ବୁଲାଇ ଲକ୍ଷାଧିକ ରୋଜଗାର

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ରୋଚକୀୟ ତଥା ନୂଆ ଭିଡିଓ ଭାଇରାଲ ହେଉଛି । ଏହି କ୍ରମରେ ଏବେ ଏକ ଭିଡିଓ ଖୁବ୍ ଚର୍ଚ୍ଚା ସାଉଁଟୁଛି । ସାମାଜିକ ଗଣମାଧ୍ୟମରେ ଜଣେ ଯୁବକ ଚାକିରି ଛାଡ଼ିବା କଥା କହିଛନ୍ତି । କିଛି ଆରାମଦାୟକ କାମ ଥିଲେ, ବ୍ୟବହାରକାରୀଙ୍କୁ ଜଣାଇବାକୁ କହିଲେ । ଏହାରି ଭିତରେ ସମ୍ପୃକ୍ତ ଯୁବକଙ୍କୁ କୁକୁର ବୁଲାଇବାକୁ ଜଣେ ବ୍ୟବହାରକାରୀ ପରାମର୍ଶ ଦେଲେ । ଏଥିରେ ଟଙ୍କା ରୋଜଗାର କରିବା ସହିତ ଶାନ୍ତି ମଧ୍ୟ ମିଳିଥାଏ ବୋଲି କୁହାଯାଇଛି । ଏହା ପରେ ଆଉ ଏକ ଭିଡିଓ ସାମ୍ନାକୁ ଆସିଛି । ଏଥିରେ ଜଣେ ଯୁବକ ତାଙ୍କ ଏମବିଏ ଗ୍ରାଜୁଏଟ୍ ଭାଇଙ୍କଠାରୁ ଅଧିକ ଆୟ କରୁଥିବା କହିଛନ୍ତି । ଭିଡିଓଟି ମହାରାଷ୍ଟ୍ରର । ସେ ପ୍ରତି ମାସରେ କୁକୁର ବୁଲାଇ ପ୍ରାୟ ୪.୫ ଲକ୍ଷ ରୋଜଗାର କରୁଥିବା ସ୍ୱୀକାର କରିଛନ୍ତି । ଯେଉଁ ବ୍ୟକ୍ତି କୁକୁର ବୁଲାଉଛନ୍ତି ତାଙ୍କ ଦରମା କେବଳ ୭୦ ହଜାର ଟଙ୍କା । ଭିଡିଓ ଅନୁସାରେ, ବ୍ୟକ୍ତି ଜଣକ ଅନ୍ୟମାନଙ୍କ କୁକୁରକୁ ଦିନକୁ ଦୁଇଥର ବୁଲାଇବାକୁ ନିଅନ୍ତି । ଏହା ବଦଳରେ ତାଙ୍କୁ ଭଲ ଟଙ୍କା ମିଳିଥାଏ । ଅବଶ୍ୟ ଏବେ ସୁଦ୍ଧା ଯୁବକଙ୍କର ପ୍ରକୃତ ପରିଚୟ ସାମ୍ନାକୁ ଆସି ନାହିଁ । ଅନ୍ୟପଟେ ଭାରତରେ ଡଗ୍ ୱାକିଂ କାମକୁ ମାମୁଲି ବୋଲି ଲୋକେ ଭାବୁଛନ୍ତି । ତେବେ ଏ ବ୍ୟକ୍ତି ଜଣକ ଏକଥା ଦର୍ଶାଇଛନ୍ତି ଯେ, ପରିଶ୍ରମ ଏବଂ ଠିକ୍ ଯୋଜନା କରିବା ଦ୍ୱାରା କୌଣସି କାମ ଛୋଟ ହୋଇ ନ ଥାଏ । ଅନ୍ୟପଟେ ସମ୍ପୃକ୍ତ ବ୍ୟକ୍ତି ଜଣକ ଗୋଟିଏ କୁକୁର ବୁଲାଇବା ପାଇଁ ୧୫ ହଜାର ଟଙ୍କା ନେଉଛନ୍ତି । ବର୍ତ୍ତମାନ ସମୟରେ ତାଙ୍କ ପାଖରେ ୩୦ରୁ ଅଧିକ କୁକୁର ଅଛି । ଯେଉଁମାନଙ୍କୁ ସେ ନିତିଦିନ ବୁଲାଇବାକୁ ନେଇଥାନ୍ତି । ଏହି ପ୍ରକାରେ ତାଙ୍କ ଆୟ ମାସକୁ ୪.୫ ଲକ୍ଷ ହେଉଥିବା କୁହାଯାଇଛି ।

## ଜାତୀୟ ଟିକାକରଣ ଦିବସ



ପ୍ରତିବର୍ଷ ମାର୍ଚ୍ଚ ୧୬ ତାରିଖକୁ 'ଜାତୀୟ ଟିକାକରଣ ଦିବସ' ବା 'ଇମ୍ୟୁନାଇଜେସନ ଡେ' ଭାବେ ପାଳନ କରାଯାଏ । ସବୁ ବୟସର ଲୋକଙ୍କୁ ଟିକାକରଣ ପ୍ରତି ସଚେତନ କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ । ଟିକାକରଣ ଏମିତି ଏକ ପ୍ରକ୍ରିୟା, ଯଦ୍ୱାରା ଘାତକ ତଥା ଭୟଙ୍କର ରୋଗକୁ ରୋକିବାରେ ସାହାଯ୍ୟ କରେ । ସେଥିପାଇଁ ଶିଶୁଟିଏ ଜନ୍ମ ହେବା ମାତ୍ରେ ତା'ର ଟିକାକରଣ ଆରମ୍ଭ ହୋଇଯାଏ । ମହାମାରୀ କରୋନା ସମୟରେ ମଣିଷ ଟିକାକରଣର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାରିଥିଲା । ସେତେବେଳେ ଶରୀରର ରୋଗପ୍ରତିରୋଧକ କ୍ଷମତାକୁ ବଢ଼ାଇବା ନିମନ୍ତେ ପୂରା ବିଶ୍ୱରେ ଟିକାକରଣ କରାଯାଇଥିଲା । ୧୯୯୫ରେ ପ୍ରଥମେ ପୋଲିଓ ଟିକାକରଣରୁ ଏହି ଦିବସର ପ୍ରାରମ୍ଭ ହୋଇଥିଲା । ଓରାଲ ପୋଲିଓ ଭ୍ୟାକସିନ୍ ଅର୍ଥାତ୍ ପାଟିରେ ଶିଶୁଙ୍କୁ ପୋଲିଓର ପ୍ରଥମ ବୁନ୍ଦା ଦିଆଯାଇଥିଲା । ଭାରତକୁ ପୋଲିଓ ମୁକ୍ତ କରିବା ଲାଗି ଏହି ଦିନରୁ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିଲା 'ପଲ୍ସ ପୋଲିଓ' ଅଭିଯାନ । ଏହା ମାଧ୍ୟମରେ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ଭାକସିନ୍‌ର ଦୁଇ ବୁନ୍ଦା ଦିଆଯାଉଥିଲା । ଆଉ ଏହି ଅଭିଯାନ ଯୋଗୁଁ ୨୦୧୪ରେ ଭାରତକୁ ପୋଲିଓ ମୁକ୍ତ ଘୋଷଣା କରାଯାଇଥିଲା । ତେବେ କରୋନା ମହାମାରୀ ଲୋକଙ୍କୁ ଟିକାକରଣ ଦିଗରେ ଅଧିକ ସଚେତନ ଓ ସତର୍କ କରାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ଟିକାକରଣ ଅଭିଯାନ ଯୋଗୁଁ ୨୦-୩୦ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇଥାଏ ।

## ନର୍ସ ଭୂମିକାରେ କଙ୍ଗନା



ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ କଙ୍ଗନା ରଣାୱତ ଏବେ ଏକ ନୂଆ ଫିଲ୍ମ ଉପରେ କାମ ଆରମ୍ଭ କରିଛନ୍ତି । ସେ 'ଭାରତ ଭାଗ୍ୟ ବିଧାତା' ସିନେମାରେ ନଜର ଆସିବେ । ଏଥିରେ ସେ ନର୍ସ ଚରିତ୍ରରେ ଅଭିନୟ କରିବେ । ତେବେ ସିନେମାଟି ମୁମ୍ବାଇର କାମା ହସ୍‌ପିଟାଲରେ ୨୬/୧୧ ଆକ୍ରମଣ ଘଟଣା ଉପରେ ଆଧାରିତ । ବିଶେଷକରି ସେତେବେଳେ ହସ୍‌ପିଟାଲରେ ଘଟିଥିବା ଘଟଣା ଏବଂ ସେଠାକାର ଲୋକଙ୍କ ସାହସିକତା ଉପରେ ଏହାର କାହାଣୀ ଗତିଶୀଳ । ସରଳ ଭାଷାରେ କହିଲେ, ହସ୍‌ପିଟାଲର କର୍ମଚାରୀ କିଭଳି ଏଭଳି ଏକ କଠିନ ସମୟରେ ସାହସ ଦେଖାଇ ସ୍ଥିତିକୁ ସମ୍ଭାଳିଲେ, ସେକଥା ସିନେମାରେ ଦର୍ଶକେ ଦେଖିପାରିବେ । କଙ୍ଗନାଙ୍କ ସମେତ ଏହି ସିନେମାରେ ଗିରିଜା ଓକ୍ ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିବେ । ସିନେମାର ନିର୍ଦ୍ଦେଶନାରେ ମନୋଜ ତାପଡ଼ିଆ ଅଛନ୍ତି । ବର୍ତ୍ତମାନ ସିନେମାର ସୁଟିଂ ପୂରା ହୋଇଛି ଏବଂ ଏବେ ଏହାର ପୋଷ୍ଟ ପ୍ରଡକସନ ଉପରେ କାମ ଚାଲିଛି ।

## ସ୍ମୃତି

## ଶୋଇବା ପୂର୍ବରୁ ନିଦ୍ରା ଦେବୀଙ୍କ ଧ୍ୟାନ

**ଶାସ୍ତ୍ରରେ ନିଦର ସମ୍ବନ୍ଧ ନିଦ୍ରା ଦେବୀଙ୍କ ସହିତ ରହିଛି । କୁହାଯାଏ, ନିଦ୍ରା ଦେବୀଙ୍କ କୃପାରୁ ଲୋକେ ଶାନ୍ତିରେ ଶୁଅନ୍ତି । ତେଣୁ ଶାସ୍ତ୍ର ଅନୁସାରେ, ଶୋଇବା ପୂର୍ବରୁ ନିଦ୍ରା ଦେବୀଙ୍କୁ ସ୍ମରଣ କରିବା ଉଚିତ ।**



ନିଦ୍ରା ଦେବୀ ହେଉଛନ୍ତି, ଭଗବତୀ ମହାମାୟା । ଧାର୍ମିକ ମାନ୍ୟତାନୁସାରେ, ଶୋଇବା ପୂର୍ବରୁ ନିଦ୍ରା ଦେବୀଙ୍କୁ ସ୍ମରଣ କରିବା ଅତ୍ୟନ୍ତ ଲାଭକାରୀ । ଦେବୀଙ୍କୁ ଧ୍ୟାନ କରିବା ଦ୍ୱାରା ଦିନ ତମାମର ଚିନ୍ତା, ନକାରାତ୍ମକ ବିଚାର ଶାନ୍ତ ହୁଏ । ଏହା ଦ୍ୱାରା ମନ ଧ୍ୟାନ ମୁଦ୍ରାକୁ ଯାଏ । କୁହାଯାଏ, ଯେଉଁ ବ୍ୟକ୍ତି ଶୁଦ୍ଧ ମନରେ ନିଦ୍ରା ଦେବୀଙ୍କ ସ୍ମରଣ କରନ୍ତି, ସେମାନେ ସ୍ୱପ୍ନ ଦେଖି ଭୟଭୀତ ହୁଅନ୍ତି ନାହିଁ ବା ଭୟଙ୍କର ସ୍ୱପ୍ନ ଦେଖି ନ ଥାନ୍ତି । ଦେବୀଙ୍କ ସୁରକ୍ଷା କବଚ ମନର ରକ୍ଷା କରୁଥିବା ବିଶ୍ୱାସ ରହିଛି । ବିଳମ୍ବିତ ରାତ୍ରିରେ ନିଦ ଆସୁଥିଲେ, ନିଦ୍ରା ଦେବୀଙ୍କ ମନ୍ତ୍ର ଜପ କରିବା ଲାଭଦାୟକ । ଅନିଦ୍ରା ତଥା ମାନସିକ ଅଶାନ୍ତି ଦେଇ ଗତି କରୁଥିଲେ ଖଟରେ ଶୋଇ ରହି ନିଦ୍ରା ଦେବୀଙ୍କ ମନ୍ତ୍ର ଜପ କରିବା ଭଲ । ମନ୍ତ୍ରକୁ ୩ କିମ୍ବା ୧୧ ଥର ଜପ କରିବା ଭଲ ବୋଲି କୁହାଯାଏ । ଏହା ଦ୍ୱାରା ମନ ନିୟନ୍ତ୍ରଣରେ ରହେ ଓ ନିଦ ଆସେ ।

## ଏକାଦଶୀରେ କ'ଣ ଖାଇବେ ଓ ଖାଇବେନି

**ହିନ୍ଦୁ ଧର୍ମରେ ଏକାଦଶୀ ବ୍ରତର ମହତ୍ତ୍ୱ ରହିଛି । ଶାସ୍ତ୍ର ଅନୁସାରେ, ପ୍ରତି ମାସରେ କୃଷ୍ଣ ଓ ଶୁକ୍ଳ ପକ୍ଷରେ ଦୁଇଟି ଏକାଦଶୀ ପଡ଼ିଥାଏ । ଏହି ବ୍ରତରେ କ'ଣ ଖାଇବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ଜାଣିବା ।**

- ଏକାଦଶୀ ଉପବାସ କରୁଥିବା ବ୍ରତଧାରୀ ଦଶମୀ ଦିନରୁ ମାଂସ, ରସୁଣ, ପିଆଜ, ମସୁର ଡାଲି ଖାଇବା ଅନୁଚିତ ।
- ଉପବାସ ରହି ବ୍ରତ କରିପାରୁ ନ ଥିଲେ ଦିନରେ ଥରୁଟିଏ ଖାଇପାରିବେ ।



- କ୍ଷୀର ଓ ଜଳ ସେବନ କରିପାରିବେ ।
- ଆଳୁ, ନଡ଼ିଆ, ସାଗୁ, ସୈନ୍ଧବ ଲବଣ, କ୍ଷୀର, ବାଦାମ, ଚିନି, ଅଦା ଆଦିକୁ ଖାଦ୍ୟରେ ସାମିଲ କରିପାରିବେ ।
- ଏହିଦିନ ଗଛରୁ ପତ୍ର ଛିଡ଼ାଇବା ଭଲ ନୁହେଁ ।
- ଏକାଦଶୀ ଦିନ ବ୍ରତଧାରୀ ବାଇଗଣ, ଗାଜର, କୋବି, ପାଳଙ୍ଗ ଖାଇବା ଭଲ ନୁହେଁ ।
- ଏକାଦଶୀରେ ଶ୍ରୀବିଷ୍ଣୁଙ୍କ ପୂଜାରେ ମିଠା ପାନ ଲାଗି କରାଯାଏ । ହେଲେ ଏହି ଦିନ ପାନ ଖାଇବାକୁ ବାରଣ କରାଯାଇଛି ।
- ଫଳରେ କଦଳୀ, ଆମ୍ବ, ଅଙ୍ଗୁର, ବାଦାମ, ପିସ୍ତା ଆଦି ଖାଇପାରିବେ ।
- ଏକାଦଶୀରେ ସାତ୍ତ୍ୱିକ ଭୋଜନ ଉପରେ ଗୁରୁତ୍ୱ ଦେବା ଉଚିତ ।
- ଆମିଷ ଓ ନିଶା ସେବନ କରିବା ଅନୁଚିତ ।
- ପ୍ରତ୍ୟେକ ଜିନିଷ ଠାକୁରଙ୍କ ପାଖରେ ଭୋଗ ଲାଗି କରି ତଥା ସେଥିରେ ତୁଳସୀ ପକାଇ ଗ୍ରହଣ କରିବା ଉଚିତ ।

## ଖର ମାସରେ ବର୍ଜନୀୟ

**ମୀନ ସଂକ୍ରାନ୍ତିରୁ ଖର ମାସ ଆରମ୍ଭ ହୋଇଛି । ଏହା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରହିବ । ଖର ମାସରେ କୌଣସି ଶୁଭ ତଥା ମାଙ୍ଗଳିକ କାର୍ଯ୍ୟ କରାଯାଏ ନାହିଁ ।**



- ଖର ମାସରେ କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବା ଅନୁଚିତ । କାମରେ ବାଧା ଉତ୍ପନ୍ନ ହୁଏ ।
- ଏହି ମାସରେ ଗୃହ ପ୍ରବେଶ କରାଯାଏ ନାହିଁ । ଏହା ଦ୍ୱାରା ସୁଖ, ଶାନ୍ତି, ସକାରାତ୍ମକତା ହ୍ରାସ ପାଏ ।
- ଏହା ବାଦ୍ ନୂଆ ଘର ନିର୍ମାଣ ଆରମ୍ଭ କରିବା ଭଲ ନୁହେଁ ।
- ନିର୍ବନ୍ଧ, ବାହାଘର, ଖରମାସରେ କରାଯିବ ନାହିଁ ।
- ମୁଣ୍ଡନ, ବ୍ରତୋପନୟନ, ନାମକରଣ ସଂସ୍କାର ଖର ମାସରେ ବର୍ଜନୀୟ ।
- ଖର ମାସରେ ନୂଆ ଘର, ଗାଡ଼ି କିଣିବାକୁ ଶୁଭ ବୋଲି କୁହାଯାଏ ନାହିଁ ।
- ଏପରିକି ବାହାଘର ପାଇଁ ଗହଣା କିଣିବା ଭଳି ଶୁଭକାର୍ଯ୍ୟ କରିବା ଅନୁଚିତ ।



## ଭକ୍ତିର ମାସ ଚୈତ୍ର

**ହିନ୍ଦୁ ଧର୍ମରେ ଚୈତ୍ର ମାସର ବିଶେଷ ମହତ୍ତ୍ୱ ଅଛି । ଏହି ମାସକୁ ଭକ୍ତି ଓ ସଂଯମର ମାସ ବୋଲି କୁହାଯାଏ । କାରଣ ଏହି ମାସରେ ଅନେକ ବ୍ରତ ଓ ପୂଜାପର୍ବ ପାଳନ କରାଯାଇଥାଏ । ଏହି ମାସରେ ବ୍ରହ୍ମା ସୃଷ୍ଟିର ରଚନା କରିଥିଲେ । ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ । ଏହି ମାସରେ ହିନ୍ଦୁ ନବବର୍ଷ ପାଳନ କରାଯାଏ । ତେବେ ଏ ମାସର ମହତ୍ତ୍ୱ କ'ଣ ରହିଛି, ତାହାକୁ ନେଇ ଏହି ଉପସ୍ଥାପନା ।**



ଏହି ମାସରେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ । ଏହାପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଦିନ ତମାମ ଥରେ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ । ଏଭଳି କରିବା ଦ୍ୱାରା ରୋଗରୁ ରକ୍ଷା ମିଳିବା ସହ ଆୟୁ ବୃଦ୍ଧି ହେଉଥିବା ବିଶ୍ୱାସ ଅଛି । ଏହି କଥା ପୁରାଣ ସମେତ ଆୟୁର୍ବେଦ ଗ୍ରନ୍ଥରେ ଉଲ୍ଲେଖ ରହିଛି । ପୌରାଣିକ ମାନ୍ୟତାନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦାରୁ ସୃଷ୍ଟିର ରଚନା ଆରମ୍ଭ କରିଥିଲେ । ତା'ସହ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ । ପୌରାଣିକ ମାନ୍ୟତାନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦାରୁ ହିଁ ବ୍ରହ୍ମା ସୃଷ୍ଟିର ରଚନା କରିଥିଲେ । ଏହି ମାସରେ ଭଗବାନ ବିଷ୍ଣୁ ଦଶବତାର ମଧ୍ୟରୁ ପ୍ରଥମେ ମତ୍ସ୍ୟ ଅବତାର ନେଇ ଥିଲେ । ତେବେ ମତ୍ସ୍ୟ ଅବତାର ଗ୍ରହଣ କରି ପ୍ରଳୟକାଳରେ ଜଳରେ ମନୁଙ୍କ ନୌକାକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଥିଲେ । ସେହିପରି ପ୍ରଳୟକାଳ ଶେଷ ହେବା ପରେ ମନୁଙ୍କଠାରୁ ହିଁ ନୂଆ ସୃଷ୍ଟିର ରଚନା ହେଲା । ଚୈତ୍ର କୃଷ୍ଣ ପକ୍ଷରେ ପଡୁଥିବା ଅମାବାସ୍ୟାକୁ 'ଚୈତ୍ର ଅମାବାସ୍ୟା' କୁହାଯାଏ । ହିନ୍ଦୁ ଧର୍ମରେ ଅମାବାସ୍ୟାର ବିଶେଷ ମହତ୍ତ୍ୱ ଥିବା ବେଳେ ଏହିଦିନ ସ୍ନାନ, ଦାନ ତଥା ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ କରାଯାଏ । ଏହିଦିନ ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ପାଇଁ ପୂଜା ତଥା ବ୍ରତ ରଖିବା ବିଧି ଅଛି । ତା'ସହ ଗରିବଙ୍କୁ ଅନ୍ନଦାନ କରାଇଲେ ଉତ୍ତମ ଫଳ ପ୍ରାପ୍ତି ହୁଏ ।

■ ଚାଇନିଜ୍ ଗ୍ରାଁ ପ୍ରି

## କିମିଙ୍କୁ ପ୍ରଥମ ଟାଇଟଲ୍



ସାଙ୍ଘାଇ,୧୫।୩(ଏଜେନ୍ସି): ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ରବିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଗତକାଲି ସର୍ବକନିଷ୍ଠ ଖେଳାଳି ଭାବେ ପୋଲ ପୋଜିସନ ହାସଲ କରିଥିବା ଇଟାଲୀର ଏହି ୧୯ ବର୍ଷୀୟ ଡ୍ରାଇଭର ନାମିଦାମି ପ୍ରତିଯୋଗୀଙ୍କୁ ପଛରେ ପକାଇ ଏଠାରେ ଟାଇଟଲ ଜିତିନେଇଥିଲେ। ତାଙ୍କ ଟିମ୍ ମେଟ୍ ତଥା ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ଜର୍ଜ ରସେଲ ଦ୍ୱିତୀୟ ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛନ୍ତି। ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି ପରେ ଏଠାରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଦ୍ୱିତୀୟଥର ସକାଶେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛନ୍ତି। ଏମାନଙ୍କ ପଛକୁ ଫେରାରୀର ଦୁଇ ଡ୍ରାଇଭର ବ୍ରିଟେନର ଲଉଇସ୍ ହାମିଲଟନ ଓ ଚାର୍ଲସ ଲାକ୍ଲେର୍କ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଫେରାରୀ ଲାଗି ହାମିଲଟନ ପ୍ରଥମଥର ଲାଗି ପୋଡିୟମ ଫିନିସ୍ କରିଥିଲେ।

■ ଇଣ୍ଡିଆନ ୱେଲ୍ସରେ ଆଲକାରାଜ ପରାସ୍ତ

## ମେଦଭେଦେଭ-ସିନ୍ନର ଫାଇନାଲ

ଇଣ୍ଡିଆନ୍‌ୱେଲ୍ସ,୧୫।୩(ଏଜେନ୍ସି): ବିଶ୍ୱ ନଂ-୧ ଖେଳାଳି ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି ରୁଷର ଡାନିଲ ମେଦଭେଦେଭ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ଆଲକାରାଜଙ୍କର କ୍ରମାଗତ ୧୬ତମ ବିଜୟଧାରାରେ ବ୍ରେକ୍ ଲାଗିଛି। ଫାଇନାଲରେ ତାଙ୍କ ସହ ବିଶ୍ୱର ନଂ-୨ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ସିନ୍ନର ୬-୨, ୬-୪ରେ ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କୁ ପରାସ୍ତ କରିଥିଲେ। ମହିଳା ଏକକ ଫାଇନାଲରେ ନଂ-୧ ସିଡ ଆରିନା ସାବାଲେଙ୍କାଙ୍କ ସହ ନଂ-୩ ସିଡ୍ ଏଲିନା ରିବାକିନାଙ୍କ ସହ ମୁକାବିଲା କରିବେ। ସେମିଫାଇନାଲରେ ବେଲାରୁଷର ସାବାଲେଙ୍କା ୬-୩, ୬-୪ରେ ଚେକ୍ ପ୍ରଜାତନ୍ତ୍ରର ଲିଣ୍ଡା ନୋସ୍କୋଭାଙ୍କୁ ଓ କାଜାଖସ୍ତାନର ରିବାକିନା ୟୁକ୍ରେନ୍‌ର ଏଲିନା ଭିଟୋଲିନାଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

## କୋଚିରେ ଏଏଫ୍‌ସି ଏସିଆନ୍ କପ୍‌ର ଶେଷ ମୁକାବିଲା

ଚେନ୍ନଇ,୧୫।୩(ଏଜେନ୍ସି): ଏଏଫସି ଏସିଆନ୍ କପ୍‌ରୁ ଭାରତ ବିଦା ହୋଇଛି। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟର କ୍ୱାଲିଫାୟର୍ସ ମୁକାବିଲାର ହଂକଂ ସହ ଖେଳାଯିବାକୁ ଥିବା ଶେଷ ମ୍ୟାଚ୍‌ଟି କୋଚିର ନେହରୁ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୩୧ ତାରିଖ ଦିନ ଖେଳାଯିବ। ଏହା ଫଳରେ ଦୀର୍ଘ ୧୦ ବର୍ଷ ପରେ ଏଠାରେ ଭାରତ ଏକ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ଖେଳିବ। ୨୦୧୬ରେ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସର ଭାରତ ଓ ତୁର୍କମେନିସ୍ତାନ ମଧ୍ୟରେ ଶେଷଥର ମ୍ୟାଚ୍ ଖେଳାଯାଇଥିଲା। ଭାରତ ଏହି ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଥିଲେ ମଧ୍ୟ ହଂକଂକୁ ହରାଇ ସାନ୍ତ୍ୱନାମୂଳକ ବିଜୟ ସହ ଅଭିଯାନ ଶେଷ କରିବ ବୋଲି ଆଶା ରଖିଛି।

# ସମ୍ମାନିତ ହେଲେ ଶ୍ରେଷ୍ଠ କ୍ରିକେଟର

ନୂଆଦିଲ୍ଲୀ,୧୫।୩(ଏଜେନ୍ସି)

ଚଳିତ ବର୍ଷ ଲାଗି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଭାରତୀୟ କ୍ରିକେଟ ଖେଳାଳି ଓ ଦଳକୁ ଆଜି ସମ୍ମାନିତ ଓ ପୁରସ୍କୃତ କରିଛି ବିସିସିଆଇ। ଏଠାରେ ରବିବାର ଅନୁଷ୍ଠିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦେଶର ସର୍ବୋଚ୍ଚ କ୍ରିକେଟ ପୁରସ୍କାର ଭାରତର ୩ଜଣ କିଂବଦନ୍ତୀ ଖେଳାଳି ରୋଜର ବିନ୍ନି, ରାହୁଲ ଦ୍ରାବିଡ୍ ଓ ମହିଳା ବିଭାଗରେ ମିତାଲି ରାଜଙ୍କୁ ପ୍ରଦାନ କରାଯାଇଛି। ଏହି ୩ଜଣ ଜଣେ ଖେଳାଳି, ପ୍ରଶାସକ, ପ୍ରଶିକ୍ଷକ ଭାବେ ଭାରତୀୟ କ୍ରିକେଟର ଅନେକ ସେବା କରି ଦେଶର ଗୌରବ ବୃଦ୍ଧି କରିଛନ୍ତି। ଏହା ସହ ପୁରୁଷ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଦ୍ୱିତୀୟଥର ଲାଗି ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ଓ ମହିଳା ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ୫ମ ଥର ଲାଗି ଶ୍ରେଷ୍ଠ ମହିଳା ଅନ୍ତର୍ଜାତୀୟ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଉଭୟ ଖେଳାଳି ସେମାନଙ୍କ ବ୍ୟାଟିଂ ଓ ନେତୃତ୍ୱ ବଳରେ ଭାରତର ସମ୍ମାନ ଓ ଗୌରବ ବଢ଼ାଇଛନ୍ତି। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲେ ଗତ ଦୁଇ ବର୍ଷରେ ୫ଟି ଆଇସିସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବା ଦଳର ଖେଳାଳିମାନେ। ନିକଟରେ ନ୍ୟୁଜିଲାଣ୍ଡକୁ ହରାଇ ପୁରୁଷ ଟି-୨୦ ବିଶ୍ୱକପ୍ ଓ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ହରାଇ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ଖେଳାଳିମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଏମାନଙ୍କୁ ଯଥାକ୍ରମେ ୧୩୧ କୋଟି ଓ ୫୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ମଧ୍ୟ ୫୮ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା। ଭାରତୀୟ କ୍ରିକେଟର ଭବିଷ୍ୟକ ତଥା ୧୯ ବର୍ଷରୁ କମ୍ ବୟସ ବିଭାଗରେ ବିଶ୍ୱଚାମ୍ପିଅନ ହୋଇଥିବା ପୁରୁଷ ଓ ମହିଳା ଦଳକୁ ସମ୍ମାନିତ କରାଯିବା ସହ ୭.୫ କୋଟି ଲେଖାଏଁ ଟଙ୍କା ପୁରସ୍କାର ଦିଆଯାଇଥିଲା।

■ ବିନ୍ନି, ଦ୍ରାବିଡ ଓ ମିତାଲିଙ୍କୁ ଲାଇଫ୍ ଟାଇମ୍ ଆୱାର୍ଡ

■ ଗିଲ୍, ମନ୍ଧାନାଙ୍କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ପୁରସ୍କାର

■ ୫ଟି ଆଇସିସି ଚାମ୍ପିଅନ ଦଳକୁ ଆର୍ଥିକ ପ୍ରୋତ୍ସାହନ





ବିସିସିଆଇ ସଭାପତି ମିଥୁନ ମାନହାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଦେଶର ଏକାଧିକ କିଂବଦନ୍ତୀ କ୍ରିକେଟ ଖେଳାଳି, ପ୍ରଶାସକ ଓ ସ୍ପନ୍‌ସର ଏହି ସମାରୋହର ଶୋଭା ମଣ୍ଡନ କରିଥିଲେ। ବିଶେଷ କରି ଘରୋଇ କ୍ରିକେଟରେ ସଫଳତା ଲାଭ କରିଥିବା ଖେଳାଳିମାନଙ୍କୁ ବରିଷ୍ଠ ସଦସ୍ୟମାନେ ଉତ୍ସାହିତ କରୁଥିବା ଦେଖାଯାଇଥିଲା। ଘରୋଇ ମହିଳା କ୍ରିକେଟର ବରିଷ୍ଠ ବିଭାଗରେ ହରିୟାଣାର ଶେଫାଳି ବର୍ମା ଓ କନିଷ୍ଠ ବିଭାଗରେ ଇରା ଯାଦବଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ରଣଜୀ ଟ୍ରଫିରେ ବିଦର୍ଭର ହର୍ଷ ଦୁବେ ଓ ସୀମିତ ଓଭର କ୍ରିକେଟରେ ମୁମ୍ବଇର ଆୟୁଷ ମାହତ୍ରେ ଶ୍ରେଷ୍ଠ ଅଲରାଉଣ୍ଡର ବା ଲାଲା ଅମରନାଥ ପୁରସ୍କାର ପାଇଛନ୍ତି।

■ ମୋକୋଏନାଙ୍କ ଘାତକ ବୋଲିଂ

## ପ୍ରଥମ ଟି-୨୦ରେ ଜିତିଲା ଦ.ଆଫ୍ରିକା

ମାଉଣ୍ଟ ମାଉଙ୍ଗାନୁଇ,୧୫।୩(ଏଜେନ୍ସି): ଡେବ୍ୟୁଟାଣ୍ଟ ୧୯ ବର୍ଷୀୟ ଫାଷ୍ଟ ବୋଲର ଏନ୍. ମୋକୋଏନାଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଘରୋଇ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍ ସେମିଫାଇନାଲ ପରାଜୟର ପ୍ରତିଶୋଧ ନେବାରେ ଦକ୍ଷିଣ ଆଫ୍ରିକା କିଛିଟା ଆଶ୍ୱସ୍ତି ଲାଭ କରିଛି। ଏହି ମ୍ୟାଚ୍‌ରେ ମୋକୋଏନା ୨୬ ରନ୍‌ରେ ୩ଟି, ଗେରାଲ୍ଡ କୋଏଜି, ଓଟ୍‌ନିଲ ବାର୍ଟମ୍ୟାନ୍ ଓ ଅଧିନାୟକ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧୪.୩ ଓଭରରେ ମାତ୍ର ୯୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମ୍ସ ନୀଶାମ ସର୍ବାଧିକ ୨୬, ଅଧିନାୟକ ମିଚେଲ ସାଣ୍ଟନର ଓ କୋଲ ମ୍ୟାକକୋଞ୍ଚି ୧୫ ରନ୍ ଲେଖାଏଁ କରିଥିଲେ। ଜବାବରେ ଅନ୍ୟତମ ଡେବ୍ୟୁଟାଣ୍ଟ ୱିକେଟକିପର/ଓପନର କନ୍ନର ଇସ୍ତରହୁଇଜେନ୍‌ଙ୍କ ଅପରାଜିତ ୪୫ ରନ୍ ସହାୟତାରେ ଦକ୍ଷିଣ ଆଫ୍ରିକା ୧୬.୪ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ମୋକୋଏନାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲାବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମାର୍ଚ୍ଚ ୧୭ ତାରିଖ ମଙ୍ଗଳବାର ଖେଳାଯିବ।

## ସର୍ଫରାଜ ଅହମ୍ମଦ୍‌ଙ୍କ ଅବସର

କରାଚି,୧୫।୩(ଏଜେନ୍ସି): ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ୱିକେଟରକ୍ଷକ ବ୍ୟାଟର ସର୍ଫରାଜ ଅହମ୍ମଦ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଖେଳରୁ ଅବସର ଘୋଷଣା କରିଛନ୍ତି। ଏକମାତ୍ର ପାକିସ୍ତାନୀ ଅଧିନାୟକ ଭାବେ ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲ (୨୦୧୭ ଚାମ୍ପିଅନ୍ସ ଟ୍ରଫି)ରେ ଭାରତକୁ ହରାଇଥିବା ସର୍ଫରାଜ ଏବେ ଜାତୀୟ ଚୟନକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ ସୂତ୍ରରୁ ଜଣାଯାଇଛି ସର୍ଫରାଜଙ୍କୁ ଟେଷ୍ଟ ଦଳର କୋଚ୍ ଭାବେ ନିଯୁକ୍ତି ଦିଆଯିବ। ସେଥିଲାଗି ତାଙ୍କୁ ଅବସର ନେବାକୁ କୁହାଯାଇଛି।

## ତୃତୀୟ ଦିନିକିଆରେ ତାଞ୍ଜିମଙ୍କ ଶତକ

ଢାକା,୧୫।୩(ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ତୃତୀୟ ତଥା ଶେଷ ଦିନିକିଆରେ ବାଂଲାଦେଶର ତାସ୍କିନ ଅହମ୍ମଦ୍ ଶତକ ହାସଲ କରିଛନ୍ତି। ସେ ୧୦୭ ବଲ୍‌ରେ ୧୦୭, ତୌହିଦ ହୃଦୟ ଅପରାଜିତ ୪୮, ୱିକେଟକିପର ଲିଟନ ଦାସଙ୍କ ୪୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୨୯୦ ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ୧୫ଟି ୱାଇଡ୍ ସମେତ ୨୬ ରନ୍ ଅତିରିକ୍ତ ଦିଆଯାଇଥିଲା। ଫହୀମ ଆଶ୍ରଫଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ୪୦ ଓଭର ଖେଳ ଶେଷ ସୁଦ୍ଧା ପାକିସ୍ତାନ ୭ ୱିକେଟରେ ୨୧୧ ରନ୍ କରିନେଇଛି। ସଲମାନ ଅଲି ଆଘା ୭୭ ରନ୍ କରି ଦଳକୁ ଜିତାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ବାଂଲା ପକ୍ଷରୁ ତସ୍କିନ ୩ଟି, ନାହିଦ୍ ରାଣା ଓ ମୁସ୍ତାଫିଜୁର ରହମନ ୨ଟି ଲେଖାଏଁ ୱିକେଟ ନେଇଛନ୍ତି। ଏହି ସମୟରେ ପାକିସ୍ତାକୁ ମ୍ୟାଚ୍ ଜିତିବା ଲାଗି ୬୦ ବଲ୍‌ରେ ୮୦ ରନ୍ ଆବଶ୍ୟକ ହେଉଛି।

## ଜାତୀୟ ଯୁବ ଭଲିବଲ ଉଦ୍‌ଘାଟିତ



ଭୁବନେଶ୍ୱର,୧୫।୩(ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଆସନ୍ତାକାଲିଠାରୁ ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ ଭାରତୀୟ ଭଲିବଲ ମହାସଂଘର ପାଟ୍ରନ ଅଚ୍ୟୁତ ସାମନ୍ତ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। କିଟ୍ ପରିସରରେ ଥିବା ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ଭଲିବଲ ସଂଘ ଓ କିଟ୍ ୟୁନିଭର୍ସିଟିଜର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଥିରେ ୨୬ଟି ପୁରୁଷ ଓ ୨୪ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଆଜିର ଉଦ୍‌ଘାଟନୀ ଉତ୍ସବରେ ଭଲିବଲ ମହାସଂଘର ସାଧାରଣ ସଭାପତି ବୀରେନ୍ଦ୍ର କନୱର, ସମ୍ପାଦକ ରାମାନନ୍ଦ ଚୌଧୁରୀ, ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶ, କିଟ୍ ଓ କିସ୍ ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

● ଷଷ୍ଠ ବିଶ୍ୱଦର୍ଶନୀ ସ୍ମାରକୀ ଚେସ୍

## ପ୍ରିୟଦର୍ଶନ ରାୟ ଚାମ୍ପିଅନ

ଭୁବନେଶ୍ୱର,୧୫ ।୩(ସମିସ): ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ରବିବାର ଷଷ୍ଠ ବିଶ୍ୱଦର୍ଶନୀ ବିସ୍ମିତାରାଣୀ ସାହୁ ସ୍ମାରକୀ ରାଜ୍ୟସ୍ତରୀୟ ଓପନ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଚେସ୍ ଆସୋସିଏସନ ଓ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚେସ୍ ପ୍ରତିଯୋଗିତାରେ ସିଡ଼ିଏ ଡିଏଭି ପବ୍ଲିକ୍ ସ୍କୁଲର ପ୍ରିୟଦର୍ଶନ ରାୟ ୫ମ ରାଉଣ୍ଡ ଶେଷ ସୁଦ୍ଧା ୪ ପଏଣ୍ଟ ପାଇ ଟାଇଟଲ ହାସଲ କରିଛନ୍ତି। ସେହିପରି ମନୀଷ ରଞ୍ଜନ ଦାସ ଦ୍ୱିତୀୟ, ଆୟୁଷ୍ମାନ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବର୍ଗ ଓ ବାଳିକା ବିଭାଗରେ ମଧ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା ଓ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଓମ୍ ଗୁରୁକୁଳ ସ୍କୁଲ (କେସୁରା)ର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ବିଶ୍ୱାଳ, ଦେବାଶିଷ ପାଣିଗ୍ରାହୀ, କନୋଜ କୁମାର ବେହେରା, ବିଶ୍ୱଦର୍ଶନୀଙ୍କ ସ୍ୱାମୀ ପ୍ରିୟବର୍ତ୍ତ ସାହୁ ଓ ତାଙ୍କ ପୁଅ ଶାଶ୍ୱତ ସୌମ୍ୟବ୍ରତ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ | 

## କ୍ୱାର୍ଟରଫାଇନାଲରେ ଏମ୍‌ସିଏ




ଭୁବନେଶ୍ୱର,୧୫।୩(ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତି ଏଲ୍‌ଏଲ୍‌ସିସି ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ୧୪ ବର୍ଷରୁ କମ୍ କ୍ଲବ୍ ସ୍ତରର ୫ମ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଦଳର 'ବି' ଟିମ୍‌କୁ ୨୦୩ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଏମ୍‌ସିଏ ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ କୌଶିକ ସାହୁଙ୍କ ଅପରାଜିତ ୧୧୩ ଓ ସାଇପ୍ରଜ୍ୟୋତି ଶତପଥୀ ୮୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଏମସିଏ ନିର୍ଦ୍ଧାରିତ ୩୫ ଓଭରରେ ୩ ୱିକେଟ ହରାଇ ୩୧୨ ରନ୍ କରିଥିଲା। ଜବାବରେ ଏଲ୍‌ଏଲ୍‌ସିସି-ବି' ୨୬.୫ ଓଭରରେ ୧୦୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ସାଇପ୍ରଜ୍ୟୋତି ଓ ସହସ୍ରାଂଶୁ ୩ଟି ଲେଖାଏଁ, ଶିବାଶିଷ ସିଂ ୨ଟି ୱିକେଟ ପାଇଥିଲେ। ଏଲ୍‌ଏଲ୍‌ସିସିର ଦିବ୍ୟାଂଶୁ ୩୨ ଓ ଲାଡୋ ୨୮ ରନ୍ କରିଥିଲେ। ବିଜୟୀ ଦଳର ସାଇପ୍ରଜ୍ୟୋତିଙ୍କ ଅଲରାଉଣ୍ଡ ସଫଳତା (୮୪ରନ୍, ୩ୱିକେଟ) ଲାଗି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ରାଜକିଶୋର ନାୟକ ପ୍ରଦାନ କରିଥିଲେ।

ଟିଲୋ କପ୍ କ୍ରିକେଟ ଉଦ୍‌ଯାପିତ

# ନିମପୁରକୁ ହରାଇ ଦିଲ୍ଲୀ ସିଏଜି ଚାମ୍ପିଅନ

ବନ୍ତ/ଆଗରପଡ଼ା,୧୫।୩(ସମିସ)

କମ୍ପ୍‌ଟ୍ରୋଲର୍ ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଦିଲ୍ଲୀ ୭ ୱିକେଟରେ ନିମପୁର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତବର୍ଷର ସର୍ବଭାରତୀୟ ଟିଲୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭଦ୍ରକ ଜିଲ୍ଲା ଟିଲୋସ୍ଥିତ ହନୁମାନଜୀଉ ପଡ଼ିଆରେ ରବିବାର ଖେଳାଯାଇଥିବା ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନିମପୁର ୧୯.୫ ଓଭରରେ ମାତ୍ର ୯୭ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସୁଶିଲ ବାରିକ ୩୫ ଓ ବିକ୍ରମ ସାମଲ ୩୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ପ୍ରତିପକ୍ଷ ଦଳର ଓଡ଼ିଶା ରଣଜୀ ଖେଳାଳି ଦେବବ୍ରତ ପ୍ରଧାନଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ଆରାଫତ୍ ଖାନ୍‌ଙ୍କୁ ଓ ପ୍ରୟାସ ରାୟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ସିଏଜି ଟିମ୍, ଦିଲ୍ଲୀ ୧୩.୩ ଓଭରରେ ମାତ୍ର ୩ ୱିକେଟ ହରାଇ ୯୯ ରନ୍ କରିବା ସହ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓଡ଼ିଶାର ଅନ୍ୟତମ ରଣଜୀ ଅଲରାଉଣ୍ଡର କାର୍ତ୍ତିକ ବିଶ୍ୱାଳ ୨୭ ବଲ୍‌ରେ ୨୪, ଗୁରିନ୍ଦର ସିଂ ୧୨ ବଲ୍‌ରେ ୨୨ ଓ ସୁମିତ ମାଥୁର ୨୭ ବଲ୍‌ରେ ୨୪ ରନ୍ କରି ଦଳକୁ ଚାମ୍ପିଅନ କରାଇଥିଲେ। ନିମପୁର ପକ୍ଷରୁ ରଣଜୀ ଖେଳାଳି ତରଣୀ ସ, ଜାମଳାଭଞ୍ଜନ ମହାପାତ୍ର ଓ ସୁଶିଲ ବାରିକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳ ପକ୍ଷରୁ ଘାତକ ବୋଲିଂ କରିଥିବା ଦେବବ୍ରତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ, ସୁମିତ ମାଥୁରଙ୍କୁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବବ୍ରତ ଶ୍ରେଷ୍ଠ କ୍ୟାଚର, ସୁମିତ ଶ୍ରେଷ୍ଠ ବ୍ୟାଟର, ଆରାଫତ୍ ଖାନ୍ ଶ୍ରେଷ୍ଠ ବୋଲର ଓ କାର୍ତ୍ତିକ ଶ୍ରେଷ୍ଠ ୱିକେଟକିପର ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ରଞ୍ଜନ ମହାନ୍ତି ଓ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ସୁମିତ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲାବେଳେ ସୁକାନ୍ତ ବେହେରା ଓ ରସିଦୁଲ ଓହିଦ୍ ଧାରାବିବରଣୀ ପ୍ରଦାନ କରିଥିଲେ।




ଖେଳ ଶେଷରେ ଆୟୋଜିତ ଉତ୍ସବରେ ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ତଥା ରଣଜୀ ଖେଳାଳି ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଆୟୋଜକ ଟିଲୋ ଆଥ୍‌ଲେଟିକ ଆସୋସିଏସନର ଉପଦେଷ୍ଟା ମନ୍ମଥ ରାଉଳ, ବନ୍ତ ବ୍ଲକ୍ ଚେୟାରମ୍ୟାନ୍ ମନୋରଞ୍ଜନ ଘଡାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

# କିଶୋରକୁ ହରାଇ ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର,୧୫ ।୩(ସମିସ): ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖିମଜୀ କପ୍ ମୁକ୍ତେଶ୍ୱର ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳଯାଇଥିବା ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ପାରାମାଉଣ୍ଟ ୧୪ ରନରେ କିଶୋର ସ୍ପୋର୍ଟକୁ ପରାସ୍ତ କରି ସେମି ଟିକଟ ହାସଲ କରିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୮ ୱିକେଟ ହରାଇ ୨୩୮ ରନ ସଂଗ୍ରହ କରିଥିଲା। ଜବାବରେ କିଶୋର ୩୯.୧ ଓଭରରେ ୨୨୪ ରନକରି ଅଲଆଉଟ ହେବା ସହ ବିଜୟଠାରୁ ୧୫ ରନ ଦୂରରେ ରହିଯାଇଥିଲା। କିଶୋର ତରଫରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୪୨, ହାରୀ ଡୋଟେର ୩୬, ବିଶ୍ୱଭୂଷଣ ବିହାରୀ ୩୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାରାମାଉଣ୍ଟ ତରଫରୁ ମିନାଲ ପରିଡ଼ା ୩, ସେଖ ସାକିବ ସରବେର ଓ ଅଂଶୁମାନ ସାହୁ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ତରଫରୁ ଅଧିନାୟକ ଅଂଶୁମାନ ସାହୁ ସର୍ବାଧିକ ୭୨, ମିନାଲ ପରିଡ଼ା ୩୭, ଏମ୍ ଜ୍ଞାନେନ୍ଦ୍ର କୁମାର ୩୨, ସୁଦର୍ଶନ ସ୍ୱାଇଁ ୨୩ ରନ ସଂଗ୍ରହ କରିଥିଲେ। ବୋଲିଂରେ କିଶୋର ପକ୍ଷରୁ ଆଶୁତୋଷ ଦାସ ୩ ୱିକେଟ ଅକ୍ତିଆର କରିଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ୩୭ ରନ କରିବା ସହ ୩ ୱିକେଟ ଅକ୍ତିଆର କରିଥିବା ପାରାମାଉଣ୍ଟର ମିନାଲ ପରିଡ଼ାଙ୍କୁ ମ୍ୟାଚ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଏହି ଅବସରରେ ପୂର୍ବତନ କ୍ରିକେଟର ତଥା ମୁକ୍ତେଶ୍ୱର କ୍ଲବ ସଦସ୍ୟ ଶଶାଙ୍କ ମହାନ୍ତି, ଅଜିତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଆସନ୍ତାକାଲି ଅର୍ଥାତ ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାୟୋନିୟର ପୁରୀ ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS